Follow Us On @
www.ekamaatra.com
editor@ekamaatra.com
ekamaatra@gmail.com
advt@ekamaatra.com
ekamaatraodia
ekamaatranews

EKAMAATRA
# ଏକମାତ୍ର
ଅନୁସନ୍ଧାନ ପରେ ଖବର

RNI Regd. No. ODIODI/2017/71524


ଓଡ଼ିଶାରେ କ୍ୱଚିତ୍ ଦେଖାଯାଉଥିବା ୮ ପାଖୁଡ଼ିଆ ଟଗର ଫୁଲ

ବର୍ଷ-୧ ସଂଖ୍ୟା-୨୭ ୧୭ - ୨୩ ଜୁଲାଇ, ୨୦୧୭ ଭୁବନେଶ୍ୱର • Monday Weekly • VOL-1 ISSUE-27 17th-23rd July, 2017 BHUBANESWAR ₹ 5/- (8 Pages)

### କାଶ୍ମୀର ପ୍ରସଙ୍ଗରେ ଭାରତର କଡ଼ା ଜବାବ

## ଟାର୍ଗେଟରେ ଚୀନ୍



**ନୂଆଦିଲ୍ଲୀ :** କାଶ୍ମୀର ପ୍ରସଙ୍ଗରେ ମଧ୍ୟସ୍ଥତା କରିବାକୁ ଚୀନ୍ ଦେଇଥିବା ପ୍ରସ୍ତାବ ଗ୍ରହଣୀୟ ନୁହେଁ ବୋଲି ଏହାକୁ ପ୍ରତ୍ୟାଖ୍ୟାନ କରିଛି ଭାରତ। କାଶ୍ମୀର ବିବାଦର ସମାଧାନ ପାଇଁ ଭାରତ ଓ ପାକିସ୍ତାନ ମଧ୍ୟରେ ସମ୍ପର୍କ ସୁଧାରିବା ଦିଗରେ ଚୀନ୍ ପ୍ରୟାସ ଆରମ୍ଭ କରିବ ବୋଲି ଆଗ୍ରହ ଦେଖାଇ ଚୀନ୍‌ର ବିଦେଶ ମନ୍ତ୍ରଣାଳୟ ପ୍ରବକ୍ତା ଏକ ପ୍ରସ୍ତାବ ଦେଇଥିଲେ। ଏହାକୁ ଭାରତର ବିଦେଶ ମନ୍ତ୍ରଣାଳୟ ପ୍ରବକ୍ତା ଗୋପାଳ ବାଗଲେ ପ୍ରତ୍ୟାଖ୍ୟାନ କରିବା ସହିତ ଏଥିରେ ତୃତୀୟ ପକ୍ଷ ହସ୍ତକ୍ଷେପର କୌଣସି ଆବଶ୍ୟକତା ନାହିଁ ବୋଲି ସ୍ପଷ୍ଟ କରିଦେଇଛନ୍ତି। ➤ ପୃ-୭

### ଓଡ଼ିଶାରେ ପ୍ରଚାର ସାରି ଫେରିଗଲେ ଏନ୍‌ଡିଏ ରାଷ୍ଟ୍ରପତି ପ୍ରାର୍ଥୀ ରାମନାଥ କୋବିନ୍ଦ

## 'ଦେଶର ନେତା ଭାବେ କାର୍ଯ୍ୟ କରିବି'

**ଭୁବନେଶ୍ୱର :** ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ)ର ରାଷ୍ଟ୍ରପତି ପ୍ରାର୍ଥୀ ରାମନାଥ କୋବିନ୍ଦଙ୍କୁ ସମର୍ଥନ ଘୋଷଣା କରିଛି ବିଜୁ ଜନତା ଦଳ। ଶୁକ୍ରବାର ଶ୍ରୀ କୋବିନ୍ଦ ଓଡ଼ିଶାରେ ପହଞ୍ଚି ନିଜର ସପକ୍ଷରେ ପ୍ରଚାର ସାରି ନୂଆଦିଲ୍ଲୀ ଫେରିଛନ୍ତି। କୋବିନ୍ଦଙ୍କ ଓଡ଼ିଶା ଗସ୍ତ ଅବସରରେ ବିମାନବନ୍ଦର ଠାରୁ ତାଙ୍କର ପ୍ରସ୍ତାବକ ତଥା ବିଜେଡି ଉପସଭାପତି ସୂର୍ଯ୍ୟନାରାୟଣ ପାତ୍ରଙ୍କ ସହ ମିଶି ଗୋଟିଏ ଗାଡିରେ ରାଜ୍ୟ ଅତିଥି ଭବନ ଆସିଥିଲେ। ସେଠାରେ ବିଜେଡି ଓ ଭାଜପାର ବହୁ ବରିଷ୍ଠ ନେତା କୋବିନ୍ଦଙ୍କୁ ସ୍ୱାଗତ ଜଣାଇଥିଲେ। କିଛି ସମୟ ପାଇଁ ରାଜ୍ୟ ଅତିଥି ଭବନରେ ବିଶ୍ରାମ ନେବା ପରେ କୋବିନ୍ଦ ବିଧାନସଭା ଯାଇଥିଲେ। ବିଧାନସଭାର ସମ୍ମିଳନୀ କକ୍ଷ ବାହାରେ ତାଙ୍କୁ ବିଜେଡି ପକ୍ଷରୁ ଭର୍ତ୍ତୃହରି ମହତାବ, ଦିଲୀପ ତିର୍କି, ଅମର ଶତପଥୀ ସମ୍ବର୍ଦ୍ଧନା ଜଣାଇ ସମ୍ମିଳନୀ



କକ୍ଷକୁ ପାଛୋଟି ନେଇଥିଲେ। ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ କୋବିନ୍ଦଙ୍କ ପ୍ରାର୍ଥୀପତ୍ରରେ ପ୍ରସ୍ତାବକ ଥିବା ଶ୍ରୀ ପାତ୍ର କୋବିନ୍ଦଙ୍କ ବିଚକ୍ଷଣ ବୁଦ୍ଧି, ନମ୍ରତା, ସହିଷ୍ଣୁତା ଓ ଶିକ୍ଷାଗତ ଯୋଗ୍ୟତା ଉପରେ ବିଧାୟକ ଏବଂ ସାଂସଦମାନଙ୍କୁ ଅବଗତ କରାଇଥିଲେ। ଏଥିରେ ସାଂସଦ ଶ୍ରୀ ମହତାବ,

### କ୍ରସ୍ ଭୋଟିଂ ହେବନି : ନବୀନ

ଶ୍ରୀ ତିର୍କି, ତଥାଗତ ଶତପଥୀ କୋବିନ୍ଦଙ୍କୁ ବିଜେଡିର ସମର୍ଥନ ଘୋଷଣା ସହ ନବୀନ ସରକାର ଓଡ଼ିଶାର ଚିତ୍ରକୁ କିଭଳି ବଦଳାଇ ପାରିଛନ୍ତି ସେକଥା କହିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଯୋଗୁଁ ଓଡ଼ିଶାର ବିକାଶ ସମ୍ଭବ ହୋଇପାରିଛି ବୋଲି ଏମାନେ କହିଥିଲେ। ➤ ପୃ-୭

### ଏନ୍‌ଏସ୍‌ଜିର ସମରାଭ୍ୟାସ 'ଇଗଲ କ୍ଲଜ୍'

## ୨୪ଟି ସ୍ପର୍ଶକାତର ସ୍ଥାନ ଚିହ୍ନଟ



**ଭୁବନେଶ୍ୱର :** ଓଡ଼ିଶା ପୋଲିସକୁ ଆତଙ୍କବାଦ ବିରୋଧରେ ସଚେତନ କରାଇବା ଏବଂ କୌଣସି ସମ୍ଭାବ୍ୟ ସ୍ଥିତିରେ କିଭଳି ସମନ୍ୱୟ ରକ୍ଷା କରି ଲଢ଼େଇ କରାଯାଇପାରିବ ସେଥିପାଇଁ ଗତ ୩ ଦିନ ଧରି ଏନ୍‌ଏସ୍‌ଜି ପକ୍ଷରୁ ଚାଲିଥିବା ମକ୍ ଡ୍ରିଲ୍ ସମ୍ପର୍କରେ ପୁଲିସ ମହାନିର୍ଦ୍ଦେଶକ କେ ବି ସିଂହ ସୂଚନା ଦେଇଛନ୍ତି। ଏନ୍‌ଏସ୍‌ଜି ପକ୍ଷରୁ ରାଜଧାନୀରେ ଅନୁଷ୍ଠିତ ହୋଇଥିବା ଏହି ମକ୍ ଡ୍ରିଲ୍‌ର ନାମକରଣ କରାଯାଇଛି 'ଇଗଲ୍ କ୍ଲଜ୍'। ➤ ପୃ-୭

## ବିଶ୍ୱରେ ବିଶ୍ୱସନୀୟ ମୋଦି ସରକାର

**ନୂଆଦିଲ୍ଲୀ :** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ଭାରତ ସରକାର ବିଶ୍ୱର ଅନ୍ୟ ରାଷ୍ଟ୍ରର ସରକାରଙ୍କ ତୁଳନାରେ ସର୍ବାଧିକ ବିଶ୍ୱସନୀୟ। ଅର୍ଗାନାଇଜେସନ ଫର୍ ଇକୋନାମିକ୍ କୋଅପରେଶନ ଆଣ୍ଡ୍ ଡେଭ୍‌ଲପ୍‌ମେଣ୍ଟ (ଓଇସିଡି)ର ରିପୋର୍ଟରେ ଏହା କୁହାଯାଇଛି। ଏହି ରିପୋର୍ଟ

### ଓଇସିଡି ରିପୋର୍ଟ

ମୁତାବକ, ଭାରତର ନାଗରିକ ନିଜ ସରକାରଙ୍କ ଉପରେ ବିଶ୍ୱାସ ରଖିଛନ୍ତି ଏବଂ ଏହି ଦେଶ ସରକାରଙ୍କ ଉପରେ ବିଶ୍ୱାସ ମାମଲାରେ ବିଶ୍ୱରେ ଶୀର୍ଷରେ ରହିଛି। ବିଶ୍ୱବ୍ୟାପୀ ସରକାରଙ୍କୁ ନିଜ ନିଜ ଦେଶର ଆର୍ଥିକ, ସାମାଜିକ ଓ ପରିବେଶ ସ୍ଥିତିକୁ ବୁଝିବାରେ ସହଯୋଗ କରୁଥିବା ଏହି ସଂଗଠନ ମତରେ, ୭୩% ଭାରତୀୟଙ୍କୁ ମୋଦି ସରକାର ଉପରେ ବିଶ୍ୱାସ ରହିଛି ଯାହାକି ବିଶ୍ୱର ଅନ୍ୟ ସମସ୍ତ ଦେଶ ତୁଳନାରେ ଅଧିକ। ୨୦୧୪ରେ ବିଜେପି କ୍ଷମତାକୁ ଆସିବା ପରେ ମୋଦି ସରକାର ସାମାଜିକ କ୍ଷେତ୍ର ସହ ଆର୍ଥିକ କ୍ଷେତ୍ରରେ ଅନେକ ନୂତନ ନୀତି ଲାଗୁ କରିଛନ୍ତି। ➤ ପୃ-୭



### ଜେଲ୍‌ରେ ଶଶିକଳାଙ୍କ ବିଳାସମୟ ଜୀବନ

## ୨ କୋଟି ଦେଇ ଭିଆଇପି ଟ୍ରିଟ୍‌ମେଣ୍ଟ



ଚେନ୍ନାଇ : ନିର୍ବାଚନ ଆୟୋଗ କର୍ମଚାରୀଙ୍କୁ ଲାଞ୍ଚ, ମୂଳଚିହ୍ନ ପାଇଁ ଲାଞ୍ଚ, ନିର୍ବାଚନରେ ଜିତିବା ପାଇଁ ଲାଞ୍ଚ ଓ ଟଙ୍କା ବଣ୍ଟା ନେଇ ଏଆଇଡିଏମ୍‌କେ ନେତ୍ରୀ ଶଶିକଳା ସର୍ବଦା ଚର୍ଚ୍ଚାରେ ରହିଛନ୍ତି। ଏବେ ପୁଣି ଏକ ନୂଆ ବିବାଦ ଯୋଡିହୋଇଛି ତାଙ୍କ ସହ। ସେ ଜେଲ୍‌ରେ ବିଳାସମୟ ଜୀବନ ବିତାଇବା ଓ ସୁଖ, ସୁବିଧା ହାସଲ କରିବା ପାଇଁ ଅଧିକାରୀଙ୍କୁ ଲାଞ୍ଚ ମାମଲାରେ ଛନ୍ଦି ହୋଇଛନ୍ତି। ତାମିଲନାଡୁର ଦିବଂଗତ ମୁଖ୍ୟମନ୍ତ୍ରୀ ଜୟଲଳିତାଙ୍କ ଏକାନ୍ତ ସହଯୋଗୀ, ବାନ୍ଧବୀ ତଥା ଏଡିଆଇଏମ୍‌କେ ସାଧାରଣ ସମ୍ପାଦିକା ଭି.କେ.ଶଶିକଳା ଏମିତି ନାନା ଲାଞ୍ଚ ମାମଲାରେ ଫସିଗଲେଣି। କ୍ଷମତା ଉପଭୋଗ କରିବା ପାଇଁ ସେ ଯେକୌଣସି ସ୍ତରକୁ ଯାଇପାରନ୍ତି ବୋଲି ଏବେ ସାଧାରଣରେ ଚର୍ଚ୍ଚା ହେଉଛି। ଦୁର୍ନୀତି ଅଭିଯୋଗରେ ଦୋଷୀ ସାବ୍ୟସ୍ତ ହେବା ପରେ ୬ମାସ ହେଲା ବେଙ୍ଗାଲୁରୁର ପାରାପ୍ପାନା ଆଗ୍ରାହାର କେନ୍ଦ୍ରୀୟ ଜେଲ୍‌ରେ ୧୦ ବର୍ଷର ଜେଲ୍ ଦଣ୍ଡ କାଟୁଛନ୍ତି। ➤ ପୃ-୭




### ମୋବାଇଲ୍-ଇଣ୍ଟର୍‌ନେଟ୍ ବ୍ୟବହାର ଉପରେ ନଜର

## ହେବ ଫୋନ୍ ଟ୍ୟାପିଙ୍ଗ୍

**ଭୁବନେଶ୍ୱର :** ମୋବାଇଲ୍ ଫୋନ୍ ଏବଂ ଇଣ୍ଟର୍‌ନେଟ୍ ବ୍ୟବହାର ଉପରେ ଏବେ ରାଜ୍ୟ ସରକାରଙ୍କ ନଜର ପଡ଼ିଛି। ଅପରାଧ ରୋକିବା ଏବଂ ଅସାଧୁ ଅର୍ଥ କାରବାରକୁ ଠାବ କରିବା ଆଳରେ ରାଜ୍ୟ ସରକାର ସାଧାରଣ ଲୋକମାନଙ୍କ ଫୋନ୍ ଟ୍ୟାପିଙ୍ଗ୍ କରିବେ। କାଳେ ଏନେଇ ଜନଆକ୍ରୋଶ ସୃଷ୍ଟି ହେବ ସେଥିପାଇଁ ଅତ୍ୟନ୍ତ ଗୋପନୀୟ ଢଙ୍ଗରେ ଏହି ଯୋଜନା ପ୍ରସ୍ତୁତ କରାଯାଇଛି। ମିଳିଥିବା ସୂଚନା ଅନୁସାରେ ଏଥିପାଇଁ କେନ୍ଦ୍ର ସରକାରଙ୍କ ସେଣ୍ଟ୍ରାଲ୍ ମନିଟରିଂ ସିଷ୍ଟମ୍‌ର ସହାୟତା ନିଆଯିବ। ପୁଲିସ୍ ମ୍ୟାନୁଆଲରେ ଥିବା ନିୟମ ଅନୁସାରେ ଗୃହ ବିଭାଗର ବିନା ଅନୁମତିରେ ଲୋକମାନଙ୍କ ଫୋନ୍ ଟ୍ୟାପିଙ୍ଗ୍ କରାଯାଇପାରିବ ନାହିଁ। କିନ୍ତୁ ଖୋଦ୍ ଗୃହ ବିଭାଗ ଲୋକଙ୍କ ଫୋନ୍ ଟ୍ୟାପିଙ୍ଗ୍ ଏବଂ ➤ ପୃ-୭



## ଏମ୍ସରେ ହନି-ସିଂହ



**ଭୁବନେଶ୍ୱର :** କନ୍ଧମାଳର ଯୋଡ଼ାମୁଣ୍ଡ ଶିଶୁ ଦିଲ୍ଲୀରେ । ଗତକାଲି ରାଜଧାନୀ ଏକ୍ସପ୍ରେସ ଯୋଗେ ଏମାନଙ୍କୁ ଦିଲ୍ଲୀ ନିଆଯାଇଥିଲା। ଶୁକ୍ରବାର ପହଞ୍ଚିବାପରେ ଓଡ଼ିଶା ଭବନରେ ରହିଥିଲେ। ପରେ ଏମାନଙ୍କ ଏମ୍‌ସରେ ଚିକିତ୍ସା ଆରମ୍ଭ ହୋଇଛି। ଯୋଡ଼ାମୁଣ୍ଡ ଶିଶୁଙ୍କ ଚିକିତ୍ସା ପାଇଁ ଏମ୍‌ସର ନିରୋ ସର୍ଜନ ଅଶୋକ ମହାପାତ୍ରଙ୍କୁ ଦାୟିତ୍ୱ ଦିଆଯାଇଛି। ଡ. ମହାପାତ୍ରଙ୍କ ଅନୁଯାୟୀ ବିଭିନ୍ନ ପରୀକ୍ଷାନିରୀକ୍ଷା ପରେ ଅସ୍ତ୍ରୋପଚାର କରାଯିବ। ଅପରେସନ୍ ୨୪ ଘଣ୍ଟାରୁ ଅଧିକ ସମୟ ଲାଗିବ। ଏଥିପାଇଁ ପ୍ଲାଷ୍ଟିକ୍ ସର୍ଜରୀ ଆଦି ବିଭାଗ ସହ ୪/୫ଟି ବିଭାଗର ଆବଶ୍ୟକତା ରହିଛି। ତେବେ ପରୀକ୍ଷାନିରୀକ୍ଷା ପରେ ଯାହା କିଛି ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି। ଅନ୍ୟ ପକ୍ଷରେ ଯୋଡ଼ାମୁଣ୍ଡ ଶିଶୁଙ୍କ ଆଶୁ ଆରୋଗ୍ୟ କାମନା କରାଯାଇଛି। ରାଜ୍ୟରୁ ଏହି ଶିଶୁଙ୍କ ପାଇଁ ଶୁଭକାମନାର ସୁଅ ଛୁଟିଛି।

## ପ୍ରତି ଥାନାରେ ମହିଳା 'ଶକ୍ତି ଟିମ୍'

**ଭୁବନେଶ୍ୱର :** କମିଶନରେଟ୍ ପୁଲିସ ଦ୍ୱୈତନଗରୀରେ ମହିଳାଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାରଙ୍କର ନିର୍ଭୟା ପ୍ରକଳ୍ପରୁ ସହାୟତା ଲାଗି ଯେଉଁ ପ୍ରସ୍ତାବ ପଠାଇଥିଲା ତାକୁ ସବୁଜ ସଙ୍କେତ ମିଳିଛି। କମିଶନରେଟ୍ ପୁଲିସର ଏହି ପ୍ରସ୍ତାବରେ କେତେକ ସଂଶୋଧନ କରାଯିବା ଲାଗି କେନ୍ଦ୍ର ସରକାର ସୁପାରିସ କରିଛନ୍ତି। ଖୁବ୍‌ଶୀଘ୍ର ଏନେଇ ଚୂଡ଼ାନ୍ତ ପ୍ରସ୍ତାବ ଦିଆଯିବ ବୋଲି ପୁଲିସ କମିଶନର ଯୋଗେଶ ବାହାଦୂର ଖୁରାନିଆ କହିଛନ୍ତି। ନୂଆଦିଲ୍ଲୀରେ ଚଳନ୍ତା ବସ୍‌ରେ ଜଣେ ଛାତ୍ରୀଙ୍କୁ ବଳାତ୍କାର କରାଯିବା ଘଟଣା ପରେ କେନ୍ଦ୍ର ସରକାର ୨୦୧୪ ପରଠାରୁ ମହିଳାଙ୍କ ସୁରକ୍ଷା ପାଇଁ ବଜେଟ୍‌ରେ ୧୦୦୦ କୋଟି ଟଙ୍କା ବ୍ୟୟ ବରାଦ ରଖିଛନ୍ତି। ଏହି ବଜେଟ୍‌ରୁ ପ୍ରଥମ ପର୍ଯ୍ୟାୟରେ କମିଶନରେଟ ପୁଲିସ ନିର୍ଭୟା ଯୋଜନାରୁ ୧୩୫ କୋଟି ଟଙ୍କା ପାଇବା ଲାଗି ଏକ 'ନିରାପଦ ସହର ପ୍ରକଳ୍ପ' ପ୍ରସ୍ତାବ ଦେଇଥିଲା। ତେବେ ଏହି ପ୍ରକଳ୍ପରେ ବ୍ୟୟ ହେବାକୁ ଥିବା ଅର୍ଥରୁ କେନ୍ଦ୍ର ସରକାର ୬୦ ପ୍ରତିଶତ ଅନୁଦାନ ଦେବାକୁ ସର୍ତ୍ତ ରଖିଛନ୍ତି। ବାକି ୪୦ ପ୍ରତିଶତ ରାଜ୍ୟ ସରକାର ବହନ କରିବେ ବୋଲି ଜଣାପଡିଛି। ଦ୍ୱୈତନଗରୀର ୪୧ଟି ଥାନା ଅଧୀନରେ ପ୍ରାୟ ୨୦ ଲକ୍ଷ ଲୋକ ରହୁଛନ୍ତି। ମହିଳାଙ୍କ ସୁରକ୍ଷା ଦିନକୁ ଦିନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇପଡୁଛି। ଦ୍ୱୈତନଗରୀରେ ମହିଳା ଓ ଶିଶୁଙ୍କ ଉପରେ ଘଟୁଥିବା ଅପରାଧ ଉପରେ ନଜର ରଖିବା ଲାଗି ଏହି ଯୋଜନାରେ ଉଭୟ କଟକ ଓ ଭୁବନେଶ୍ୱର ପୁଲିସ ସହରାଞ୍ଚଳର ସମ୍ବେଦନଶୀଳ ପ୍ରାୟ ୩୦୦ ସ୍ଥାନରେ ୩୦୦୦ କ୍ୟାମେରା ଲଗାଯିବା ପାଇଁ ଯୋଜନା କରାଯାଇଛି। ଏଥିରେ ସ୍ଥିର ଓ ଗତିଶୀଳ କ୍ୟାମେରା ରହିବ। ➤ ପୃ-୭

## ବିଶ୍ୱ ଐତିହ୍ୟ ମାନ୍ୟତାରୁ ବଞ୍ଚିତ ଭିତରକନିକା

**କେନ୍ଦ୍ରାପଡ଼ା :** ବିଶ୍ୱ ଐତିହ୍ୟରେ ସାମିଲ ହେବାକୁ ପ୍ରମୁଖ ଦାବିଦାର ଥିବା ଜାତୀୟ ଉଦ୍ୟାନ ଭିତରକନିକାକୁ ଶକ୍ତ ଧକ୍କା ଲଗିଛି। ବହୁ ପ୍ରତୀକ୍ଷିତ ୱାର୍ଲଡ ହେରିଟେଜ ଲିଷ୍ଟରେ ଭିତରକନିକାର ନାମ ସ୍ଥାନିତ ହେବାକୁ ନେଇ କିଛି ମାସ ଧରି ସୃଷ୍ଟ ଆଶା ଓ ଉତ୍କଣ୍ଠାରେ ଭଟ୍ଟା ପଡ଼ିଛି। ପୋଲାଣ୍ଡର କାର୍କୋ ସହରଠାରେ ୟୁନେସ୍କୋ ଦ୍ୱାରା ଆୟୋଜିତ ବିଶ୍ୱ ଐତିହ୍ୟ କମିଟିର ୪୧ତମ ଅଧିବେଶନରେ ସର୍ବସମ୍ମତିକ୍ରମେ ଭିତରକନିକାକୁ ବିଶ୍ୱ ଐତିହ୍ୟ ତାଲିକାରେ ସାମିଲ କରା ନଯିବାକୁ ନିଷ୍ପତ୍ତି ହୋଇଛି। ଭିତରକନିକା ସମ୍ପର୍କରେ ରାଜ୍ୟ ସରକାରଙ୍କ ଜଙ୍ଗଲ ବିଭାଗ ତରଫରୁ ଦର୍ଶାଯାଇଥିବା ତଥ୍ୟ ତ୍ରୁଟିପୂର୍ଣ୍ଣ ଥିବାରୁ ଏହାକୁ କମିଟି ଶେଷରେ ପ୍ରତ୍ୟାଖ୍ୟାତ କରିଥିବା ଜଣାପଡ଼ିଛି। ୨୦୦୮ରେ ପ୍ରଥମ ଥର ପାଇଁ ଭିତରକନିକା ଜାତୀୟ ଅଭୟାରଣ୍ୟକୁ ବିଶ୍ୱ ଐତିହ୍ୟରେ ସାମିଲ କରାଯିବାକୁ ଉଦ୍ୟମ ହୋଇଥିଲା। ଏ ସମ୍ପର୍କରେ ରାଜ୍ୟ ଜଙ୍ଗଲ ବିଭାଗ ତରଫରୁ ୟୁନେସ୍କୋକୁ ଭିତରକନିକା ସମ୍ପର୍କରେ ବିସ୍ତୃତ ତଥ୍ୟ ଦିଆଯାଇ ବିଶ୍ୱ ଐତିହ୍ୟ ତାଲିକାରେ ସାମିଲ କରିବାକୁ ଅନୁରୋଧ କରାଯାଇଥିଲା। ଏହି ତଥ୍ୟର ସତ୍ୟାସତ୍ୟ ସମ୍ପର୍କରେ ୟୁନେସ୍କୋର ଆଇୟୁସିଏନର ୱାର୍ଲଡ ହେରିଟେଜ ପ୍ରୋଗ୍ରାମ୍ ଟିମ୍‌ର ୨ ସଦସ୍ୟ ତଥା ବରିଷ୍ଠ ପ୍ରାଣୀ ବିଜ୍ଞାନୀ ମେକୋଭାନ୍ ମେର୍ଣ୍ଣ ଓ ନୋମିତୋକ୍‌ଙ୍କୁ ୪, ନଭେମ୍ବର, ୨୦୧୬ରେ ଭିତରକନିକାକୁ ପଠାଯାଇଥିଲା। ➤ ପୃ-୭




### ଅଗଷ୍ଟ ପହିଲାରୁ ଖୋଲିବ

**ରାଜନଗର :** ଆସନ୍ତା ଅଗଷ୍ଟ ପହିଲାରୁ ବିଶ୍ୱପ୍ରସିଦ୍ଧ ଭିତରକନିକା ଜାତୀୟ ଉଦ୍ୟାନ ପର୍ଯ୍ୟଟକଙ୍କ ପାଇଁ ଖୋଲିବ। ଦେଶ ବିଦେଶର ପର୍ଯ୍ୟଟକଙ୍କ ଭିଡ ଜମିବ। ଧଳା କୁମ୍ଭୀର ଗୋରୀ, ବଗଗହଣ, ନଦୀ କୂଳରେ ଶୋଇଥିବା କୁମ୍ଭୀର, ଚରୁଥିବା ହରିଣପଲ, ବିଭିନ୍ନ ପ୍ରଜାତିର ସରିସୃପ, ବଡବଡ ମୃତ କୁମ୍ଭୀରଙ୍କ କଙ୍କାଳ ଓ ମୁଣ୍ଡ ଏବଂ ଭିତରକନିକାରେ ଦେଖାଯାଉଥିବା ବିଭିନ୍ନ ପଶୁପକ୍ଷୀଙ୍କ ଫଟୋ ଥିବା ମ୍ୟୁଜିୟମ, ସର୍ବୋପରି ନଦୀରେ ବୋଟର ମଜା ନେବା ପାଇଁ ପର୍ଯ୍ୟଟକମାନେ ଭିତରକନିକା ଆସିବାପାଇଁ ମନବଳାଇଥାନ୍ତି; ମାତ୍ର ବୋଟକୁ ଚଢିବା ଓ ଓହ୍ଲାଇବା ପାଇଁ ଥିବା ଜେଟିକୁ ଦେଖିଲେ ପର୍ଯ୍ୟଟକଙ୍କ ପାଇଁ ବନବିଭାଗର କେତେ ଦରଦ ତାହା ଜଣାପଡିଯିବ। ସାଧାରଣତଃ ଭିତରକନିକାକୁ ଖୋଳା, ଚାନ୍ଦବାଲି ଏବଂ ଗୁପ୍ତିରୁ ବୋଟ ଯୋଗେ ଯାଇଥିବାବେଳେ ଡାଙ୍ଗମାଳକୁ ସଡକପଥରେ ପର୍ଯ୍ୟଟକମାନେ ଯାଇଥାନ୍ତି। ଖୋଳାଠାରେ ଥିବା ଜେଟିରୁ ୨୦୧୫ ମସିହା ଅଗଷ୍ଟରେ ଜଣେ ବଙ୍ଗୀୟ ମହିଳା ପର୍ଯ୍ୟଟକ ଓହ୍ଲାଉଥିବା ସମୟରେ ପଡି ଆହତ ହୋଇଥିଲେ। ଇତିମଧ୍ୟରେ ଦୁଇବର୍ଷ ଯାଇଥିଲେ ହେଁ କାଠରେ ନିର୍ମିତ ଭଙ୍ଗା ଜେଟିରେ ପର୍ଯ୍ୟଟକମାନେ ଯିବାଆସିବା କରୁଛନ୍ତି। ଏଥିପ୍ରତି ବନବିଭାଗର ଦୃଷ୍ଟିପଡୁନାହିଁ। ଅପରପକ୍ଷରେ ରାଜ୍ୟ ପର୍ଯ୍ୟଟନ ବିଭାଗ ମଧ୍ୟ ଗୁରୁତ୍ୱ ଦେଉ ନ ଥିବା ପର୍ଯ୍ୟଟକମାନେ ଅଭିଯୋଗ କରିଛନ୍ତି।

## କେମିତି କଟିବ ଏ ସପ୍ତାହ

ସୋମବାରରୁ ବୁଧବାର ପର୍ଯ୍ୟନ୍ତ ସମସ୍ତ ଶୁଭଫଳ ପ୍ରାପ୍ତ ସହ ଭଲ ଯୋଗ ରହିଛି । ଗୁରୁବାରରୁ ଶନିବାର ମଧ୍ୟରେ ମିଶ୍ରିତ ଫଳ ପାଇବାର ଆଶା ଦେଖାଯାଏ । ଗୃହରେ ଶାନ୍ତି ବଜାୟ ରହିବ । ମୋଟାମୋଟି ସପ୍ତାହଟି ଭଲରେ କଟିବ ।

ସାପ୍ତାହିକ ଗଣନା ଅନୁଯାୟୀ ଏ ସପ୍ତାହରେ ଆପଣ ସମସ୍ତ ପ୍ରକାର ଶୁଭଫଳ ଲାଭ କରିବେ । ପରିବାରରେ ଶାନ୍ତି ବଜାୟ ରହିବ । କିନ୍ତୁ ଶନିବାର ବନ୍ଧନ ଭୟ ଯୋଗ ରହିଥିବାରୁ ଏଥିପାଇଁ ସତର୍କତା ଅବଲମ୍ବନ ଜରୁରୀ ।

ଏ ସପ୍ତାହ ଆପଣଙ୍କ ପାଇଁ ଆଦୌ ଶୁଭପ୍ରଦ ନୁହେଁ । ପ୍ରତ୍ୟେକ କ୍ଷେତ୍ରରେ ସତର୍କତା ଅବଲମ୍ବନ କରିବାକୁ ହେବ । ଶୁଭଫଳ ଅପେକ୍ଷା ସପ୍ତାହ ସାରା ବିଶେଷ ଅଶୁଭ ଫଳ ପ୍ରଦାନ କରିବ ।

ସପ୍ତାହର ପ୍ରଥମ ଦିନରୁ ଶୁଭଫଳ ପ୍ରଦାନ କରିବା ଆରମ୍ଭ ହେବ । ପରିବାରରେ ଶାନ୍ତି ବିରାଜମାନ କରିବା ସହିତ ସର୍ବସମ୍ପଦ ଲାଭ ଯୋଗ ଦେଖାଦିଏ । ଏଣୁ ଏ ସପ୍ତାହ ଭଲରେ ବିତିବ ।

ସୋମବାର ପ୍ରଚୁର ଧନଲାଭ ହେବ । ମଙ୍ଗଳବାର ଚୋରି ଭୟ ରହିଛି । ବୁଧବାର ଦିନ ଯଶପ୍ରାପ୍ତି ହେବ । ଗୁରୁବାର ହାନୀକାରକ ଏବଂ ଶୁକ୍ରବାର ସାହାଯ୍ୟକାରୀ ଶନି ଅଶୁଭରେ ଥିବା ଜଣାଯାଏ ।

ସୋମବାରରୁ ବୁଧବାର ଅତ୍ୟନ୍ତ ଅଶୁଭ ଫଳ ପ୍ରଦାନ କରିବ । କିନ୍ତୁ ସପ୍ତାହର ଶୁକ୍ରବାର ଏବଂ ଶନିବାର ଯଥେଷ୍ଟ ଶୁଭଫଳ ପ୍ରାପ୍ତିର ଯୋଗ ରହିଛି । ରବିବାର ଦିନଟି ଅଶୁଭ ଓ ଘାତଚନ୍ଦ୍ର ଯୋଗ ରହିଛି ।

ସପ୍ତାହଟି ଆପଣଙ୍କ ପାଇଁ ଅତ୍ୟନ୍ତ ଅଶୁଭକାରକ । ହତାସା ଓ ନୈରାଶ୍ୟରେ ସପ୍ତାହସାରା ଗତି କରିବାକୁ ପଡିବ । ତେଣୁ ଜଗିରଖି ବାଟ ନ ଚାଲିଲେ ବିପଦ ପଡିବାର ଆଶଙ୍କା ରହିଛି ।

ସୋମବାର, ମଙ୍ଗଳବାର ସମସ୍ତ ପ୍ରକାର ଶୁଭଫଳ ପ୍ରାପ୍ତିଯୋଗ ରହିଛି । ବୁଧବାର, ଗୁରୁବାର ଓ ଶନିବାର ଅଶୁଭ ଫଳ ପ୍ରଦାନ କରିବ । କିନ୍ତୁ ଶୁକ୍ରବାର ଦିନ ଧନପ୍ରାପ୍ତିର ଯୋଗ ରହିଅଛି ।

ସପ୍ତାହର ଆରମ୍ଭରୁ ଗୁରୁବାର ପର୍ଯ୍ୟନ୍ତ ଅତ୍ୟନ୍ତ ଅଶୁଭଯୋଗ, ହତାଶାଭାବ ଏବଂ ଦ୍ରବ୍ୟ ହାନୀର ଆଶଙ୍କା ରହିଛି । ଶୁକ୍ରବାରଠାରୁ ରବିବାର ପର୍ଯ୍ୟନ୍ତ ଦାମ୍ପତ୍ୟ ଜୀବନ ସୁଖମୟ ହେବାର ଜଣାପଡେ ।

ସୋମବାର ଯଶପ୍ରାପ୍ତି ଓ ସମ୍ମାନିତ ହେବାର ଯୋଗ ରହିଛି । ଏହାବ୍ୟତୀତ ଏ ସପ୍ତାହର ସମସ୍ତ ବାର ଅଶୁଭ ଫଳ ପ୍ରଦାନ କରିବାର ଜଣାପଡେ । ତେଣୁ ଜଗିରଖି ଚଳିବାକୁ ହେବ ।

ସପ୍ତାହର ଆରମ୍ଭରୁ ପରିବାରରେ ହସଖୁସି ଲାଗି ରହିବ । ପ୍ରତ୍ୟେକ କ୍ଷେତ୍ରରେ ଆପଣ ସଫଳତା ଲାଭ କରିବେ । ବେପାରେ ଉନ୍ନତି ହେବ । ମାନସମ୍ମାନ ବୃଦ୍ଧି ସହ ଦ୍ରବ୍ୟଲାଭ, ଅର୍ଥଲାଭ ଏବଂ ସମସ୍ତ ପ୍ରାପ୍ତିର ସୁବର୍ଣ୍ଣଯୋଗ ରହିଛି ।

ଏ ସପ୍ତାହରୁ ଆପଣଙ୍କର ଭାଗ୍ୟ ଉଦୟ ଆରମ୍ଭ ହେବ । ଉନ୍ନତି ପାଇଁ ପଥ ପରିଷ୍କାର ହେବା ସହିତ ଶତ୍ରୁମାନେ ଦୂରେଇ ଯିବେ । ପ୍ରତ୍ୟେକ କ୍ଷେତ୍ରରେ ଆପଣ ଲାଭାବନ ହେବା ।



ଚନ୍ଦ୍ରଶେଖର ମିଶ୍ର
ଜ୍ୟୋତିର୍ବିଦ୍ ଓ ବାସ୍ତୁବିଶାରଦ
କାକଟପୁର, ପୁରୀ
ମୋ-୯୭୭୦୬୩୪୧୧

# ଗଡ଼ିଲା 'ହମ୍‌ସଫର'



**ନୂଆଦିଲ୍ଲୀ/ଭୁବନେଶ୍ୱର :** ଭୁବନେଶ୍ୱର-କ୍ରିଷ୍ଣରାଜାପୁରମ୍ ସାପ୍ତାହିକ ଟ୍ରେନ ପ୍ରଚଳନ ଆରମ୍ଭ ହୋଇଛି । ଏଣିକି ଓଡ଼ିଶାବାସୀଙ୍କ ପାଇଁ ବେଙ୍ଗାଲୁରୁ ପରି ସହରକୁ ଯାତ୍ରା କରିବା ସହଜ ହେବ ବୋଲି ଆଶାପ୍ରକାଶ କରିଛନ୍ତି ରେଳମନ୍ତ୍ରୀ ସୁରେଶ ପ୍ରଭାକର ପ୍ରଭୁ । 'ହମ୍‌ସଫର' ଏକ୍ସପ୍ରେସ୍ ନାମକ ଏହି ସାପ୍ତାହିକ ଟ୍ରେନ୍‌କୁ ମିଶାଇ ଭୁବନେଶ୍ୱରରୁ ପ୍ରତିଦିନ ଗୋଟିଏ କରି ଟ୍ରେନ ବେଙ୍ଗାଲୁରୁ ପରି ସହରକୁ ଯାତ୍ରା କରିବ ବୋଲି ନୂଆଦିଲ୍ଲୀ ରେଳ ଭବନରୁ ଭିଡିଓ କନଫରେନ୍ସ ଜରିଆରେ ଏହାକୁ ସବୁଜ ପତାକା ଦେଖାଇ ଉଦ୍‌ଘାଟନ କରିବା ଅବସରରେ ଏହି ସୂଚନା ଦେଇଛନ୍ତି ଶ୍ରୀ ପ୍ରଭୁ । ରେଳବାଇ ପକ୍ଷରୁ ୪ଟି ପ୍ରକଳ୍ପ ଏକକାଳୀନ ଉଦ୍‌ଘାଟିତ ହୋଇଯାଇଛି । ଆୟୋଜିତ କାର୍ଯ୍ୟକ୍ରମରେ କେନ୍ଦ୍ର ରେଳମନ୍ତ୍ରୀଙ୍କ ସମେତ କେନ୍ଦ୍ର ଜଳସମ୍ପଦ ମନ୍ତ୍ରୀ ଉମାଭାରତୀ, ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ଅଶୋକ ଗଜପତି ରାଜୁ, ଆଦିବାସୀ କଲ୍ୟାଣ ମନ୍ତ୍ରୀ ଜୁଏଲ ଓରାମ, ପେଟ୍ରୋଲିୟମ୍ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ସମ୍ବଲପୁର ସାଂସଦ ନଗେନ୍ଦ୍ର ପ୍ରଧାନ ପ୍ରମୁଖ ଏହି ଉଦ୍‌ଘାଟନ ଉତ୍ସବରେ ଉପସ୍ଥିତ ରହିଥିଲେ । ୩ବର୍ଷ ଧରି କେନ୍ଦ୍ର ସରକାର ଦେଶବାସୀଙ୍କ ଜୀବନଶୈଳୀରେ ଉନ୍ନତି ଆଣିବାକୁ ବ୍ୟାପକ ପଦକ୍ଷେପ ଗ୍ରହଣ କରିଛନ୍ତି ବୋଲି ଶ୍ରୀ ପ୍ରଭୁ ସମ୍ମିଳନୀରେ ଆଲୋକପାତ କରିଥିଲେ । ଏହାକୁ ଦୃଷ୍ଟିରେ ରଖି ଭାରତୀୟ ରେଳ ବିଭାଗ ମଧ୍ୟ ଦେଶର ୧୨୫ଟି ଷ୍ଟେସନରେ ୱାଇଫାଇ ବ୍ୟବସ୍ଥାର ପ୍ରଚଳନ କରିଥିବାବେଳେ ଏହି ତାଲିକାରେ ସମ୍ବଲପୁର ଓ ବିଜୟନଗରମ୍ ମଧ୍ୟ ଯୋଡ଼ିହୋଇଛି ବୋଲି ଶ୍ରୀ ପ୍ରଭୁ କହିଥିଲେ । ଭୁବନେଶ୍ୱର-କ୍ରିଷ୍ଣରାଜାପୁରମ୍ ସାପ୍ତାହିକ ଟ୍ରେନର ପ୍ରଚଳନ ଦ୍ୱାରା ଏଣିକି ଓଡ଼ିଶାବାସୀଙ୍କ ପାଇଁ ବେଙ୍ଗାଲୁରୁ ପରି ସହରକୁ ଯାତ୍ରା କରିବା ସହଜ ହେବ ବୋଲି ଆଶପ୍ରକାଶ କରିଥିଲେ । 'ହମସଫର' ଏକ୍ସପ୍ରେସ ନାମକ ଏହି ସାପ୍ତାହିକ ଟ୍ରେନ୍‌କୁ ମିଶାଇ ଭୁବନେଶ୍ୱରରୁ ପ୍ରତିଦିନ ଗୋଟିଏ କରି ଟ୍ରେନ ବେଙ୍ଗାଲୁରୁ ପରି ସହରକୁ ଯାତ୍ରା କରୁଛି ବୋଲି ଶ୍ରୀ ପ୍ରଭୁ ସୂଚନା ଦେଇଥିଲେ । ସେହିପରି ଖଜୁରାଓ ପରି ପର୍ଯ୍ୟଟନସ୍ଥଳକୁ ଯାତ୍ରା କରିବା ପାଇଁ ସ୍ୱଳ୍ପ ସମୟ ଓ କମ୍ ଖର୍ଚ୍ଚରେ ଭୋପାଳ- ଖଜୁରାଓ ଟ୍ରେନ୍‌କୁ ଲୋକାର୍ପଣ କରାଯାଇ ଥିବାରୁ ଉମାଭାରତୀ ରେଳବିଭାଗର ଏହି ଉଦ୍ୟମକୁ ପ୍ରଶଂସା କରିଥିଲେ । କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହି ଉତ୍ସବରେ ଯୋଗ ଦେଇ ଦୀର୍ଘ ବର୍ଷ ଧରି ରେଳବାଇ ବିଭାଗ ଦ୍ୱାରା ଓଡ଼ିଶା ଯେଉଁ ଅବହେଳିତ ହେଉଥିଲା, ଏବେ ସେ ଦିନ ବଦଳିଛି ବୋଲି ମତ ଦେଇଥିଲେ । ଖୁବ୍‌ଶୀଘ୍ର ରେଳବାଇ ବିଭାଗ ଦ୍ୱାରା ବାଲେଶ୍ୱର, ଭଦ୍ରକ, ବ୍ରହ୍ମପୁର, ଯାଜପୁର, ଝାରସୁଗୁଡ଼ା, ଖୋର୍ଦ୍ଧାରୋଡ଼, ରାୟଗଡ଼ା ଓ ରାଉରକେଲାରେ ୱାଇଫାଇ ସେବା ପ୍ରଚଳନ ହେବ ବୋଲି ସୂଚନା ଦେଇଥିଲେ । ସେହିପରି ଭୁବନେଶ୍ୱରରୁ ଦିଲ୍ଲୀ ଯାଉଥିବା ରାଜଧାନୀ ଏକ୍ସପ୍ରେସ ମଧ୍ୟରୁ ଗୋଟିଏ ଟ୍ରେନର ଗତି ପରିବର୍ତ୍ତନ କରି ଏହାକୁ ମଧ୍ୟବର୍ତ୍ତୀ ଓଡ଼ିଶା ତଥା ଅନୁଗୋଳ, ଢେଙ୍କାନାଳ ପ୍ରମୁଖ ସହର ଦେଇ ଚଳାଚଳ କରାଯାଉ ବୋଲି ଶ୍ରୀ ପ୍ରଧାନ ଦାବି ଉପସ୍ଥାପିତ କରିଥିଲେ । ଖୁବ୍‌ଶୀଘ୍ର ଏ ସମ୍ପର୍କରେ ଶ୍ରୀ ପ୍ରଭୁ ତାଙ୍କ ବୈଷୟିକ ଟିମ୍ ସହ ଆଲୋଚନା କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ଭୁବନେଶ୍ୱରଠାରେ ରେଳବାଇ ପକ୍ଷରୁ ଏକ ଲଣ୍ଡ୍ରୀକୁ ମଧ୍ୟ ରେଳବାଇ ପକ୍ଷରୁ ଉଦ୍‌ଘାଟନ କରିଛନ୍ତି । ଏଠାରେ ଇଷ୍ଟକୋଷ୍ଟ ରେଳବାଇ ଅଧୀନରେ ଚାଲୁଥିବା ଟ୍ରେନଗୁଡ଼ିକର ଚାଦର, କମ୍ବଳ ଧୂଆ ହେବ । ଫଳରେ ଓଡ଼ିଶାରୁ ଛାଡୁଥିବା ଟ୍ରେନଗୁଡ଼ିକରେ ଯାତ୍ରୀଙ୍କୁ ଉନ୍ନତମାନର ସେବା ମିଳିବ । କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ ଏହି ସମ୍ମିଳନୀରେ ଉପସ୍ଥିତ ହୋଇ ରେଳବାଇର ୱାଇଫାଇ ସେବାର ପ୍ରଶଂସା କରିବା ସହ ଅନ୍ୟାନ୍ୟ ଷ୍ଟେସନଗୁଡ଼ିକ ମଧ୍ୟ ଶୀଘ୍ର ଏହି ସେବା ପ୍ରଦାନ କରିବାକୁ ଦାବି କରିଥିଲେ । ଏହାବ୍ୟତୀତ ଓଡ଼ିଶାର ପର୍ଯ୍ୟଟନ କ୍ଷେତ୍ରଗୁଡ଼ିକୁ ଦୃଷ୍ଟିରେ ରଖି ଏଭଳି କିଛି ଟ୍ରେନ ଚଳାଚଳ କରାଗଲେ ଆଗାମୀ ଦିନରେ ଓଡ଼ିଶାର ପର୍ଯ୍ୟଟନର ବିକାଶ ହେବ ବୋଲି ଶ୍ରୀ ଓରାମ ଆଶାପ୍ରକାଶ କରିଥିଲେ । ସମ୍ବଲପୁର ସାଂସଦ ନଗେନ୍ଦ୍ର ପ୍ରଧାନ ଏହି ସମ୍ମିଳନୀରେ ଉପସ୍ଥିତ ରହି କେନ୍ଦ୍ରମନ୍ତ୍ରୀଙ୍କ କାର୍ଯ୍ୟଶୈଳୀର ପ୍ରଶଂସା କରିବା ସହ ତାଙ୍କ ନିର୍ବାଚନ କ୍ଷେତ୍ରରେ ଏଭଳି ବ୍ୟବସ୍ଥାକୁ କାର୍ଯ୍ୟକାରୀ କରିଥିବାରୁ ଧନ୍ୟବାଦ ଜଣାଇଥିଲେ । ଅପରପକ୍ଷେ ଭବନେଶ୍ୱର ରେଳଷ୍ଟେସନ୍ ଠାରେ ଆୟୋଜିତ ସଭାରେ ରାଜ୍ୟ ପର୍ଯ୍ୟଟନ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ସାଂସଦ ପ୍ରସନ୍ନ ପାଟଶାଣୀ, ବିଧାୟକ ପ୍ରିୟଦର୍ଶୀ ମିଶ୍ର, ଖୋର୍ଦ୍ଧା ଡିଆରଏମ୍ ବ୍ରିଜମୋହନ ଅଗ୍ରୱାଲ୍, ପୂର୍ବତଟ ରେଳପଥର ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ । ଯାତ୍ରା ସମୟରେ ସୁଖଦ ଅନୁଭୂତି ପାଇଁ ହମସଫର୍ ଏକ୍ସପ୍ରେସ୍‌ରେ ବେଶ୍ ଉତ୍ତମ ସୁବିଧା ରହିଛି । ଟ୍ରେନ୍ ଶୀତତାପ ନିୟନ୍ତ୍ରିତ ହୋଇଥିବା ବେଳେ ଅଗ୍ନିକାଣ୍ଡର ପ୍ରତିରୋଧ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ସହ ଜୈବ ଶୌଚାଳୟ ଲାଗିଛି । ସୁରକ୍ଷାମୂଳକ ପଦକ୍ଷେପ ଭାବେ ଏଥିରେ ଥିବା ସମସ୍ତ ବଗିରେ ସିସିଟିଭି ଲଗାଯାଇଥିବା ଜଣାପଡିଛି ।

## ଭୁବନେଶ୍ୱରରେ ହେବ ରେଳବାଇ ଲଣ୍ଡ୍ରୀ

ଏଣିକି ଭୁବନେଶ୍ୱରରୁ କୌଣସି ଟ୍ରେନ୍‌ରେ ଯାତ୍ରା କରିବା ସମୟରେ କୋଚ୍‌ରେ ଦିଆଯାଉ ଥିବା ବେଡ୍‌ସିଟ୍, ତକିଆ ଖୋଳରୁ ଏକ ସୁଗନ୍ଧ ମହକିବା ସହ ସେଥିରେ ଛୋଟ ଦାଗଟିଏ ବି ଦେଖିବାକୁ ମିଳିବ ନାହିଁ । କାରଣ ରେଳ ମନ୍ତ୍ରାଳୟ ପକ୍ଷରୁ ଭୁବନେଶ୍ୱର ରେଳ ଷ୍ଟେସନ୍ ଠାରେ ପ୍ରତିଷ୍ଠା ହେବାକୁ ଯାଉଛି ଦେଶର ସର୍ବ ବୃହତ୍ ସ୍ୱୟଂଚାଳିତ ରେଳ ଲଣ୍ଡ୍ରୀ । ଚଳିତ ଆର୍ଥିକ ବର୍ଷ ଶେଷ ପୂର୍ବରୁ ଏହି ଲଣ୍ଡ୍ରୀ କାର୍ଯ୍ୟକ୍ଷମ ହେବ । ଏହି ପ୍ରକଳ୍ପ ପାଇଁ ଆଜି ରେଳମନ୍ତ୍ରୀ ସୁରେଶ ପ୍ରଭୁ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ପୂର୍ବରୁ କେବଳ ଅହମଦାବାଦ୍ ଓ ମୁମ୍ବଇର ୱାଦିବନ୍ଦର ରେଳ ଷ୍ଟେସନ୍‌ଠାରେ ଏପରି ଲଣ୍ଡ୍ରୀ ପ୍ରତିଷ୍ଠା କରାଯାଇଛି । ତେବେ ଭୁବନେଶ୍ୱରରେ ପ୍ରତିଷ୍ଠା ହେବାକୁ ଥିବା ଲଣ୍ଡ୍ରୀର କ୍ଷମତା ଏହା ଠାରୁ ବେଶ୍ ଅଧିକ ରହିବ । ଏହା ପୂର୍ବରୁ ପୁରୀ ଷ୍ଟେସନ୍ ଠାରେ ଏକ ମେକାନାଇଜଡ୍ ଲଣ୍ଡ୍ରି ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ ସାରିଛି । ଏହି ଲଣ୍ଡ୍ରିରେ ଦୈନିକ ୧୪ଟନ୍ ଓଜନର କପଡ଼ା ସଫା କରାଯାଇ ପାରିବ । ରେଳ ବଜେଟ୍‌ରେ ୮୫.୫୫ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି । ଏହା ଦ୍ୱାରା ସଫେଇ ବାବଦକୁ ରେଳବାଇ ପ୍ରାୟ ୩୦% ରାଜସ୍ୱ ସଞ୍ଚୟ କରି ପାରିବ । ପୂର୍ବତଟ ରେଳପଥ ମୁଖ୍ୟ ଜନ ସମ୍ପର୍କ ଅଧିକାରୀ ଜେ.ପି ମିଶ୍ର କହିଛନ୍ତି, ପୂର୍ବତଟ ରେଳପଥ ପରିସୀମା ମଧ୍ୟରେ ଥିବା ବିଶାଖାପାଟଣା ଓ ପୁରୀ ଠାରେ ମେକାନାଇଜଡ୍ ଲଣ୍ଡ୍ରୀ ପ୍ରତିଷ୍ଠା ପାଇଁ ଭିତ୍ତି ପ୍ରସ୍ତର ସ୍ଥାପନ ହୋଇ ଥିବାବେଳେ ଭୁବନେଶ୍ୱର ଷ୍ଟେସନ୍‌ରେ କାମ ଆରମ୍ଭ ହେବ ଏବଂ ଆସନ୍ତା ମାର୍ଚ୍ଚ ପୂର୍ବରୁ ତିନିଟି ଯାକ କାର୍ଯ୍ୟକ୍ଷମ ହେବ ।

## ବ୍ରିକ୍ସରେ ଯୋଗଦେଇପାରନ୍ତି ଡୋଭାଲ୍



**ନୂଆଦିଲ୍ଲୀ :** ଆସନ୍ତା ୨୬ରେ ଚୀନ୍‌ରେ ବ୍ରିକ୍ସ (ବ୍ରାଜିଲ, ରୁଷିଆ, ଭାରତ, ଚୀନ୍ ଓ ଦକ୍ଷିଣ ଆଫ୍ରିକା)ର ଜାତୀୟ ସୁରକ୍ଷା ପରାମର୍ଶଦାତା ସ୍ତରୀୟ ବୈଠକ ଅନୁଷ୍ଠିତ ହେବାକୁ ଯାଉଛି । ଏହି ବୈଠକରେ ଭାରତର ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ୍ ଡୋଭାଲ୍ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ବୈଠକ ଅବସରରେ ସେ ଚୀନ୍ ସହ ସୀମା ବିବାଦ ପ୍ରସଙ୍ଗରେ ଆଲୋଚନା କରିବାର ସମ୍ଭାବନା ରହିଛି । ଭାରତ-ଚୀନ୍ ସୀମା ବିବାଦ ଆଲୋଚନାରେ ସେ ସ୍ୱତନ୍ତ୍ର ପ୍ରତିନିଧିର ଭୂମିକା ନିର୍ବାହ କରୁଛନ୍ତି । ସିକ୍କିମ୍ ସେକ୍ଟରର ଡୋକଲାମ୍ ଅଞ୍ଚଳରେ ଦୁଇ ଦେଶର ସେନା ମୁହାଁମୁହିଁ ଅବସ୍ଥାରେ ଥିବାରୁ ଏହି ବିବାଦର ଅବସାନ ପାଇଁ ଡୋଭାଲ୍ ଚୀନ୍ ପ୍ରତିପକ୍ଷଙ୍କ ସହ ଆଲୋଚନା କରିବେ । ଉଲ୍ଲେଖଯୋଗ୍ୟ ଯେ, ଗତ ଜୁନ୍ ୧୬ରେ ଡୋକଲାମ୍ ଅଂଚଳରେ ଚୀନ୍ ସେନା ବେଆଇନ ଭାବେ ରାସ୍ତା ନିର୍ମାଣ କରିବାରୁ ଭାରତୀୟ ସେନା ସେଥିରେ ବାଧା ଦେଇଥିଲେ । ଫଳରେ ସେବେଠାରୁ ଦୁଇ ଦେଶ ମଧ୍ୟରେ ବିବାଦ ଚରମ ସ୍ଥିତିରେ ପହଞ୍ଚିଛି । ପ୍ରାୟ ଏକ ମାସ ଧରି ଦୁଇ ଦେଶ ମଧ୍ୟରେ ବିବାଦ ଲାଗିରହିବା ପରିପ୍ରେକ୍ଷୀରେ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ମୁଖପାତ୍ର ଗୋପାଲ ବାଗ୍‌ଲେ ଗତକାଲି କହିଥିଲେ ଯେ, ବିବାଦର ସମାଧାନ ପାଇଁ ଆମ ଆଗରେ କୂଟନୈତିକ ଚ୍ୟାନେଲ୍‌ଗୁଡ଼ିକ ରହିଛି । ଦୁଇ ଦେଶର ଦୂତାବାସ ରହିଛି । ଏହା ଜରିଆରେ ବିବାଦର ସମାଧାନ କରାଯାଇ ପାରିବ । ଚଳିତ ମାସ ପ୍ରାରମ୍ଭରେ ଜର୍ମାନୀର ହାମ୍‌ବର୍ଗରେ ଜି-୨୦ ଶିଖର ସମ୍ମିଳନୀ ଅବସରରେ ଚୀନ୍ ରାଷ୍ଟ୍ରପତି ସି ଜିନ୍‌ପିଙ୍ଗଙ୍କ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦ୍ୱିପାକ୍ଷିକ ଆଲୋଚନା କରିନଥିଲେ ମଧ୍ୟ ଅନେକ ପ୍ରସଙ୍ଗରେ ଦୁଇ ନେତା ଆଲୋଚନା କରିଥିଲେ । ୧୯୬୨ ପରେ ଏହା ଦୁଇ ଦେଶ ମଧ୍ୟରେ ସବୁଠାରୁ ବଡ଼ ମତଭେଦ । ଭାରତ ଏହି ପ୍ରସଙ୍ଗରେ ବିନା କୌଣସି ସାଲିସ୍ କରି ସମାଧାନରେ ପହଞ୍ଚିବାକୁ ଚେଷ୍ଟା କରୁଛି ।

## 'ଆଲୋଚନା ଜରିଆରେ ଭାରତ-ପାକ୍ ସମସ୍ୟାର ସମାଧାନ ହେଉ'

**ଜାତିସଂଘ :** କଶ୍ମୀର ସମସ୍ୟାର ଶାନ୍ତିପୂର୍ଣ୍ଣ ସମାଧାନ ପାଇଁ ଭାରତ ଓ ପାକିସ୍ତାନ ଆଲୋଚନା କରିବାକୁ ଜାତିସଂଘ ପକ୍ଷରୁ ଆହ୍ୱାନ ଦିଆଯାଇଛି । ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରେସ୍ ଦୁଇ ଦେଶ ମଧ୍ୟରେ ଆଲୋଚନା ଉପରେ ଗୁରୁତ୍ୱାରୋପ କରିଛନ୍ତି ବୋଲି ତାଙ୍କର ମୁଖପାତ୍ର ଷ୍ଟିଫାନେ ଦୁଜାରିକ୍ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି । କଶ୍ମୀରରେ ଯାହାସବୁ ଘଟୁଛି, ସେଥିପ୍ରତି ଜାତିସଂଘ ମହାସଚିବ ଧ୍ୟାନଦେବାକୁ ଯାଉଛନ୍ତି ନା ସେଠାରେ ସେଭଳି କିଛି ବଡ଼ ଧରଣର ଅଘଟଣ ଘଟିଲା ପରେ ମହାସଚିବଙ୍କ ଦୃଷ୍ଟି ପଡ଼ିବ କି ବୋଲି ପ୍ରଶ୍ନ ହେବାରୁ ଏହି ମୁଖପାତ୍ର ଜଣକ କହିଛନ୍ତି, 'ଆଲୋଚନା ଜରିଆରେ ଏହି ସମସ୍ୟାର କିଭଳି ଶାନ୍ତିପୂର୍ଣ୍ଣ ସମାଧାନ ହେବ ତାହା ଉଭୟ ପକ୍ଷ ହୃଦୟଙ୍ଗମ କରିବା ଦରକାର ବୋଲି ଆମେ ପୁନର୍ବାର କହୁଛୁ ।' ଗତ ଜୁନ୍ ୨୦ରେ ଜାତିସଂଘ ମହାସଚିବ ଗୁଟେରେସ୍ ତାଙ୍କର ପ୍ରଥମ ସାମ୍ବାଦିକ ସମ୍ମିଳନୀରେ କଶ୍ମୀର ସମସ୍ୟାର ସମାଧାନ ପାଇଁ ଭାରତ-ପାକ୍ ମଧ୍ୟରେ ଦ୍ୱିପାକ୍ଷିକ ଆଲୋଚନା ନେଇ ଗୁରୁତ୍ୱାରୋପ କରିଥିଲେ । ସେତେବେଳେ ସେ କହିଥିଲେ, ଭାରତ ଉପମହାଦେଶରେ ଉତ୍ତେଜନା ବଢୁଥିବା ବେଳେ ଜାତିସଂଘ କୌଣସି ପଦକ୍ଷେପ ନେଉନାହିଁ ବୋଲି ସମାଲୋଚନା ହେଉଛି । କିନ୍ତୁ ସେ ଇତିମଧ୍ୟରେ ପାକ୍ ପ୍ରଧାନମନ୍ତ୍ରୀଙ୍କୁ ୩ ଥର ଏବଂ ଭାରତର ପ୍ରଧାନମନ୍ତ୍ରୀଙ୍କୁ ୨ ଥର ଭେଟି ସାରିଲେଣି । କି ପ୍ରକାର ପଦକ୍ଷେପ ନେଉଛନ୍ତି, ସେ ସମ୍ପର୍କରେ ଗୁଟେରେସ୍ କିଛି ସ୍ପଷ୍ଟ କରିନଥିଲେ । ଉଲ୍ଲେଖଯୋଗ୍ୟ ଯେ, ଜାତିସଂଘ ମହାସଚିବ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଗତ ମାସରେ ସେଣ୍ଟ୍ ପିଟର୍ସବର୍ଗ ଠାରେ ଭେଟିଥିଲେ । ସେହିପରି ପାକ୍ ପ୍ରଧାନମନ୍ତ୍ରୀ ସରିଫଙ୍କୁ ସେ ଗତ ଜାନୁଆରୀରେ ଡାଭୋସ୍ ଠାରେ ବିଶ୍ୱ ଆର୍ଥିକ ଫୋରମ୍‌ରେ ଏବଂ ଜୁନ୍‌ରେ କାଜାଖସ୍ତାନର ଅସ୍ତାନାରେ ଭେଟିଥିଲେ ।

## ୧୩ଲକ୍ଷ ଯବାନଙ୍କୁ ଛଟେଇ କରିବ ଚୀନ୍

**ବେଜିଂ :** ବିଶ୍ୱର ବୃହତ୍ତମ ସେନାବାହିନୀ ଥିବା ଚୀନ୍ ନିଜର ସୈନ୍ୟସଂଖ୍ୟା ହ୍ରାସ କରିବାକୁ ଯୋଜନା କରିଛି । ସେନାରେ ରହିଥିବା ୨୩ ଲକ୍ଷ ଯବନାଙ୍କ ମଧ୍ୟରୁ ୧୩ଲକ୍ଷଙ୍କୁ ଏହା ଛଟେଇ କରି ନୌସେନା, ରକେଟ ବାହିନୀ, କ୍ଷେପଣାସ୍ତ୍ର ବାହିନୀ ସଂଖ୍ୟା ବୃଦ୍ଧି କରିବ ବୋଲି ସେନାର ସରକାରୀ ଗଣମାଧ୍ୟମ 'ପିଏଲ୍‌ଏ ଡେଲି'ରେ ପ୍ରକାଶ ପାଇଛି । ବିଶ୍ୱରେ ଚୀନ୍ କ୍ରମବର୍ଦ୍ଧିଷ୍ଣୁ ଭୂମିକା ସହ ତାଳ ଦେଇ ସେନାରେ ଏହି ସଂସ୍କାର କରାଯିବ । ଗତ ୨୦୧୫ ସେପ୍ଟେମ୍ବର ଓ ୨୦୧୯ ମାର୍ଚ୍ଚରେ ରାଷ୍ଟ୍ରପତି ଜି ଜିନପିଙ୍ଗ ସେନାର ଆକାର ହ୍ରାସ କରାଯିବ ଓ ୩ଲକ୍ଷ ଯବାନ ଛଟେଇ ହେବେ ବୋଲି ପ୍ରକାଶ କରିଥିଲେ । ଚୀନ୍ ଆଭ୍ୟନ୍ତରୀଣ ପ୍ରସଙ୍ଗ ବାହାରକୁ ଆସୁନଥିବାରୁ ଏହା କାର୍ଯ୍ୟକାରୀ ହୋଇଥିଲା କି ନାହିଁ ସ୍ପଷ୍ଟ ହୋଇନାହିଁ । ତେବେ ଅନ୍ତର୍ଜାତୀୟ ପରିସ୍ଥିତିରେ ନିଜର ସ୍ୱାର୍ଥ ସୁରକ୍ଷିତ ରଖିବାକୁ ଚୀନ୍ ଲଢୁଆ ବାହିନୀ ସଂଖ୍ୟା ୮.୫ଲକ୍ଷରେ ସୀମିତ ରଖି ଅନ୍ୟ ବାହିନୀର ଆକାର ବଢ଼ାଇବାକୁ ସରକାର ନିଷ୍ପତ୍ତି ନେଇଥିବା ପିଏଲ୍‌ଏ ଡେଲିରେ ପ୍ରକାଶିତ ନିବନ୍ଧରୁ ସୂଚନା ମିଳିଛି । ବିଦେଶରେ ଆବଶ୍ୟକତା ଉପୁଜିଲେ ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଚୀନ୍ ଇଲେକ୍ଟ୍ରୋନିକ ଯୁଦ୍ଧ ଓ ଯୋଗାଯୋଗ ବ୍ୟବସ୍ଥାର ସମ୍ପ୍ରସାରଣ, ନୌସେନା ଓ ବାୟୁସେନାର ବଳବୃଦ୍ଧି ଉପରେ ଗୁରୁତ୍ୱ ଦେଇଛି । ଏହିସବୁ ବିଭାଗଗୁଡ଼ିକ ପାଇଁ ସମ୍ବଳ ବୃଦ୍ଧି ନିମନ୍ତେ ସ୍ଥଳ ସେନାର ଆକାର ହ୍ରାସ କରାଯିବାକୁ ଜିନପିଙ୍ଗ ସରକାର ନିଷ୍ପତ୍ତି ନେଇଥିବା ଏହା ଉଲ୍ଲେଖ କରିଛି ।

## ପ୍ରତି ମାସରେ ବୈଠକ କରିବେ ୧୮ଟି ବିରୋଧୀ ଦଳ

**ନୂଆଦିଲ୍ଲୀ :** ୧୮ଟି ବିରୋଧୀ ଦଳ ପ୍ରତି ମାସରେ ବୈଠକ କରିବାକୁ ନିଷ୍ପତ୍ତି ନେଇଛନ୍ତି । ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ସରକାରଙ୍କୁ ସମ୍ମିଳିତ ଭାବେ ସାମ୍ନା କରିବା ପାଇଁ ଏହି ବୈଠକରେ ଆଲୋଚନା କରାଯାଇ ରଣନୀତି ସ୍ଥିର କରାଯିବ । ଆଜି ଉପରାଷ୍ଟ୍ରପତି ପ୍ରାର୍ଥୀ ଚୟନ ପାଇଁ ୧୮ଟି ବିରୋଧୀ ଦଳ ଏକଜୁଟ୍ ହୋଇଥିଲା ବେଳେ ଏହି ନିଷ୍ପତ୍ତି ନେଇଛନ୍ତି ବୋଲି ତୃଣମୂଳ କଂଗ୍ରେସ ନେତା ଡେରେକ୍ ଓ' ବ୍ରିଏନ୍ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ସେ କହିଛନ୍ତି, କଂଗ୍ରେସ ଦଳ ଏବଂ ଆମେ ମିଳିତ ଭାବେ ଏହା ସ୍ଥିର କରିଛୁ ଏବଂ ପ୍ରତି ମାସରେ ଥରେ ବସି ଆଲୋଚନା କରିବାକୁ ନିଷ୍ପତ୍ତି ନେଇଛୁ । ସେ ଆହୁରି କହିଛନ୍ତି ଯେ, ଚାଷୀ ଆତ୍ମହତ୍ୟା, ଜିଏସ୍‌ଟି ପ୍ରସଙ୍ଗ, ବିମୁଦ୍ରାକରଣ ଏବଂ କେତେକ ରାଜ୍ୟପାଳଙ୍କ ବିବାଦୀୟ ଭୂମିକା ସମ୍ପର୍କରେ ଆଲୋଚନା କରାଯାଇ ବିରୋଧୀ ଦଳଗୁଡ଼ିକ ରଣନୀତି ସ୍ଥିର କରିବେ । ପୁଡୁଚେରୀ ଉପରାଜ୍ୟପାଳ କିରଣ ବେଦୀ ଏବଂ ପଶ୍ଚିମବଙ୍ଗ ରାଜ୍ୟପାଳ କେଶରୀ ନାଥ ତ୍ରିପାଠୀ ସାମ୍ବିଧାନିକ ମର୍ଯ୍ୟାଦା ନଷ୍ଟ କରିଥିବା ବିରୋଧୀ ଦଳଗୁଡ଼ିକ ଅଭିଯୋଗ କରିଛନ୍ତି । ପୂର୍ବରୁ କଂଗ୍ରେସ ଅଭିଯୋଗ କରିଥିଲା ଯେ, ଏନ୍‌ଡିଏ ସରକାରଙ୍କ ଦ୍ୱାରା ନିଯୁକ୍ତ ହୋଇଥିବା ରାଜ୍ୟପାଳଙ୍କ ଭୂମିକା ବିବାଦୀୟ ହୋଇଉଠିଛି । ଅରୁଣାଚଳ ପ୍ରଦେଶ ଓ ଉତ୍ତରାଖଣ୍ଡର ରାଜ୍ୟପାଳ ମଧ୍ୟ ବିବାଦୀୟ ହୋଇ ଉଠିଛନ୍ତି । ଏହି ବୈଠକରେ ବିରୋଧୀ ଦଳ ନେତାମାନେ ଶାସକ ଦଳର ପଦକ୍ଷେପକୁ ସମାଲୋଚନା କରିଥିଲେ । ଲାଲୁ ଯାଦବଙ୍କ ଆରଜେଡି, କଂଗ୍ରେସ ଓ ଆମ୍ ଆଦମୀ ପାର୍ଟିକୁ ସରକାର ଟାର୍ଗେଟ୍ କରୁଥିବା ନେଇ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା । ଏହି ପ୍ରସଙ୍ଗ ପାର୍ଲାମେଣ୍ଟରେ ଉତ୍ଥାପନ କରାଯିବ ବୋଲି ଓ'ବ୍ରିଏନ୍ କହିଛନ୍ତି । ବିରୋଧୀ ଦଳଗୁଡ଼ିକ ମଧ୍ୟରେ ଭଲ ସମନ୍ୱୟ ରହିଛି । ବିଶେଷକରି ଉପରାଷ୍ଟ୍ରପତି ନିର୍ବାଚନରେ ପ୍ରାର୍ଥୀ ଦେବା ପ୍ରସଂଗରେ ସମସ୍ତେ ଏକମତ ହୋଇଛନ୍ତି ଏବଂ ଏହି ସହମତି ଜାରି ରହିବ ବୋଲି ସେ କହିଛନ୍ତି ।

## ଗ୍ରୀନ୍ କାର୍ଡ ପାଇଁ ୧୨ ବର୍ଷ ଅପେକ୍ଷା




**ୱାଶିଂଟନ୍ :** ଆମେରିକାର କୁଶଳୀ କର୍ମଚାରୀମାନେ ସେଠାରେ ସ୍ଥାୟୀ ବାସିନ୍ଦା ପ୍ରମାଣପତ୍ର ଗ୍ରୀନ୍ କାର୍ଡ ହାସଲ କରିବା ପାଇଁ ଆବେଦନ କରିବା ପରେ ୧୨ ବର୍ଷ ଅପେକ୍ଷା କରୁଥିବା ଏକ ରିପୋର୍ଟରେ ପ୍ରକାଶ ପାଇଛି । ତେବେ ଭାରତ ହେଉଛି ସେହିସବୁ ଦେଶଗୁଡିକ ମଧ୍ୟରୁ ଅନ୍ୟତମ । ଯେଉଁ ଦେଶର ବାସିନ୍ଦାମାନେ ଆମେରିକାରେ ପ୍ରତିବର୍ଷ ଗ୍ରୀନ୍‌କାର୍ଡ ପାଇପାରୁଛନ୍ତି । ୨୦୧୫ରେ ୩୬,୩୧୮ ଭାରତୀୟ ସ୍ଥାୟୀ ବାସିନ୍ଦା ଭଳି ବସବାସ କରୁଥିଲେ ମଧ୍ୟ ୨୭,୭୯୮ ଆଇନସମ୍ମତ ଭାବରେ ଗ୍ରୀନ୍ କାର୍ଡ ହାସଲ କରିପାରିଛନ୍ତି ବୋଲି ପିଉ ରିସର୍ଚ୍ଚ ପକ୍ଷରୁ କୁହାଯାଇଛି । ଉକ୍ତ ରିପୋର୍ଟରେ କୁହାଯାଇଛି ଯେ, କୁଶଳୀ କର୍ମଚାରୀ ଭାବରେ ନିଯୁକ୍ତି ପାଇଥିବା ଭାରତୀୟମାନେ ଏଠାରେ ସ୍ଥାୟୀ ବାସିନ୍ଦା ପ୍ରମାଣପତ୍ର ହାସଲ କରିବା ପାଇଁ ୧୨ ବର୍ଷ ଅପେକ୍ଷା କରିବାକୁ ପଡୁଛି । ଅନ୍ୟ ଅର୍ଥରେ ବର୍ତ୍ତମାନ ଆମେରିକା ସରକାର ୨୦୧୫ ମେ'ରେ କରାଯାଇଥିବା ଆବେଦନପତ୍ର ଗୁଡିକର ବିଶ୍ଳେଷଣ କରୁଛନ୍ତି । ୨୦୧୦ରୁ ୨୦୧୪ ଆର୍ଥିକ ବର୍ଷ ମଧ୍ୟରେ ପାଖାପାଖି ୩୬% ଅର୍ଥାତ୍ ୨,୨୨,୦୦୦ ଜଣଙ୍କୁ ଏଚ୍-୧ବି ଭିସା ମଞ୍ଜୁର କରାଯାଇ ସାରିଲାଣି । ଆମେରିକାରେ ଗ୍ରୀନ୍ କାର୍ଡ ଜଣେ ବ୍ୟକ୍ତିଙ୍କୁ ଦେଶାନ୍ତରୀ ମାନ୍ୟତା ପ୍ରଦାନ କରେ । ଫଳରେ ସମ୍ପୃକ୍ତ ବ୍ୟକ୍ତି ସ୍ଥାୟୀ ଭାବରେ ବାସ କରିବା ସହିତ ଜୀବିକା ଅର୍ଜନ କରିପାରନ୍ତି । ୫ ବର୍ଷ ରହିବା ପରେ ଜଣେ ଗ୍ରୀନ୍ କାର୍ଡ ହୋଲ୍‌ଡର ଆମେରିକାର ନାଗରିକତ୍ୱ ପାଇଁ ଆବେଦନ କରିପାରିବେ । ଜଣେ ଆମେରିକୀୟ ନାଗରିକଙ୍କୁ ବିବାହ କରିଥିଲେ ଏହି ସମୟସୀମା ୩ ବର୍ଷକୁ କମଇ ଦିଆଯିବ । ଉକ୍ତ ଅଧ୍ୟୟନ ଅନୁଯାୟୀ, ୨୦୦୪ ପରଠାରୁ ପ୍ରତି ଆର୍ଥିକ ବର୍ଷରେ ଆମେରିକା ଆଇନ୍‌ଗତ ମାନ୍ୟତା ପାଇ ରହୁଥିବା ଦେଶାନ୍ତରୀମାନଙ୍କୁ ଗ୍ରୀନ୍‌କାର୍ଡ ପ୍ରଦାନ କରିଆସୁଛି । ୨୦୦୪ ପରଠାରୁ ସମୁଦାୟ ୭.୪ ନିୟୁତ ନୂଆ ଦେଶାନ୍ତରୀ ଆଇନସମ୍ମତ ସ୍ଥାୟୀ ବାସିନ୍ଦା ପ୍ରମାଣପତ୍ର ଗ୍ରୀନ୍ କାର୍ଡ ଆକାରରେ ପାଇପାରିଛନ୍ତି । ୨୦୧୫ ଗ୍ରୀନ୍ କାର୍ଡ ଅନୁଯାୟୀ, ନିଯୁକ୍ତି ସମ୍ପର୍କିତ ଶ୍ରେଣୀ (କର୍ମଚାରୀଙ୍କ ପରିବାର ସଦସ୍ୟ ସମେତ)ର ଲୋକସଂଖ୍ୟା ହେଉଛନ୍ତି ୧୪% । ସେହିପରି ଶରଣାର୍ଥୀ (୧୧%) ଏବଂ ନିରାପଦ ଆଶ୍ରୟ ନେଇଥିବା (୩%) ଲୋକଙ୍କୁ ମିଶାଇ ଦେଉଛନ୍ତି ୧୪% ।

# ଚାଲିଛି ଅଚଳ ନୋଟ୍ ଗଣତି



**ନୂଆଦିଲ୍ଲୀ :** ବିମୁଦ୍ରାକରଣ ପରେ ବ୍ୟାଙ୍କ ଗୁଡିକ ପାଖକୁ ଫେରିଥିବା ଅଚଳ ନୋଟ୍ ଗୁଡିକର ଗଣତି ଶେଷ ହୋଇନାହିଁ । ଏକ ସ୍ୱତନ୍ତ୍ର ଟିମ୍ ଗଣତି କାମ ଜାରି ରଖିଛନ୍ତି । ସେମାନେ ୨୪ ଘଣ୍ଟା ଟଙ୍କା ଗଣୁଛନ୍ତି । କେବଳ ରବିବାରକୁ ବାଦ ଦେଲେ ଅନ୍ୟ କୌଣସି ଦିନ ସେମାନଙ୍କୁ ବିଶ୍ରାମ ନାହିଁ । ସଂସଦୀୟ କମିଟି ସାମ୍ନାରେ ଏଭଳି ତଥ୍ୟ ଉପସ୍ଥାପନ କରିଛନ୍ତି ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଗଭର୍ଣ୍ଣର ଉର୍ଜିତ ପଟେଲ୍ । କେତେ ପରିମାଣର ଅଚଳ ନୋଟ୍ ଫେରି ଆସିଛି ସେ ସମ୍ପର୍କରେ ସଂସଦୀୟ କମିଟିର ସଦସ୍ୟ ସମାଜବାଦୀ ପାର୍ଟି ନେତା ନରେଶ ଅଗ୍ରୱାଲ ଏବଂ ତୃଣମୂଳ କଂଗ୍ରେସ ସାଂସଦ ସୌଗତ ରାୟ ଉର୍ଜିତଙ୍କୁ ପ୍ରଶ୍ନ କରିଥିଲେ । ଶ୍ରୀ ପଟେଲ୍ କହିଥିଲେ ଯେ, ବିମୁଦ୍ରାକରଣ ଘୋଷଣା ହେବା ବେଳକୁ ଦେଶରେ ୧୭.୭ ଲକ୍ଷ କୋଟି ଟଙ୍କା ପ୍ରଚଳନରେ ଥିଲା । ଏବେ ପ୍ରଚଳନରେ ଥିବା ଟଙ୍କା ପରିମାଣ ହେଉଛି ୧୫.୪ଲକ୍ଷ କୋଟି ଟଙ୍କା । ଉର୍ଜିତ କହିଛନ୍ତି ଯେ ଏବେ ବି ନେପାଳରୁ ଅଚଳ ନୋଟ୍ ଆସୁଛି । କେତେକ ସମବାୟ ବ୍ୟାଙ୍କଗୁଡିକୁ ଅଚଳ ନୋଟ୍ ଗ୍ରହଣ କରିବାର ଅନୁମତି ପ୍ରଦାନ କରାଯାଇଛି । ବିମୁଦ୍ରାକରଣ ବେଳେ ଯେଉଁ ଡାକ ଘରଗୁଡିକୁ ଅଚଳ ନୋଟ୍ ବଦଳାଇବାର ଅନୁମତି ପ୍ରଦାନ କରାଯାଇଥିଲା, ସେମାନେ ଏ ପର୍ଯ୍ୟନ୍ତ ପୁରୁଣା ନୋଟ୍‌କୁ ଅର୍‌ବିଆଇ ପାଖରେ ଦାଖଲ କରିନାହାନ୍ତି । ଦ୍ୱିତୀୟଥର ପାଇଁ ସଂସଦୀୟ କମିଟି ସାମ୍ନାରେ ଉର୍ଜିତ ହଜାର ହୋଇଥିଲେ । ବିମୁଦ୍ରାକରଣ ବିଷୟରେ କମିଟି ତାଙ୍କୁ ପ୍ରଶ୍ନ କରିଥିଲା । କଂଗ୍ରେସ ନେତା ବିରପ୍ପା ମୋଇଲିଙ୍କ ଅଧ୍ୟକ୍ଷତାରେ ସଂସଦୀୟ କମିଟି ଗଠନ କରାଯାଇଛି । ପ୍ରଥମଥର ପାଇଁ ଜାନୁଆରୀରେ ଉର୍ଜିତ କମିଟି ସାମ୍ନାରେ ହାଜର ହୋଇଥିଲେ । ନିକଟରେ କମିଟି ପକ୍ଷରୁ ଦୁଇଥର ଉର୍ଜିତଙ୍କୁ ହଜାର ହେବା ପାଇଁ ସମନ ଜାରି କରାଯାଇଥିଲା । ମାତ୍ର ମୁଦ୍ରାନୀତି କାମ ଥିବା ବାହାନା ଦେଖାଇ ଉର୍ଜିତ କମିଟି ସାମ୍ନାରେ ହଜାର ହୋଇନାହାନ୍ତି । ବିମୁଦ୍ରାକରଣର ପ୍ରଭାବ ବିଷୟରେ ବିବରଣୀ ପ୍ରଦାନ କରିବା ପାଇଁ କମିଟି ପକ୍ଷରୁ ଅର୍ଥ ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀଙ୍କୁ ମଧ୍ୟ ସମନ୍ ଜାରି କରାଯାଇଛି ।

## ଦୁଇ ରାଜ୍ୟ ଦାୟିତ୍ୱରୁ ବିଦାହେଲେ ହରିପ୍ରସାଦ

**ନୂଆଦିଲ୍ଲୀ :** ଛତିଶଗଡ଼ ଓ ଝାଡଖଣ୍ଡର ଏଆଇସିସି ପ୍ରଭାରୀ ପଦରୁ ବିକେ ହରିପ୍ରସାଦଙ୍କୁ ହଟାଇ ଦିଆଯାଇଛି । ତାଙ୍କ ସ୍ଥାନରେ ରାଜ୍ୟସଭା ସାଂସଦ ପିଏଲ୍ ପୁନିଆଙ୍କୁ ଛତିଶଗଡ଼ ଓ ଆର୍‌ପିଏନ୍ ସିଂହଙ୍କୁ ଝାଡଖଣ୍ଡ ଦାୟିତ୍ୱ ଦିଆଯାଇଛି । କଂଗ୍ରେସ ସଭାପତି ସୋନିଆ ଗାନ୍ଧି ଏହି ନିଷ୍ପତ୍ତି ନେଇଛନ୍ତି । ଛତିଶଗଡ଼ରେ ଦଳର ସହ ପ୍ରଭାରୀ ଭାବେ କାର୍ଯ୍ୟ କରୁଥିବା ଭକ୍ତଚରଣ ଦାସଙ୍କୁ ମଧ୍ୟ ବାଦ ଦିଆଯାଇଛି । ସୋନିଆଙ୍କ ଘୋଷିତ ନୂଆ ଏଆଇସିସି ଟିମ୍‌ରେ ଛତିଶଗଡ଼ରେ ପ୍ରଭାରୀଙ୍କ ସହ ଦୁଇଜଣ ସଚିବ କମଳେଶ୍ୱର ପଟେଲ ଓ ଅରୁଣ ଓରାଓଙ୍କୁ ନିଯୁକ୍ତି ଦିଆଯାଇଛି । ସେହିପରି ଝାଡଖଣ୍ଡରେ ଉମଙ୍ଗ ସିଙ୍ଗାଉ ଓ ମଇନୁଲ ହକ୍‌ଙ୍କୁ ନିଯୁକ୍ତି ଦିଆଯାଇଛି । ଗତ କିଛିଦିନ ଧରି ଏଆଇସିସିର ଅଦଳବଦଳ ପ୍ରକ୍ରିୟାରେ ରାଜ୍ୟର ପ୍ରଭାରୀମାନଙ୍କୁ ହଟାଇବା ନେଇ ଚର୍ଚ୍ଚା ଆରମ୍ଭ ହୋଇଥିଲା । ଏହାପରେ ଖୁବ୍‌ଶୀଘ୍ର ଅନ୍ୟ ରାଜ୍ୟମାନଙ୍କର ପ୍ରଭାରୀ ଓ ପିସିସି ସଭାପତି ପରିବର୍ତ୍ତନ ଓ ନୂଆ ନିଯୁକ୍ତି ହେବାର ସମ୍ଭାବନା ରହିଛି । ଓଡ଼ିଶା, ଛତିଶଗଡ଼ ଓ ଝାଡଖଣ୍ଡରେ ଦଳୀୟ ସଂଗଠନ ଓ ପରିଚାଳନାରେ ହରିପ୍ରସାଦ ବିଫଳ ରହିଥିବାରୁ ହାଇକମାଣ୍ଡ ଅସନ୍ତୁଷ୍ଟ ହୋଇ ଏହି ପରିବର୍ତ୍ତନ କରିଥିବା କୁହାଯାଉଛି । ସୂଚନାଯୋଗ୍ୟ, ଚଳିତବର୍ଷ ରାଜ୍ୟର ପଞ୍ଚାୟତ ନିର୍ବାଚନରେ ଦଳର ଶୋଚନୀୟ ପରାଜୟ ପରେ ନୈତିକ ଦୃଷ୍ଟିରୁ ହରିପ୍ରସାଦ ପଦରୁ ଇସ୍ତଫା ପ୍ରଦାନ କରିଥିଲେ ମଧ୍ୟ ତାଙ୍କର ଇସ୍ତଫାକୁ ଗ୍ରହଣ କରାଯାଇନଥିଲା ।







# ମୁଖ୍ୟମନ୍ତ୍ରୀଙ୍କ ଜଗମୋହନ ସ୍ଥିତି ଅନୁଧ୍ୟାନ



**ପୁରୀ :** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅଚାନକ ପୁରୀ ଗସ୍ତରେ ଆସି ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦର୍ଶନ କରିବା ସହ ଜଗମୋହନ ସ୍ଥିତି ଅନୁଧ୍ୟାନ କରିଥିଲେ। ଅବଶିଷ୍ଟ କାର୍ଯ୍ୟ ଯଥାଶୀଘ୍ର ଶେଷ କରିବାକୁ ଶ୍ରୀ ପଟ୍ଟନାୟକ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା ଏବଂ ପୂର୍ତ୍ତବିଭାଗ ପକ୍ଷରୁ ଗ୍ରହଣ କରାଯାଇଥିବା ପଦକ୍ଷେପ ସମ୍ପର୍କରେ ତାଙ୍କୁ ଅବଗତ କରାଯାଇଛି । ଆଉ କେଉଁସବୁ କାମ ବାକି ଅଛି ବୋଲି ମୁଖ୍ୟମନ୍ତ୍ରୀ ପ୍ରଶ୍ନ କରିଥିଲେ । ଜଗମୋହନରେ ଲଗାଯାଇଥିବା କଳଙ୍କି ବିହୀନ ଲୁହା ସ୍ତମ୍ଭଗୁଡ଼ିକୁ ସେ ଦେଖିଥିଲେ। ଜଗମୋହନ ମରାମତି କାର୍ଯ୍ୟ ସମ୍ପର୍କରେ କୋର କମିଟି ପକ୍ଷରୁ ପ୍ରସ୍ତୁତ ଭିଡିଓଚିତ୍ର ମୁଖ୍ୟମନ୍ତ୍ରୀଙ୍କ ସଚିବଙ୍କୁ ପ୍ରଦାନ କରାଯାଇଛି । ଶ୍ରୀ ପଟ୍ଟନାୟକ ପ୍ରାୟ ୮ ମିନିଟ ଧରି ଜଗମୋହନରେ ରହିଥିଲେ । ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ପ୍ରଦୀପ କୁମାର ଜେନା, ଏଏସଆଇ ଭୁବନେଶ୍ୱର ମଣ୍ଡଳ ଅଧୀକ୍ଷକ ଡ. ହେମସାଗର ଅଭୟ ନାୟକ, ଜିଲାପାଳ ଅରବିନ୍ଦ ଅଗ୍ରୱାଲ ଏବଂ କୋର କମିଟି ସଭ୍ୟ ଇଂ ଏନ.ସି. ପାଲ ଉପସ୍ଥିତ ଥିଲେ । ଶ୍ରୀମନ୍ଦିରରୁ ବାହାରି ମୁଖ୍ୟମନ୍ତ୍ରୀ ଗଣମାଧ୍ୟମକୁ କହିଲେ ଜଗମୋହନ ସମ୍ପୂର୍ଣ୍ଣ ସୁରକ୍ଷିତ ରହିଛି। ଶ୍ରୀଜୀଉଙ୍କ ରଥଯାତ୍ରା ଶୃଙ୍ଖଳିତଭାବେ ସମ୍ପନ୍ନ ହୋଇଥିବାରୁ ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି। ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ବିନା ମୁଖ୍ୟମନ୍ତ୍ରୀ ହଠାତ ପୁରୀ ଗସ୍ତରେ ଆସିବା ଘଟଣା ସମସ୍ତଙ୍କୁ ଚକିତ କରିଛି । ଏସିଆନ ଆଥଲେଟିକ୍ସ ଏବଂ ରଥଯାତ୍ରା ନିର୍ବିଘ୍ନରେ ଶେଷ ହୋଇଥିବାରୁ ଶ୍ରୀ ପଟ୍ଟନାୟକ ଶ୍ରୀ ଜଗନ୍ନାଥଙ୍କୁ ଦର୍ଶନକରି କୃତଜ୍ଞତା ଜଣାଇଛନ୍ତି। କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ଶ୍ରୀ ପଟ୍ଟନାୟକ ଶ୍ରୀମନ୍ଦିରକୁ ଯାଇ ଶ୍ରୀଜୀଉଙ୍କୁ ଦର୍ଶନ କରିଛନ୍ତି।

# ଗ୍ରାମାଞ୍ଚଳ ଭଳି ସହରାଞ୍ଚଳ ପାଇଁ 'ଆମ ସହର ଆମ ଉନ୍ନତି' ଯୋଜନା

**ଭୁବନେଶ୍ୱର :** ସଂଗଠନକୁ ଅଧିକ ଶକ୍ତିଶାଳୀ କରିବା ଏବଂ ସରକାରଙ୍କ ବିରୋଧରେ ଚାଲିଥିବା ଅପପ୍ରଚାରକୁ ପଣ୍ଡ କରିବା ନିମନ୍ତେ ବିଜୁ ଜନତା ଦଳ ପକ୍ଷରୁ ଅଭିଯାନ ଆରମ୍ଭ ହୋଇଛି। ଆମ ବୁଥ ସବୁଠୁ ମଜଭୁତ ଭଳି କାର୍ଯ୍ୟକ୍ରମ ଜରିଆରେ ବିଜେପି ଗ୍ରାମାଞ୍ଚଳରେ ନିଜ ସ୍ଥିତିକୁ ସୁଧାରିବାକୁ ଉଦ୍ୟମ ଚଳାଇଥିବାବେଳେ ବିଜୁ ଜନତା ଦଳ ଗ୍ରାମାଞ୍ଚଳରେ ସଙ୍ଗଠନ ସୁଧାରିବା ପାଇଁ ଯତ୍‌ପରୋନାସ୍ତି ଉଦ୍ୟମ ଚଳାଇଛି। ଗ୍ରାମାଞ୍ଚଳରେ ଦଳକୁ ଟାଣ କରିବା ପାଇଁ ପୂର୍ବରୁ ଆମ ଗାଁ ଆମ ବିକାଶ ଡ଼କରା ଦିଆଯାଇଥିଲା। ଏ ଅଭିଯାନ ଚାଲିଥିବାବେଳେ ଏବେ ସହରାଞ୍ଚଳରେ ମଧ୍ୟ ବିଜେଡ଼ି ଅନୁରୂପ କାର୍ଯ୍ୟକ୍ରମ ଆରମ୍ଭ କରିଛି। ବିଜେଡ଼ି ସଭାପତି ନବୀନ ପଟ୍ଟନାୟକ ବିଜେଡ଼ି ସହରାଞ୍ଚଳରେ ଦଳକୁ ମଜଭୁତ କରିବାକୁ 'ଆମ ସହର ଆମ ଉନ୍ନତି' ଅଭିଯାନ ଘୋଷଣା କରିଛନ୍ତି। ବିଜେଡ଼ି ରାଜ୍ୟ କାର୍ଯ୍ୟାଳୟଠାରେ ଦଳ ପକ୍ଷରୁ ଚାଲିଥିବା 'ଆମ ଗାଁ ଆମ ସହର' କାର୍ଯ୍ୟକ୍ରମର ସମୀକ୍ଷା କରାଯାଇଥିଲା। ଏଥିରେ ଦଳର ଉପସଭାପତିଙ୍କଠାରୁ ଆରମ୍ଭ କରି ସମସ୍ତ ବରିଷ୍ଠ ନେତା, ଛାମୁଆ ସଙ୍ଗଠନର କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ। ଦଳୀୟ କାର୍ଯ୍ୟକର୍ତ୍ତାଙ୍କୁ ଉଦ୍‌ବୋଧନ ଦେଇ ବିଜେଡ଼ି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଥିଲେ ଯେ ରାଜ୍ୟର ପ୍ରତି ଗ୍ରାମକୁ ସରକାରଙ୍କ ଲୋକାଭିମୁଖୀ କାର୍ଯ୍ୟକ୍ରମ ଆଗେଇ ନେବା ପାଇଁ ଆମେ ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମ ପ୍ରଚଳନ କରିଛୁ। ରାଜ୍ୟରେ ଭିତ୍ତିଭୂମି ବିକାଶ, ଜୀବିକା ଓ ସାମାଜିକ କ୍ଷେତ୍ରରେ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ଜନସାଧାରଣ ଜାଣିବା ଉଚିତ। ଏହା ଜରିଆରେ ବିରୋଧୀଦଳଗୁଡ଼ିକ ଦ୍ୱାରା ଚାଲିଥିବା ଅପପ୍ରଚାରକୁ ପଣ୍ଡ କରିବାକୁ ସେ ଆହ୍ୱାନ ଦେଇଥିଲେ। ଇତିମଧ୍ୟରେ ପ୍ରାୟ ସବୁ ଜିଲାରେ ଦଳ ପକ୍ଷରୁ ଜିଲାସ୍ତରୀୟ ପରିବର୍ଦ୍ଧିତ କାର୍ଯ୍ୟକର୍ତ୍ତା କମିଟି ବୈଠକ ସମ୍ପୂର୍ଣ୍ଣ ହୋଇଛି। କିଛି ଜିଲାରେ ବ୍ଳକ ସ୍ତରୀୟ ବୈଠକ ମଧ୍ୟ ଶେଷ ହୋଇଛି। ଏଥିନେଇ ମୁଖ୍ୟମନ୍ତ୍ରୀ ସନ୍ତୋଷ ପ୍ରକାଶ କରିବା ସହିତ ଜୁଲାଇ ଶେଷ ସୁଦ୍ଧା ଆମକୁ ସମସ୍ତ ବ୍ଳକ ଓ ଜୋନାଲ ସ୍ତରୀୟ ବୈଠକ ଶେଷ କରିବାକୁ ପଡ଼ିବ ବୋଲି କହିଥିଲେ। ସେ କହିଥିଲେ ଯେ ଏବେ ଆମକୁ ଗ୍ରାମ ପଞ୍ଚାୟତସ୍ତରୀୟ ସାଙ୍ଗଠନିକ କାର୍ଯ୍ୟ ପ୍ରତି ଧ୍ୟାନ ଦେବାକୁ ପଡ଼ିବ। ଅଗଷ୍ଟ ପ୍ରଥମ ସପ୍ତାହରୁ ପ୍ରତି ବ୍ଳକରେ ବ୍ଳକ ପର୍ଯ୍ୟବେକ୍ଷକମାନେ ଯୋଗଦେବେ। ବିଧାୟକମାନଙ୍କ ଉଦ୍ଦେଶ୍ୟରେ ସେ କହିଥିଲେ ଯେ ନିର୍ବାଚନମଣ୍ଡଳୀର ନେତା ଭାବେ ଆପଣମାନଙ୍କର ଗ୍ରାମ ପଞ୍ଚାୟତ ଓ ୱାର୍ଡ଼ସ୍ତରୀୟ ବୈଠକ, ସାଙ୍ଗଠନିକ ବୈଠକର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏସବୁ ପ୍ରସ୍ତୁତିର ସବୁଠୁ ଗୁରୁତ୍ୱପୂର୍ଣ୍ଣ ଦିଗ ହେଲା ୱାର୍ଡ଼ର ଆକାରକୁ ଦେଖି ୧୫ରୁ ୨୧ଜଣ ସଦସ୍ୟଙ୍କୁ ନେଇ ୱାର୍ଡ଼ସ୍ତରୀୟ କମିଟି ଗଠନ କରିବା। ସମସ୍ତ ଛାମୁଆ ସଙ୍ଗଠନ ଏହି କମିଟି ଗଠନ ଦିଗରେ ସକ୍ରିୟ ଭାବେ ଅଂଶଗ୍ରହଣ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ଶ୍ରୀ ପଟ୍ଟନାୟକ କହିଥିଲେ ଯେ ଗ୍ରାମାଞ୍ଚଳ ଭଳି ସହରାଞ୍ଚଳ ପାଇଁ ଆମେ ଅନୁରୂପ ଅଭିଯାନ 'ଆମ ସହର ଆମ ଉନ୍ନତି' ଆରମ୍ଭ କରୁଛୁ। ପ୍ରାୟ ୫୦ଜଣ ସଦସ୍ୟଙ୍କୁ ନେଇ ଏନଏସି ଓ ମ୍ୟୁନିସିପାଲିଟିର ୱାର୍ଡ଼ କମିଟି ଏବଂ ୧୦୦ଜଣିଆ ସଦସ୍ୟଙ୍କୁ ନେଇ ମହାନଗର କମିଟି ଗଠନ କରାଯିବ। ସବୁଠୁ ଗରୁତ୍ୱପୂର୍ଣ୍ଣ ବିଷୟ ହେଲା ୱାର୍ଡ଼ କମିଟିକୁ ପର୍ଯ୍ୟାପ୍ତ ସୂଚନା ପ୍ରଦାନ ସହିତ ସଶକ୍ତୀକରଣ କରାଯିବ ଏବଂ ବିକାଶ ଓ ସାମାଜିକ କାର୍ଯ୍ୟକ୍ରମ ପ୍ରଚଳନ ସମୟରେ ଉପଯୁକ୍ତ ଗୁରୁତ୍ୱ ପ୍ରଦାନ କରାଯିବ। ୱାର୍ଡ଼ କମିଟିକୁ ସେ ଦଳର ପଦାତିକ ସୈନିକ ଭାବେ ଅଭିହିତ କରିବା ସହିତ ସେମାନଙ୍କର ଉପଯୁକ୍ତ ପ୍ରତିନିଧିତ୍ୱ ଚାହୁଁଛି ବୋଲି କହିଥିଲେ। ଜିଲା ପର୍ଯ୍ୟବେକ୍ଷକମାନେ ରାଜ୍ୟ କମିଟିକୁ ନିୟମିତ ରିପୋର୍ଟ ପଠାଇବାକୁ ସେ ପରାମର୍ଶ ଦେଇଥିଲେ। ଥରେ ୱାର୍ଡ଼ କମିଟି ଗଠନ ହେଲେ ସେମାନଙ୍କ ମଧ୍ୟରୁ ଅଧିକାଂଶ କାର୍ଯ୍ୟକର୍ତ୍ତାଙ୍କ ସହିତ ସେ ସିଧାସଳଖ କଥା ହେବେ ବୋଲି ସଭାପତି କହିଥିଲେ। ପ୍ରାରମ୍ଭରେ ବିଜେଡ଼ି ଉପସଭାପତି ତଥା ପୂର୍ବତନ ମନ୍ତ୍ରୀ ଦେବୀ ପ୍ରସାଦମିଶ୍ର ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମର ରାଜ୍ୟ ସଂଯୋଜକ ପୂର୍ବତନ ସାଂସଦ ଭୂପିନ୍ଦର ସିଂହ ପଶ୍ଚିମ ଓଡ଼ିଶାର ବିକାଶ ସମ୍ପର୍କରେ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ଆଲୋଚନା କରିଥିଲେ।



### ଗୁଣାତ୍ମକ ଉଚ୍ଚଶିକ୍ଷା ପାଇଁ ଯୋଜନା

# ବିଶ୍ୱବ୍ୟାଙ୍କ୍ ଦେବ ୧ ହଜାର କୋଟି

**ଭୁବନେଶ୍ୱର :** ଉଚ୍ଚଶିକ୍ଷାର ଗୁଣାତ୍ମକ ବିକାଶ ପାଇଁ ରାଜ୍ୟ ସରକାର ଉଦ୍ୟମ ଆରମ୍ଭ କରିଛନ୍ତି। ଏଥିପାଇଁ ପ୍ରସ୍ତୁତ ଭିଜନ ଡକୁମେଣ୍ଟରେ ପ୍ରାଥମିକ ପର୍ଯ୍ୟାୟରେ ଶିକ୍ଷା କ୍ଷେତ୍ରରେ ପଛୁଆ ଥିବା ଜିଲାଗୁଡ଼ିକରେ ମଡେଲ ଡିଗ୍ରୀ କଲେଜ ଖୋଲାଯାଇଥିବାବେଳେ ଆଗକୁ ବିଶ୍ୱବ୍ୟାଙ୍କ ସହାୟତାରେ କିଛି ପ୍ରମୁଖ କଲେଜରେ ଶିକ୍ଷାଦାନ, ଗବେଷଣା ଓ ଦକ୍ଷତା ବିକାଶ ଦିଗ ପ୍ରତି ଧ୍ୟାନ ଦିଆଯିବାକୁ ନିଷ୍ପତ୍ତି ହୋଇଛି। ରାଜ୍ୟରେ ଉଚ୍ଚଶିକ୍ଷାର ବିକାଶ ପାଇଁ ବିଶ୍ୱବ୍ୟାଙ୍କ ୧୦୧୯କୋଟି ଟଙ୍କାର ସହାୟତା ଯୋଗାଇଦେବ। ବିଶ୍ୱବ୍ୟାଙ୍କ ସହିତ ଏଥିନେଇ ଖୁବ୍ ଶୀଘ୍ର ଚୁକ୍ତି ସ୍ୱାକ୍ଷର କରାଯିବ। ଆସନ୍ତା ୨୦୧୮ ଶିକ୍ଷାବର୍ଷରୁ ବିଶ୍ୱବ୍ୟାଙ୍କ ସହାୟତାରେ ଉଚ୍ଚଶିକ୍ଷାର ବିକାଶ ପାଇଁ ବ୍ୟାପକ କାର୍ଯ୍ୟକ୍ରମ ହାତକୁ ନିଆଯିବ। ଏଥିପାଇଁ ବିଭାଗ ପକ୍ଷରୁ ରାଜ୍ୟର କିଛି ପ୍ରମୁଖ କଲେଜ ମନୋନୟନ କରାଯିବାକୁ ପ୍ରକ୍ରିୟା ଆରମ୍ଭ ହୋଇଛି। ଏ ସଂକ୍ରାନ୍ତରେ ବିଭାଗ ପକ୍ଷରୁ ଚିଠାନୀତି ପ୍ରସ୍ତୁତି ଚାଲିଛି। ରାଜ୍ୟରେ ଏବେ ୮୨୦ଟି ଡିଗ୍ରୀ କଲେଜ ଥିବାବେଳେ ସେଥିମଧ୍ୟରୁ ୧୨୬ଟି କଲେଜକୁ ନାକ୍ ସ୍ୱୀକୃତି ମିଳିଛି। ନାକ ସ୍ୱୀକୃତିପ୍ରାପ୍ତ କଲେଜଗୁଡ଼ିକ ମଧ୍ୟରେ ସାମିଲ ଥିବା କଲେଜଗୁଡ଼ିକ ମଧ୍ୟରୁ ଯଉଁସବୁ କଲେଜରେ ଭିତ୍ତିଭୂମି ସୁଦୃଢ଼ ରହିଛି ଏବଂ ପାଠ ପଢ଼ିବା ପାଇଁ ଛାତ୍ରଛାତ୍ରୀଙ୍କ ଅଧିକ ଚାହିଦା ରହିଛି ସେସବୁକୁ ଦୃଷ୍ଟିରେ ରଖି ରାଜ୍ୟର ବିଭିନ୍ନ ଜିଲାରୁ ଆନୁପାତିକ ଭିତ୍ତିରେ ବିଭିନ୍ନ ସର୍ତ୍ତାବଳୀ ଆଧାରରେ ୭୦ଟି କଲେଜକୁ ବଛାଯାଇଛି। ଏସବୁ କଲେଜରେ ବିଶ୍ୱବ୍ୟାଙ୍କ ପାଣ୍ଠି ବିନିଯୋଗ କରାଯିବାର ପ୍ରସ୍ତାବ ରହିଛି। ଉଚ୍ଚଶିକ୍ଷାର ବିକାଶ ପାଇଁ ବିଶ୍ୱବ୍ୟାଙ୍କ ପକ୍ଷରୁ ମିଳିବାକୁ ଥିବା ଆର୍ଥିକ ସହାୟତା ମୁଖ୍ୟତଃ ଗବେଷଣା, ଅଧ୍ୟାପକଙ୍କ ପ୍ରଶିକ୍ଷଣ, ଛାତ୍ରଛାତ୍ରୀଙ୍କ ଦକ୍ଷତା ବିକାଶ ଦିଗରେ ବିନିଯୋଗ ହେବ। ଛାତ୍ରଛାତ୍ରୀଙ୍କୁ ଉନ୍ନତ ମାନର ଶିକ୍ଷା ପ୍ରଦାନ ଉପରେ ଗୁରୁତ୍ୱ ଦିଆଯିବ। ଉଭୟ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡ଼ିକରେ ଏହି ପାଣ୍ଠି ବିନିଯୋଗ କରାଯିବାକୁ ଲକ୍ଷ୍ୟ ରହିଛି। ତେବେ ଏଥିପାଇଁ ମନୋନୀତ ହେବାକୁ ଥିବା କଲେଜଗୁଡ଼ିକରେ ତଫସିଲଭୁକ୍ତ ଛାତ୍ରଛାତ୍ରୀଙ୍କ ଅନୁପାତ, ଶିକ୍ଷା ପ୍ରତି ଛାତ୍ରଛାତ୍ରୀଙ୍କ ଆଗ୍ରହ, କଲେଜର ପୂର୍ବ ରେକର୍ଡ଼ ଆଦି ବିଷୟ ବିଚାରକୁ ନିଆଯାଉଛି। ପୂର୍ବରୁ ରାଜ୍ୟରେ ଶିକ୍ଷା ଦୃଷ୍ଟିରୁ ପଛୁଆ ୮ଟି ଜିଲାରେ ଉଚ୍ଚଶିକ୍ଷାର ଗୁଣାତ୍ମକ ବିକାଶ ନିମନ୍ତେ ମଡ଼େଲ କଲେଜ ଖୋଲାଯାଇଛି। ଗଜପତି, ମାଲକାନଗିରି, ଦେବଗଡ଼, ରାୟଗଡ଼ା, ନବରଙ୍ଗପୁର, ବଲାଙ୍ଗିର, କଳାହାଣ୍ଡି ଓ ନୟାଗଡ଼ ଆଦି ଜିଲାରେ ଖୋଲିଥିବା ମଡ଼େଲ କଲେଜ ପାଇଁ ୧୬୮ଟି ଅଧ୍ୟାପକ ପଦ ସୃଷ୍ଟି କରାଯାଇଥିଲା। ଏଠାରେ ଏ ପର୍ଯ୍ୟନ୍ତ ନିୟମିତ ଅଧ୍ୟାପକ ନିଯୁକ୍ତି ହୋଇ ନଥିବାରୁ ପ୍ରାୟ ୧୨୦ଟି ଅଧ୍ୟାପକ ପଦ ଡ଼ିପ୍ଲୟମେଣ୍ଟ(ନିୟୋଜନ) ଭିତ୍ତିରେ ପୂରଣ ହୋଇଛି। ବିଶେଷ କରି ଏସବୁ କଲେଜକୁ ଗଙ୍ଗାଧର ମେହେର, ବାଲେଶ୍ୱର, ଶୈଳବାଳା, ବିଜେପି, ରାଜଧାନୀ, ରମାଦେବୀ ଭଳି ପ୍ରମୁଖ ସରକାରୀ ମହାବିଦ୍ୟାଳୟର ଅଧ୍ୟାପକଙ୍କୁ ନିୟୋଜନ ଭିତ୍ତିରେ ମଡ଼େଲ କଲେଜକୁ ବଦଳି କରାଯାଇଛି। ନିୟମିତ ଅଧ୍ୟାପକ ନିଯୁକ୍ତି ପର୍ଯ୍ୟନ୍ତ ସେମାନେ ଶିକ୍ଷାଦାନ ଦାୟିତ୍ୱରେ ରହିବେ। ଶିକ୍ଷା କ୍ଷେତ୍ରରେ ଅନୁନ୍ନତ ଥିବା ଜିଲାଗୁଡ଼ିକରେ ଡ୍ରପ ଆଉଟ(ଅଧାରୁ ପାଠ ଛାଡୁଥିବା ପିଲା) ହାର କମାଇବା, ନାମଲେଖା ହାର ବୃଦ୍ଧି କରିବା ନିମନ୍ତେ ଗୁରୁତ୍ୱ ଦିଆଯାଉଥିବା ବିଭାଗ ସୂତ୍ରରୁ ଜଣାପଡ଼ିଛି।

# ନକ୍ସଲଙ୍କ ଉପରେ ନଜର ରଖିବ 'ଡ୍ରୋନ୍'



**ଫୁଲବାଣୀ :** କନ୍ଧମାଳ ଜିଲାରେ ନକ୍ସଲ କାର୍ଯ୍ୟକଳାପ ନିୟନ୍ତ୍ରଣ ତଥା ନକ୍ସଲଙ୍କ ଗତିବିଧି ଉପରେ ନଜର ରଖିବାକୁ ନୂତନ ଯୋଜନା ହାତକୁ ନିଆଯାଇଛି। ଜିଲା ପୁଲିସ ପକ୍ଷରୁ ଏଥିପାଇଁ ନୂତନ ରଣନୀତି ପ୍ରସ୍ତୁତ କରାଯାଇଛି। ନକ୍ସଲଙ୍କ ଗତିବିଧି ଠଉରାଇବା ପାଇଁ ଆକାଶମାର୍ଗରୁ ନଜର ରଖିବ 'ଡ୍ରୋନ'। ଏଥିପାଇଁ କନ୍ଧମାଳ ଜିଲାକୁ ଦୁଇଟି ଡ୍ରୋନ ଯୋଗାଇଦେବାକୁ ଜିଲା ପୁଲିସ ପକ୍ଷରୁ ରାଜ୍ୟ ସରକାରଙ୍କୁ ଅନୁରୋଧ କରାଯାଇଥିବା ଜିଲାର ନୂତନ ଏସପି ମିତ୍ରଭାନୁ ମହାପାତ୍ରଙ୍କଠାରୁ ସୂଚନା ମିଳିଛି। ଡ୍ରୋନ୍ ଆସିବା ପରେ ଏହାକୁ ଜିଲାର ବିଭିନ୍ନ ଅଞ୍ଚଳରେ ମୁତୟନ କରାଯିବ ବୋଲି ଏସ୍‌ପି କହିଛନ୍ତି। ଯୋଜନା ଅନୁସାରେ ଆକାଶମାର୍ଗରୁ ମାଓବାଦୀଙ୍କ ଗତିବିଧି , ଅସ୍ଥାୟୀ କ୍ୟାମ୍ପ ଏବଂ ତାଲିମ ଶିବିର ସମ୍ପର୍କରେ ଡ୍ରୋନ୍ ଜରିଆରେ ତଥ୍ୟ ସଂଗ୍ରହ କରାଯିବ। ଏହା ସହିତ ନକ୍ସଲଙ୍କ ସମ୍ଭାବ୍ୟ ହମଲା ଏବଂ ଅନ୍ୟ ଗୁଇନ୍ଦା ତଥ୍ୟ ହାସଲ କରିବାରେ ଡ୍ରୋନ ସହାୟକ ହେବ । ଡ୍ରୋନ ମୁତୟନ ସହିତ ଗୁଇନ୍ଦା ବ୍ୟବସ୍ଥାକୁ ଅଧିକ ସକ୍ରିୟ କରାଯିବ। ଜିଲାର ଭୌଗଳିକ ସ୍ଥିତି ଓ ଅନ୍ୟ ବିଭିନ୍ନ ସମସ୍ୟାକୁ ନେଇ ରୋଡମ୍ୟାପ ପ୍ରସ୍ତୁତ ହୋଇଛି ବୋଲି କହିଛନ୍ତି ଏସପି ଶ୍ରୀ ମହାପାତ୍ର। ଉଲ୍ଲେଖଯୋଗ୍ୟ, କନ୍ଧମାଳ ଜିଲା ରାଜ୍ୟର କେନ୍ଦ୍ର ସ୍ଥଳରେ ରହିଥିବାବେଳେ ଏହା ଘଞ୍ଚ ଜଙ୍ଗଲ ପରିବେଷ୍ଟିତ ହୋଇଥିବାରୁ ଏଠାରେ ମାଓ ଗତିବିଧି ବୃଦ୍ଧି ପାଉଛି। କଳାହାଣ୍ଡି, ବୌଦ୍ଧ, ନୟାଗଡ,ଗଞ୍ଜାମ, ରାୟଗଡା, ଗଜପତି, ବଲାଙ୍ଗିର ଜିଲା ସୀମାନ୍ତକୁ ଲାଗିଥିବାରୁ କନ୍ଧମାଳରେ ମାଓ ଗତିବିଧି ବୃଦ୍ଧି ପାଉଛି। ଏପରିକି ମାଓବାଦୀ ଅନ୍ୟ ଜିଲାରେ ହିଂସାତ୍ମକ କାର୍ଯ୍ୟକଳାପ କରି କନ୍ଧମାଳକୁ ଚାଲିଆସୁଛନ୍ତି। ଏଥିପାଇଁ ଏଠାରେ ମାଓ ମୁକାବିଲ ନୀତି ପ୍ରସ୍ତୁତ ହୋଇଛି। କନ୍ଧମାଳରେ କଳାହାଣ୍ଡି-କନ୍ଧମାଳ-ବୌଦ୍ଧ-ନୟାଗଡ(କେକେବିଏନ) ଡିଭିଜନ ଏବଂ ବାଣଦାରା ଘୁମୁସର ନାଗାବଳୀ ଡିଭିଜନ ସକ୍ରିୟ ଅଛି । କେକେବିଏନ ଡିଭିଜନ ଅଧିନରେ ତିନୋଟି ଏରିଆ କମିଟି ଜିଲାରେ ସକ୍ରିୟ ରହିଥିବା ସୂଚନା ମିଳିଛି। ସିପିଆଇ ମାଓବାଦୀ କେନ୍ଦ୍ରୀୟ କମିଟି ସଭ୍ୟ ଜମ୍ପନ୍ନା ଏବଂ ତାଙ୍କ ସ୍ତ୍ରୀ ଦୁର୍ଗା ଓରଫ ନବତା ଅଧିକ ମୁଣ୍ଡବ୍ୟଥାର କାରଣ ହୋଇଛି କନ୍ଧମାଳ ସମେତ ଚାରି ଜିଲାର ପୁଲିସ ପାଇଁ। କିଛି ଦିନ ପୂର୍ବରୁ ଖମନଖୋଲ ଘାଟିରେ ମାଓ ଆକ୍ରମଣରେ ଜଣେ ଯବାନ ସହିତ ଅନ୍ୟ ୭ଜଣ ଆହତ ହୋଇଥିଲେ।

### ନୀଳାଚଳ ଇସ୍ପାତର ପୁନରୁଦ୍ଧାର ପ୍ରସଙ୍ଗ

# ଚିଠି ଲେଖିଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର :** ଏକଦା ନିରନ୍ତର ଲାଭ କରୁଥିବା ଏବଂ ପରବର୍ତ୍ତୀ ସମୟରେ କ୍ରମାଗତ କ୍ଷତି ସହି ବନ୍ଦ ହୋଇ ଯାଇଥିବା ରାଷ୍ଟ୍ରାୟତ୍ତ ଉଦ୍ୟୋଗ ନୀଳାଚଳ ଇସ୍ପାତ ନିଗମ (ଏନ୍‌ଆଇଏନ୍‌ଏଲ୍)ର ପୁନରୁଦ୍ଧାର ନିମନ୍ତେ କେନ୍ଦ୍ର ବାଣିଜ୍ୟ ରାଷ୍ଟ୍ରମନ୍ତ୍ରୀ ନିର୍ମଳା ସୀତାରମଣଙ୍କୁ ଚିଠି ଲେଖିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ମଙ୍ଗଳବାର ନବୀନ ଏହି ସଂସ୍ଥାରେ କାର୍ଯ୍ୟ କରୁଥିବା ୩୭୦୦ କର୍ମଚାରୀଙ୍କ ସ୍ୱାର୍ଥ ପ୍ରତି ଦୃଷ୍ଟି ଦେବା ସହ ଏହାର ପୁନରୁଦ୍ଧାର ନିମନ୍ତେ ପଦକ୍ଷେପ ଗ୍ରହଣ କରିବାକୁ ଅନୁରୋଧ କରିଛନ୍ତି। ସୂଚନାଯୋଗ୍ୟ ଯେ କେନ୍ଦ୍ର ସରକାରଙ୍କ ଏମ୍‌ଏମ୍‌ଟିସି ସଂସ୍ଥା ପକ୍ଷରୁ ସ୍ଥାପିତ ଏନ୍‌ଆଇଏନ୍‌ଏଲ୍ ଏକ ସମୟରେ ବେଶ୍ ଭଲ କାରବାର କରୁଥିଲା। ଏନ୍‌ଆଇଏନ୍‌ଏଲ୍‌ରେ ଏମ୍‌ଏମ୍‌ଟିସିର ୪୯.୭୮% ଅଂଶ ଥିବାବେଳେ ଏଥିରେ ରାଜ୍ୟ ସରକାର ଅଧୀନସ୍ଥ ଓଏମ୍‌ସି ଓ ଇପିକଲ୍ ୨୭.୬୧% ଭାଗୀଦାର ଥିଲେ। ମାତ୍ର ଇସ୍ପାତ ବଜାରର ମାନ୍ଦାବସ୍ଥା ଯୋଗୁ ୨୦୧୨-୧୩ରୁ ଏନ୍‌ଆଇଏନ୍‌ଏଲ୍ କ୍ରମାଗତ କ୍ଷତିର ସମ୍ମୁଖୀନ ହୋଇ ପରବର୍ତ୍ତୀ ସମୟରେ ବନ୍ଦ ହୋଇ ଯାଇଥିଲା। କମ୍ପାନୀର ଆର୍ଥିକ ଦୁର୍ଗତିର ମୁକାବିଲା କରିବା ପାଇଁ ଅନ୍ୟୂନ ୩୦୦ କୋଟି ଟଙ୍କାର ଅତିରିକ୍ତ ଇକ୍ୟୁଟି ପ୍ରଦାନ କରିବାକୁ ରିଜର୍ଭବ୍ୟାଙ୍କ ପରାମର୍ଶ ଦେଇଥିଲେ। ରାଜ୍ୟ ସରକାର ଏନ୍‌ଆଇଏନ୍‌ଏଲ୍ ପ୍ରସଙ୍ଗରେ ଉଦ୍‌ବେଗ ପ୍ରକାଶ କରିବା ସହ ଏହାର ୩୭୦୦ କର୍ମଚାରୀଙ୍କ ସ୍ୱାର୍ଥଦୃଷ୍ଟିରୁ ଏହାକୁ ପୁନଃକାର୍ଯ୍ୟକ୍ଷମ କରାଯିବା ସପକ୍ଷରେ ଅଛନ୍ତି । ସେହିପରି ସଂସ୍ଥାକୁ ଲୁହାପଥର ଯୋଗାଣ ନିମନ୍ତେ ପଦକ୍ଷେପ ନିଆଯାଇଛି ଏବଂ ଗତ ୨ ବର୍ଷରେ ୮୦ କୋଟି ଟଙ୍କା ଇକ୍ୟୁଟି ପ୍ରଦାନ କରିଛନ୍ତି । ଏହି ପରିସ୍ଥିତିରେ କମ୍ପାନୀକୁ ଚଳାଇବା ପାଇଁ କେନ୍ଦ୍ର ସରକାରଙ୍କ ସହଯୋଗ ଏକାନ୍ତ ଆବଶ୍ୟକ । ଯେହେତୁ ଏହି କମ୍ପାନୀରେ ଏମ୍‌ଏମ୍‌ଟିସିର ପାଖାପାଖି ୫୦% ଅଂଶଧନ ରହିଛି, ତେଣୁ କେନ୍ଦ୍ର ସରକାର ଏହାର ପୁନରୁଦ୍ଧାର ନିମନ୍ତେ ପଦକ୍ଷେପ ଗ୍ରହଣ କରିବା ସହ ଅତିରିକ୍ତ ଇକ୍ୟୁଟି ସହଯୋଗ ଯୋଗାଇ ଦେବାକୁ ମୁଖ୍ୟମନ୍ତ୍ରୀ ଅନୁରୋଧ କରିଛନ୍ତି।

# ଉଦ୍‌ଘାଟନ ଅପେକ୍ଷାରେ ତ୍ରିଶୁଳିଆ ସେତୁ

**ଭୁବନେଶ୍ୱର :** କାଠଯୋଡ଼ି ଉପରେ ନିର୍ମିତ ରାଜ୍ୟର ଦୀର୍ଘତମ ତ୍ରିଶୁଳିଆ ସେତୁର ନିର୍ମାଣ କାର୍ଯ୍ୟ ଶେଷ ହୋଇଛି। ଖୁବ୍‌ଶୀଘ୍ର ଭୁବନେଶ୍ୱର-କଟକକୁ ସଂଯୁକ୍ତ କରୁଥିବା ୨.୮କିମି ଦୀର୍ଘ ଏହି ସେତୁର ଉଦ୍‌ଘାଟନ କରାଯିବ। ଏହାକୁ ଉଦଘାଟନ କରିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଅନୁରୋଧ କରାଯାଇଥିବା ପୂର୍ତ୍ତ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। କାଠଯୋଡ଼ି ଉପରେ ତ୍ରିଶୁଳିଆରୁ ଚାନ୍ଦିନିଚୌକ ନିକଟସ୍ଥ ଜୁଡିସିଆଲ ଏକାଡେମୀ ପର୍ଯ୍ୟନ୍ତ ନିର୍ମିତ ଏହି ସେତୁ ଦ୍ୱାରା ହାଇକୋର୍ଟ, ମର୍କତ ନଗର ଏବଂ କଟକ ସହରର ପଶ୍ଚିମାଞ୍ଚଳକୁ ଯାତାୟାତ ସହଜ ହେବ। ସେହିପରି ଖୋର୍ଦ୍ଧାରୁ ମେଣ୍ଢାଶାଳ, ଚନ୍ଦକା, ବାରଙ୍ଗ ଦେଇ ଏହି ରାସ୍ତାରେ କଟକ ଯାଇହେବ। ରାସ୍ତାର ଦୂରତ୍ୱ କମିବା ସହ କମ୍ ସମୟ ଲାଗିବ। ସେତୁ ନିର୍ମାଣରେ ୧୦୭କୋଟି ୫୭ ଲକ୍ଷ ଟଙ୍କା ବ୍ୟୟ ହୋଇଛି। ୨୦୧୧ ମସିହା ମାର୍ଚ୍ଚ ୭ ତାରିଖରେ ଏହି ସେତୁ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇଥିଲା। ଗତ ୭ ତାରିଖରେ ନିର୍ମାଣ କାର୍ଯ୍ୟ ଶେଷ ହୋଇଥିବା ପୂର୍ତ୍ତ ସଚିବ ନଳିନୀକାନ୍ତ ପ୍ରଧାନ କହିଛନ୍ତି। ମହାନଦୀରେ ବିଜୁ ପଟ୍ଟନାୟକ ପାର୍କ ନିକଟରେ ନିର୍ମାଣାଧୀନ ନୂଆପାଟଣା ସେତୁ କାର୍ଯ୍ୟ ଶେଷ ହେଲେ ତ୍ରିଶୂଳିଆ ଦେଇ ଢେଙ୍କାନାଳ, ସମ୍ବଲପୁରକୁ ଗମନାଗମନ ପାଇଁ ଜନସାଧାରଣ ଅଧିକ ସୁବିଧା ପାଇବେ ବୋଲି ସେ ପ୍ରକାଶ କରିଛନ୍ତି।

# ଇଲେକଟ୍ରୋନିକ୍ସ ପଦ୍ଧତିରେ କାର୍ଯ୍ୟ ଆରମ୍ଭ

**ଭୁବନେଶ୍ୱର :** ଜମିଜମା ମାପଚୁପ ପାଇଁ ବ୍ୟବହୃତ ହୋଇ ଆସୁଥିବା ଚେନ୍, ଗୁନିଆ, କମ୍ପାସ୍ ଆଦିର ଯୁଗ ଶେଷ ହେବାକୁ ଯାଉଛି। ଏହି ସ୍ଥାନରେ ଇଲୋକ୍ଟ୍ରୋନିକ୍ ଟୋଟାଲ ସିଷ୍ଟମ(ଇଟିଏସ୍), ଗ୍ରାଣ୍ଡ ପଜେସନିଂ ସିଷ୍ଟମ୍(ଜିପିଏସ୍), ଡିଫରେନସିଆଲ ଗ୍ଲୋବାଲ୍ ପଜେସନିଂ ସିଷ୍ଟମ୍(ଡିଜିପିଏସ୍), ହାଇ ରିଜୋଲିଉସନ୍ ସ୍ୟାଟେଲାଇଟ୍ ଇମାଜିନ୍ ସିଷ୍ଟମ୍(ଏଚ୍‌ଆରଏସ୍‌ଆଇ)ରେ ଜମିଜମାର ମାପଚୁପ ହେବା ଲାଗି ଯୋଜନା ଆରମ୍ଭ ହୋଇଛି। ପ୍ରଥମ ପର୍ଯ୍ୟାୟରେ ୯ଟି ଜିଲା କଟକ, ଖୋର୍ଦ୍ଧା, ଗଞ୍ଜାମ, କେନ୍ଦୁଝର, ସୁନ୍ଦରଗଡ, ସମ୍ବଲପୁର, ବଲାଙ୍ଗୀର, ସୋନପୁର ଏବଂ ଦେଓଗଡ଼ରେ ଏହାକୁ ପାଇଲଟ୍ ପ୍ରୋଜେକ୍ଟ ଭାବେ ଆରମ୍ଭ କରାଯାଇଛି। ଜମିଜମା କାର୍ଯ୍ୟକୁ ଅଧିକ ସ୍ୱଚ୍ଛ ତଥା ସଠିକ୍ କରିବା ଲାଗି ସ୍ପେଶାଲ ସର୍ଭେ ଆଣ୍ଡ ସେଟେଲମେଣ୍ଟ ଆକ୍ଟ-୨୦୧୨ ପ୍ରଣୟନ କରାଯାଇଛି। ଏହି ଆଇନ୍ ଅନୁଯାୟୀ ଜମିଜମାର ମାପଚୁପ ଲାଗି ନୂତନ

## ଜମି ମାପଚୁପ ପାଇଁ ପୁରୁଣା ବ୍ୟବସ୍ଥାର ଯୁଗ ଶେଷ

ଜ୍ଞାନକୌଶଳର ବ୍ୟବହାର ଉପରେ ଗୁରୁତ୍ୱ ଦିଆଯାଇଛି । ବିଶେଷକରି ଏଥିରେ ବୈଷୟିକ ଜ୍ଞାନକୌଶଳ ବ୍ୟବହାର ପାଇଁ ନିଷ୍ପତ୍ତି ନିଆଯାଇଛି । ଏହି ବ୍ୟବସ୍ଥା ଦ୍ୱାରା ଗୋଟିଏ ଜମିର ସବିଶେଷ ବିବରଣୀ କମ୍ପ୍ୟୁଟରର ଗୋଟିଏ କ୍ଲିକ୍‌ରେ ମିଳିପାରିବ। ଏହି ଜମିଟି କେବେ, କାହାକୁ ବିକ୍ରି ହୋଇଥିଲା, ଏହା କାହା ନାମରେ ରହିଛି ଏବଂ ଜମିର ପରିମାଣ କେତେ ସେ ସବୁ ସଂକ୍ରାନ୍ତରେ ସବିଶେଷ ତଥ୍ୟ ଜଣେ ବ୍ୟକ୍ତି ଘରେ ବସି ପାଇପାରିବ । ଆହୁରି ମଧ୍ୟ ଏହା ଜରିଆରେ ଜମିର ବିକା-କିଣା, ମ୍ୟୁଟେସନ୍ ଏବଂ ପୁରୁଣା ପଦ୍ଧତିର ସମାପ୍ତି ଘଟିବ। ଏହାଦ୍ୱାରା ସମୟର ଅପଚୟକୁ ରୋକାଯିବା ସହ ଅଯଥା ଅର୍ଥ ଖର୍ଚ୍ଚକୁ ମଧ୍ୟ ରୋକାଯାଇ ପାରିବ। ଏପରିକି ଏହି ପ୍ରଣାଳୀ ଦ୍ୱାରା ଲୋକେ ନୁହେଁ ପ୍ରଶାସନ ଲୋକଙ୍କ ନିକଟରେ ପହଞ୍ଚିବ। ଓଡ଼ିଶା ଜମିଜମା ବନ୍ଦୋବସ୍ତ ଆଇନ-୧୯୫୮ ଅନୁଯାୟୀ ଜମି ସବୁର ବନ୍ଦୋବସ୍ତ ହୋଇପାରୁ ନାହିଁ। ଏବେ ସୁଦ୍ଧା ଟେକ୍ନିକାଲ ରୁଲ୍ସ ଅଫ ଦି ସେଟେଲମେଣ୍ଟ ଡିପାର୍ଟମେଣ୍ଟ ବିହାର ଏବଂ ଓଡ଼ିଶା ଆକ୍ଟ-୧୯୨୭ ଅନୁଯାୟୀ ଜମିଜମାର ମାପଚୁପ ଚାଲିଛି। ଏହି ବ୍ୟବସ୍ଥା ଅନୁଯାୟୀ ଜମି ମାପଚୁପ ଲାଗି ଚେନ୍, ଗୁନିଆ ଏବଂ କମ୍ପାସ ଆଦିର ବ୍ୟବହାର ହେଉଛି। ଫଳରେ ଜମି ମାପଚୁପର ସଠିକତା ନେଇ ବିଭିନ୍ନ ସମୟରେ ପ୍ରଶ୍ନ ଉଠୁଛି । ଏ ନେଇ ବହୁ ଗ୍ରାମର ଜମିଜମା ଚକବନ୍ଦୀ ହୋଇପାରୁ ନାହିଁ। ସେହିପରି ୧୭୦୦ରୁ ଊର୍ଦ୍ଧ୍ୱ ନୂତନ ଭାବରେ ସୃଷ୍ଟି ହୋଇଥିବା ଭୂଖଣ୍ଡ ଏ ପର୍ଯ୍ୟନ୍ତ ବନ୍ଦୋବସ୍ତ କରାଯାଇ ସରକାରୀ ଖାତାଭୁକ୍ତ ହୋଇପାରି ନାହିଁ ବୋଲି ରାଜସ୍ୱ ବିଭାଗର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ଫଳରେ ରାଜ୍ୟ ସରକାର ହଜାର ହଜାର ହେକ୍ଟର ଜମି ନିଜ ଅକ୍ତିଆରକୁ ଆଣିବାରେ ସମର୍ଥ ହୋଇପାରୁନାହିଁ । ୧୯୭୨ରେ ଚକବନ୍ଦୀ ଆଇନ ପ୍ରଣୟନ କରାଗଲା;କିନ୍ତୁ ଏହି ଆଇନ ମଧ୍ୟ ଠିକ୍ ଭାବେ କାର୍ଯ୍ୟକାରୀ ହୋଇପାରିନାହିଁ। ଏହି ଚକବନ୍ଦୀ ଆଇନ ୧୯୨୭ର ଆଇନକୁ ଅନୁକରଣ କରି କାର୍ଯ୍ୟକାରୀ କରାଯିବାରୁ ଚକବନ୍ଦୀ କାର୍ଯ୍ୟରେ ଏହା ବିଶେଷ ସହାୟକ ହୋଇପାରିଲା ନାହିଁ। ପ୍ରଥମେ ଏହି ନୂତନ ବ୍ୟବସ୍ଥାକୁ ରାଜଧାନୀ ଭୁବନେଶ୍ୱର ଉପକଣ୍ଠର ଗିରିଙ୍ଗାପୁର ଗ୍ରାମରେ କାର୍ଯ୍ୟକାରୀ କରାଯାଇଥିଲା; କିନ୍ତୁ ଏ ସମ୍ପର୍କରେ ଲୋକଙ୍କୁ ଯଥେଷ୍ଟ ସଚେତନ କରାଯାଇନଥିବାରୁ ତାହା ସଫଳ ହୋଇପାରିନଥିଲା। ଏବେ ରାଜ୍ୟ ସରକାର ପୁଣି ଥରେ ଏହି ଯୋଜନାକୁ ୯ଟି ଜିଲାରେ ପାଇଲଟ୍ ପ୍ରୋଜେକ୍ଟ ଭାବେ ଆରମ୍ଭ କରିଛନ୍ତି।

### କେନ୍ଦ୍ରର ଚାଷୀମାରଣ ନୀତି ବିରୁଦ୍ଧରେ ବିଜେଡି ସରକାର !

# ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି ଧର୍ମକୁ ଆଖିଠାର

**ଭୁବନେଶ୍ୱର :** କେନ୍ଦ୍ରରେ ଥିବା ଏନ୍‌ଡିଏ ସରକାରଙ୍କର ଓଡ଼ିଶା ପ୍ରତି ବୈମାତୃକ ମନୋଭାବ ଅବର୍ଣ୍ଣନୀୟ। ଧାନର ସର୍ବନିମ୍ନ ସହାୟକ ମୂଲ୍ୟବୃଦ୍ଧି କରିବାକୁ ଓଡ଼ିଶା ବିଧାନସଭାରେ ପାରିତ ସର୍ବସମ୍ମତି ପ୍ରସ୍ତାବକୁ ହେୟଜ୍ଞାନ କରି କେନ୍ଦ୍ର ସରକାର ନିକଟରେ ମାତ୍ର କ୍ୱିଣ୍ଟାଲ ପିଛା ୮୦ ଟଙ୍କା ବୃଦ୍ଧି କରି କୃଷକମାନଙ୍କ ଆର୍ଥିକ ମେରୁଦଣ୍ଡକୁ ଭାଙ୍ଗି ସର୍ବସ୍ୱାନ୍ତ କରିଦେବା ପାଇଁ ବିଧିବଦ୍ଧ ଭାବରେ ଚକ୍ରାନ୍ତ କରିଚାଲିଛନ୍ତି। କୃଷି ଓ କୃଷକର ସର୍ବାଙ୍ଗୀନ ଉନ୍ନତିରେ ହିଁ ରାଜ୍ୟର ଉନ୍ନତି- ଏହି ଭାବଧାରାକୁ ଆଧାର କରି ବିଜୁ ଜନତା ଦଳର ସରକାର କୃଷି ଓ ଆନୁଷଙ୍ଗିକ କ୍ଷେତ୍ରର ବିକାଶକୁ ପ୍ରଗତି ପ୍ରକ୍ରିୟାରେ ପ୍ରାଥମିକତା ଦେଇ ଆସୁଛନ୍ତି। କୃଷି ଓ କୃଷକଙ୍କୁ ସମର୍ଥ ଓ ସଶକ୍ତ କରିବା ଲକ୍ଷ୍ୟରେ ବିଭାଗର ନାମ ପରିବର୍ତ୍ତନ କରାଯାଇ 'କୃଷି ଓ କୃଷକ ସଶକ୍ତିକରଣ' ବିଭାଗ କରାଯାଇଛି। ସ୍ୱତନ୍ତ୍ର କୃଷି ବଜେଟ୍ ଏବଂ 'କୃଷି କ୍ୟାବିନେଟ୍' ଗଠନ କରିବାରେ ଓଡ଼ିଶା ଦେଶର ଅଗ୍ରଣୀ ରାଜ୍ୟ। ୨୦୧୩-୧୪ରେ ୭୧୬୨ କୋଟି ଟଙ୍କାର କୃଷି ବଜେଟ୍ ଚଳିତବର୍ଷ ୨ଗୁଣ ବୃଦ୍ଧି ପାଇ ୧୪,୯୩୦ କୋଟି ଟଙ୍କାରେ ପହଞ୍ଚିଛି। ୨୦୦୦ ମସିହା ତୁଳନାରେ ଆମ କୃଷି ଉତ୍ପାଦନ ବଢ଼ିଛି ଦୁଇଗୁଣ। ସେହିପରି ୨୦୧୦ ମସିହା ତୁଳନାରେ ଆମ କୃଷକଙ୍କ ଆୟକୁ ଦୁଇଗୁଣ କରାଇବାରେ ଓଡ଼ିଶା ସାରା ଭାରତରେ ପ୍ରଥମ ରାଜ୍ୟ। ଗତ ୫ବର୍ଷରେ ୪ଥର କୃଷି କର୍ମଣ ପୁରସ୍କାର ପାଇ ଓଡ଼ିଶା କୃଷି କ୍ଷେତ୍ରରେ ଅନ୍ୟ ରାଜ୍ୟମାନଙ୍କ ପାଇଁ ଉଦାହରଣ ହୋଇପାରିଛି। ଏହିସବୁ ସଫଳତା ପଛରେ ରହିଛି ରାଜ୍ୟ ସରକାରଙ୍କ କୃଷିର ବିକାଶ ପାଇଁ ପ୍ରତିବଦ୍ଧତା ଓ ଓଡ଼ିଶାର କୃଷକମାନଙ୍କ ପରିଶ୍ରମ। ବିଜୁ ଜନତା ଦଳର ସଭାପତି ତଥା ରାଜ୍ୟର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏକଥା ସବୁବେଳେ କହିଆସିଛନ୍ତି ଯେ "ମୋ ସରକାର କୃଷକମାନଙ୍କର।" ସରକାରଙ୍କର ସମସ୍ତ କାର୍ଯ୍ୟକ୍ରମ ଯେଭଳି କୃଷକମାନଙ୍କ ଉନ୍ନତି କଳ୍ପେ ଅଭିପ୍ରେତ ହୁଏ, ସେଥିପାଇଁ ସେ ସବୁବେଳେ ସ୍ୱତନ୍ତ୍ର ଧ୍ୟାନ ଦେଇ ଆସିଛନ୍ତି। ବିଜେପି ନେତୃତ୍ୱାଧୀନ କେନ୍ଦ୍ରର ଏନ୍‌ଡିଏ ସରକାର ନିର୍ବାଚନ ପୂର୍ବରୁ କୃଷିଜାତ ସାମଗ୍ରୀର ସର୍ବନିମ୍ନ ସହାୟକ ମୂଲ୍ୟ ସ୍ୱାମୀନାଥନ କମିଶନଙ୍କ ସୁପାରିସ ଆଧାରରେ ଉତ୍ପାଦନ ଖର୍ଚ୍ଚର ଦେଢ଼ଗୁଣା କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଗତ ୩ବର୍ଷ ଧରି କେନ୍ଦ୍ର ସରକାର ଏ କ୍ଷେତ୍ରରେ ଟାଳଟୁଳ ନୀତି ଅବଲମ୍ବନ କରିଛନ୍ତି । ଓଡ଼ିଶା ବିଧାନସଭାରେ ଗତ ଅଧିବେଶନରେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ କ୍ୱିଣ୍ଟାଲ ପିଛା ୨୯୩୦ ଟଙ୍କା କରିବା ଲାଗି ଏକ ସଂକଳ୍ପ ପାରିତ ହୋଇଥିଲା। ବାଚସ୍ପତିଙ୍କ ଅଧ୍ୟକ୍ଷତାରେ ସବୁ ଦଳର ସଭ୍ୟଙ୍କୁ ନେଇ ଏକ ଗୃହ କମିଟି ଗଠିତ ହୋଇଥିଲା। ଯେଉଁ କମିଟି ପ୍ରଧାନମନ୍ତ୍ରୀଙ୍କୁ ଭେଟି କୃଷକମାନଙ୍କର ସ୍ୱାର୍ଥ ଓ ବାସ୍ତବ ସ୍ଥିତି ଆଧାରରେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ କ୍ୱିଣ୍ଟାଲ ପିଛା ୨୯୩୦ ଟଙ୍କା କରିବା ପାଇଁ ଦାବି ଉପସ୍ଥାପନ କରିଥାନ୍ତେ। କିନ୍ତୁ ବଡ଼ ଦୁଃଖ ଓ ପରିତାପର କଥା ଯେ ଗୃହ କମିଟିର ଅନୁରୋଧ ଶୁଣିବା ପାଇଁ ସରକାର ସମୟ ଦେଲେ ନାହିଁ। ଇତିମଧ୍ୟରେ କେନ୍ଦ୍ର ସରକାର ଧର୍ମକୁ ଆଖିଠାର ଭଳି ଧାନର ସର୍ବନିମ୍ନ ସହାୟକ ମୂଲ୍ୟ କ୍ୱିଣ୍ଟାଲ ପିଛା ମାତ୍ର ୮୦ ଟଙ୍କା ବୃଦ୍ଧି କରି ୧୫୫୦ ଟଙ୍କା ଧାର୍ଯ୍ୟ କରିଛନ୍ତି। ଏହା କୃଷକମାନଙ୍କ ପ୍ରତି ଚରମ ଉପହାସ ଓ ପ୍ରତାରଣା। ଗତ ୩ ବର୍ଷ ଧରି ରାଜ୍ୟ ସରକାର ଧାନର ସର୍ବନିମ୍ନ ସହାୟକ ମୂଲ୍ୟ କ୍ୱିଣ୍ଟାଲ ପିଛା ୨୫୦୦ ଟଙ୍କା ଓ ୨୯୩୦ ଟଙ୍କା କରିବା ପାଇଁ ଅନୁରୋଧ କରିଥିଲେ ହେଁ କେନ୍ଦ୍ର ସରକାର ହାସ୍ୟାସ୍ପଦ ଭାବରେ ମାତ୍ର ଯଥାକ୍ରମେ ୫୦ ଟଙ୍କା, ୬୦ ଟଙ୍କା ଓ ୮୦ ଟଙ୍କା ବୃଦ୍ଧି କରିଛନ୍ତି।

### ଭୀମସାର ଆଇନ୍

# ନିର୍ଦ୍ଦେଶକଙ୍କ ଆର୍ଥିକ କ୍ଷମତା ରହିଛି

**ଭୁବନେଶ୍ୱର :** ଭୀମସାର ଆଇନର ଧାରା ୧୧ ଅନୁସାରେ ଆର୍ଥିକ ଓ ପ୍ରଶାସନିକ କ୍ଷମତା ଭୀମସାର ନିର୍ଦ୍ଦେଶକଙ୍କ ଅଧିକାର ପର୍ଯ୍ୟାୟଭୁକ୍ତ ଏବଂ ଏଥିପାଇଁ ସ୍ୱତନ୍ତ୍ର ନିର୍ଦ୍ଦେଶର ଆବଶ୍ୟକତା ନାହିଁ । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅତିରିକ୍ତ ସଚିବ ଏହି ମର୍ମରେ ଭୀମସାର ନିର୍ଦ୍ଦେଶକଙ୍କୁ ମଙ୍ଗଳବାର ଚିଠି ଲେଖିଛନ୍ତି। ୨୦୧୪ ଡ଼ିସେମ୍ବର ୨୩ ତାରିଖରେ ଭିଏସ୍‌ଏସ୍‌ମେଡ଼ିକାଲ କଲେଜ ଓ ହସ୍‌ପିଟାଲ କୁ ସ୍ୱୟଂଶାସିତ ନିମନ୍ତେ ନିଷ୍ପତ୍ତି ନେଇଥିଲେ ଏବଂ ଏହା ୨୦୧୫ ଜାନୁଆରୀ ୧ ତାରିଖରୁ କାର୍ଯ୍ୟକାରୀ ହୋଇଥିଲା ଏବଂ ବୀର ସୁରେନ୍ଦ୍ର ସାଏ ଇନଷ୍ଟିଚ୍ୟୁଟ୍ ଅଫ୍ ମେଡ଼ିକାଲ ସାଇନସେସ ଏଣ୍ଡ ରିସର୍ଚ୍ଚ (ଭୀମସାର୍)କୁ ପରିବର୍ତ୍ତିତ ହୋଇଥିଲା। ଚଳିତ ବର୍ଷ ଜୁନ୍ ୨ ତାରିଖରେ ଏହାର ନୂତନ ନିର୍ଦ୍ଦେଶକ ଯୋଗଦେବା ପରେ ଭୀମସାର ଆଇନ ୨୦୧୪ର ଧାରା ୧୧ ଅନୁସାରେ ସ୍ୱାଭାବିକ ଭାବରେ ଆର୍ଥିକ ଓ ପ୍ରଶାସନିକ ଦାୟିତ୍ୱ ତାଙ୍କ ଉପରେନ୍ୟସ୍ତ ହୋଇଛି । ଅନୁଷ୍ଠାନର ଦୈନନ୍ଦିନ କାର୍ଯ୍ୟ ପରିଚାଳନା ନିମନ୍ତେ ଏହା ଅପରିହାର୍ଯ୍ୟ ହୋଇଥିବାରୁ ଏଥିପାଇଁ ସ୍ୱତନ୍ତ୍ର ନିର୍ଦ୍ଦେଶର ଆବଶ୍ୟକତା ନାହିଁ ବୋଲି ଅତିରିକ୍ତ ସଚିବ ଚିଠିରେ ଉଲ୍ଲେଖ କରିଛନ୍ତି।

କାମବାସନା ସହିତ ସମାନ କୌଣସି ରୋଗନାହିଁ,
ମୋହ ବା ଇଚ୍ଛା ଠାରୁ ବଳି ଆଉ କେହି ଶତ୍ରୁନାହିଁ,
କ୍ରୋଧ ସମାନ ବଳି ନିଆଁ ନାହିଁ, ଜ୍ଞାନଠାରୁ ବଡ
କୌଣସି ସୁଖ ନାହିଁ : ଚାଣକ୍ୟ





# ସମ୍ପାଦକୀୟ

## ବିଲାତି କଳି !

ଉତ୍ପାଦନ, ସଂରକ୍ଷଣ ଓ ବଣ୍ଟନ ବ୍ୟବସ୍ଥାର ଦାୟିତ୍ୱ ସରକାରଙ୍କ ଉପରେ। ଏଥିପାଇଁ ସରକାରଙ୍କ ବିଭିନ୍ନ ବିଭାଗ ନିଜ କର୍ତ୍ତବ୍ୟରେ ଅବହେଳା କଲେ ବା ଉଣା କଲେ ଏହାର କୁଫଳ ଭୋଗ କରନ୍ତି ସାଧାରଣ ଜନତା। ତେଣୁ ସରକାରୀ ଯୋଜନା ଓ ଏହାର କାର୍ଯ୍ୟକାରିତା ମଧ୍ୟରେ ସମନ୍ୱୟ ନ ରହିଲେ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇଥାଏ। ଗରିବ ହେଉ କି ମଧ୍ୟବିତ ସମସ୍ତେ ସୁଲଭ ମୂଲ୍ୟରେ ବଜାରରୁ ଦ୍ରବ୍ୟ ପାଇବାର ଆଶା ପୋଷଣ କରନ୍ତି। ନିଜର ଆୟ ଅନୁସାରେ ପରିବାରର ପ୍ରତିପୋଷଣ ଏବଂ ହାଟ ସଉଦା ପର୍ଯ୍ୟନ୍ତ ସବୁଥିରେ ଯୋଜନା ସୁଫଳକୁ ଖୋଜୁଥାନ୍ତି। ହେଲେ ରଜ୍ୟରେ ଗତ ୨ ସପ୍ତାହ ମଧ୍ୟରେ ନାଲି ବିଲାତି ବାଇଗଣ ଦର ହୁ ହୁ ହୋଇ ବଢ଼ିଚାଲିଛି। ଯାହାକୁ ନେଇ ଖାଉଟିମାନେ ଅସନ୍ତୁଷ୍ଟ ଥିବା ବେଳେ ରାଜ୍ୟ ରାଜନୀତିରେ ବିଲାତି ଏବେ ଏକ ମୁଖ୍ୟ ପ୍ରସଙ୍ଗ ପାଲଟିଯାଇଛି। ବିଲାତିକୁ ନେଇ ଦୁଇଜଣ ବରିଷ୍ଠ ମନ୍ତ୍ରୀ ଯେଉଁଭଳି ବାକ୍ୟୁଦ୍ଧ ଆରମ୍ଭ କରିଦେଇଛନ୍ତି ତାହା ଆଲୋଚନାର ବିଷୟ। କାରଣ ଗତ ଏକମାସ ତଳେ ଆମ ରାଜ୍ୟରେ ବିଲାତି ଦର କିଲୋଗ୍ରାମ ପିଛା ମାତ୍ର ୦.୭୦ ପଇସା ଥିଲା। ଏବେ ଏହା ୮୦ ଟଙ୍କାକୁ ଛୁଇଁଛି। ତେଣୁ ବିଲାତି ଦର ବଜାରରେ ଏକପ୍ରକାର ଚଡକ ସୃଷ୍ଟି କରିଛି। ନାଲି ବିଲାତିର ଦରକୁ ନେଇ ଖାଉଟିଙ୍କ ଚିନ୍ତା ତ ବଢ଼ିଛି, ହେଲେ ଏହା ରାଜ୍ୟ କୃଷିମନ୍ତ୍ରୀ ଓ ଯୋଗାଣ ମନ୍ତ୍ରୀଙ୍କୁ ଚର୍ଚ୍ଚାରେ ରହିବା ପାଇଁ ଯେଉଁଭଳି ଖୋରାକ ଯୋଗାଉଛି ତାହା ହାସ୍ୟାସ୍ପଦ।

ଶାସକ ଦଳର ବରିଷ୍ଠ ନେତା ତଥା କୃଷିମନ୍ତ୍ରୀ ଡା.ଦାମୋଦର ରାଉତ ସର୍ବଦା ଏମିତି କିଛି ମନ୍ତବ୍ୟ ଦିଅନ୍ତି, ଯାହା ରାଜନୀତିରେ ବିବାଦ ଠିଆ କରିଥାଏ। ଫଳରେ ଦାମବାବୁଙ୍କ ମତ ଓ ମନ୍ତବ୍ୟକୁ ନେଇ ଶାସକଠୁ ବିରୋଧୀ ପର୍ଯ୍ୟନ୍ତ ସମସ୍ତେ ଆଲୋଚନା କରନ୍ତି। ଅଭିଜ୍ଞତା ଆଧାରରେ ଦାମବାବୁ ଯାହା କୁହନ୍ତି, ତାହା କିନ୍ତୁ ନିଜ ଦଳକୁ ମଧ୍ୟ ଅଡୁଆରେ ପକାଉଥିବାର ବହୁ ନଜିର ରହିଛି। ଫଳରେ ବିଜେଡିର ଆଭ୍ୟନ୍ତରୀଣ କନ୍ଦଳ ଦଳ ଭିତରେ ସୀମିତ ନରହି ପଦାକୁ ବାହାରି ଆସୁଛି। ବର୍ତ୍ତମାନ ବିଲାତି ବାଇଗଣ ମୂଲ୍ୟ ବୃଦ୍ଧିକୁ ନେଇ ଯୋଗାଣମନ୍ତ୍ରୀ ସୂର୍ଯ୍ୟନାରାୟଣ ପାତ୍ର ଓ ଦାମବାବୁ ମୁହାଁମୁହିଁ ସ୍ଥିତିରେ ରହିଛନ୍ତି। ଏହି ଦୁଇମନ୍ତ୍ରୀଙ୍କ ମଧ୍ୟରେ ତିକ୍ତତା ମଧ୍ୟ ବଢ଼ିଚାଲିଛି। ଦାମବାବୁଙ୍କ ମତ ସହ ଏକମତ ହେଉନାହାନ୍ତି ମନ୍ତ୍ରୀ ଶ୍ରୀ ପାତ୍ର ଏବଂ ଶ୍ରୀ ପାତ୍ରଙ୍କ ମନ୍ତବ୍ୟକୁ ମଧ୍ୟ ହଜମ କରିପାରୁ ନାହାନ୍ତି ମନ୍ତ୍ରୀ ଡା. ରାଉତ। ପରସ୍ପର ବିରୋଧାତ୍ମକ ମନ୍ତବ୍ୟ ରଖିବା ଦ୍ୱାରା ଅକଳରେ ପଡୁଛି ସରକାର।

କୃଷିମନ୍ତ୍ରୀ ଡା. ରାଉତ ନିଜ ବିଭାଗ ଉପରୁ ଦୋଷ ଖସାଇ ବିଲାତି ମୂଲ୍ୟ ବୃଦ୍ଧି ପାଇଁ ଯୋଗାଣ ବିଭାଗକୁ ଦାୟୀ କରିଛନ୍ତି। ସେ କହିଛନ୍ତି, କୃଷି ବିଭାଗର କାର୍ଯ୍ୟ ହେଲା ଫସଲ ଉତ୍ପାଦନ। ତେଣୁ ଫସଲ ଉତ୍ପାଦନ ପରେ ସଂରକ୍ଷଣ ଓ ବଜାର ଦର ନିୟନ୍ତ୍ରଣ ଯୋଗାଣ ବିଭାଗର ଦାୟିତ୍ୱ। ଏହି କଥାରେ ଚିହିଁକି ଉଠିଛନ୍ତି ମନ୍ତ୍ରୀ ଶ୍ରୀ ପାତ୍ର। ହେଲେ ଡା. ରାଉତ କହିଛନ୍ତି, ମୂଲ୍ୟ ଯଦି ବଢ଼ିଛି ବିଲାତି ବାଇଗଣ ଲୋକେ ନଖାଆନ୍ତୁ। ୧୫ଦିନ ତଳେ ରାଜ୍ୟରେ ବିଲାତି ବାଇଗଣ ବିକ୍ରି ହୋଇନପାରି ରାସ୍ତାରେ ଫୋପଡା ହେଉଥିଲା। ତେଣୁ କୃଷି ଉତ୍ପାଦନ ଅଧିକ ରହିଛି। ତେଣୁ ନିଜ ବିଭାଗର ସଫଳତାକୁ ନେଇ ଡା. ରାଉତ ସନ୍ତୁଷ୍ଟ ଥିଲା ବେଳେ ବିଲାତି ବାଇଗଣ ମୂଲ୍ୟ ବୃଦ୍ଧି ପରିପ୍ରେକ୍ଷୀରେ ଶ୍ରୀ ପାତ୍ର କହିଛନ୍ତି 'ଟମାଟୋ' ଏକ କୃଷିଜାତ ପଦାର୍ଥ। ଏହା ଅତ୍ୟାବଶ୍ୟକ ସାମଗ୍ରୀ ନୁହେଁ। କୃଷିଜାତ ପଦାର୍ଥ ଓ ଫଳମୂଳ ବିକ୍ରି ଉପରେ ଯୋଗାଣ ବିଭାଗର କୌଣସି ଦାୟିତ୍ୱ ନାହିଁ।

ଦୁଇମନ୍ତ୍ରୀଙ୍କ କଳିରେ ରାଜ୍ୟବାସୀଙ୍କର କୌଣସି ସ୍ୱାର୍ଥ ସାଧନ ହେଉ ନଥିଲା ବେଳେ ଏହା କେବଳ ରାଜନୈତିକ ଚର୍ଚ୍ଚା ପାଇଁ ଖୋରାକ ଯୋଗାଉଛି। ହେଲେ ବଜାରରେ ବିଲାତି ବାଇଗଣ ମୂଲ୍ୟ କିଭଳି କମିବ ସେକଥା ଉଭୟ ଚିନ୍ତା ନକରି ଏଭଳି ବାଦବିବାଦ ଠିଆ କଲେ କାହାର କି ଲାଭ ହେବ? ଖାଉଟିଙ୍କୁ ଉଚିତ ଦରରେ କୃଷିଜାତ ଦ୍ରବ୍ୟ ହେଉ କି ଅତ୍ୟାବଶ୍ୟକ ସାମଗ୍ରୀ ହେଉ ମିଳିବା ଦିଗରେ ଶାସକ ଓ ପ୍ରଶାସକ ଚିନ୍ତା କରିବା ଉଚିତ। ବିଲାତି ବାଇଗଣ ରାସ୍ତାରେ ଫୋପଡା ଯିବା ଘଟଣାରେ ସରକାର ଯେଉଁଭଳି ଦାୟୀ, ବଜାର ଦରକୁ ନିୟନ୍ତ୍ରଣରେ ନରଖିବା କ୍ଷେତ୍ରରେ ମଧ୍ୟ ସମଦାୟିତ୍ୱ ନତୁଲାବା ହିଁ ଦାୟୀ। ଏଭଳି ସ୍ଥିତିରେ ଦୋଷ ଫିଙ୍ଗାଫିଙ୍ଗି ନକରି ଉଭୟେ ଖାଉଟିମାନଙ୍କ ଚିନ୍ତା କଲେ ଭଲ। କାରଣ ସଂରକ୍ଷଣ ନହେବା ଫଳରେ ରାଜ୍ୟରେ ବିଲାତି ବାଇଗଣ ପ୍ରଚୁର ଉତ୍ପାଦନ ସତ୍ତ୍ୱେ ଏବେ ଆମେ ଏଥିପାଇଁ ଅନ୍ୟ ରାଜ୍ୟ ଉପରେ ନିର୍ଭର କରୁଛୁ। ଫଳରେ ବିଲାତି ଦର ଆକାଶଛୁଆଁ ହେଉଛି। ତେଣୁ ବିଲାତି ଏକ କଳି ନହୋଇ ସମାଧାନର ସୂତ୍ର ହେଉ।

# ମଶାଙ୍କ ରାଜୁତି : ଦୁଃଖଦ ପରିଣତି



ଅମିନୀଲୁ ରାୟ

କବି ବାଂଛାନିଧି ଦାଶଙ୍କ ଲିଖିତ 'ବିଚାର ବିଗିଡି ଗଲା' ପଦ୍ୟରେ –"ଧାରା ଶିରାବଣ ମାସ ଶେଷ ରବିବାର , ନିଧି ବୁଢା ବାଡି ପଟେ ପଡିଛି ବିଚାର ........." ଉକ୍ତ ପଦ୍ୟାଂଶଟିରୁ ଆମକୁ ଏହି ଶିକ୍ଷା ମିଳେ ଯେ –ଗାଉଁଲି ନିଧିବୁଢାର ବାଡିପଟେ ମଶା, ମାଛି, ମୂଷାମାନେ ଏକତ୍ର ବସି ତା'ର ପ୍ରାଣ ନେବା ପାଇଁ ଯେଉଁ ଯୋଜନାମାନ ପ୍ରସ୍ତୁତ କରିଥିଲେ, ଶେଷରେ ସେ ନିଜର ବୁଦ୍ଧି ଖଟାଇ ସେମାନଙ୍କର ସବୁ ଯୋଜନାକୁ ପଣ୍ଡ କରିବା ସହ ସବୁଦିନ ପାଇଁ ସେମାନଙ୍କୁ ଘରଠାରୁ ଦୂରକୁ ଘଉଡାଇଦେବାରେ ସକ୍ଷମ ହୋଇପାରିଥିଲା । କିନ୍ତୁ ଦୁଃଖ ଓ ପରିତାପର ବିଷୟ ଆଜିକା ସମୟରେ ହଜାର ହଜାର ନିଧିବୁଢା ଜନ୍ମ ନେଇଥିଲେ ବି କେହି ମଶାମାନଙ୍କୁ ସମ୍ପୂର୍ଣ୍ଣ ଭାବେ ଦମନ କରିବା ପାଇଁ ସକ୍ଷମ ହୋଇପାରୁ ନାହାନ୍ତି । ଯାହା ଫଳରେ ସେମାନଙ୍କର ଦୌରାତ୍ମ୍ୟ ସହରାଂଚଳରେ ଓ ଗ୍ରାମାଞ୍ଚଳରେ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି ।

ପୌରାଣିକ ଯୁଗରୁ ଅନୁଧ୍ୟାନ କଲେ ଜଣାପଡେ – ଯେବେଠୁ ପୃଥିବୀ ସୃଷ୍ଟି ହେଲାଣି ସେବେଠାରୁ ପ୍ରାଣୀଜଗତ ଓ ଉଦ୍ଭିଦଜଗତର ଜନ୍ମ କହିଲେ ଅତ୍ୟୁକ୍ତି ହେବ ନାହିଁ । କେଉଁ ଆଦିମ କାଳରୁ ପ୍ରବାଦ ଅଛି – ସୃଷ୍ଟିକର୍ତ୍ତାଙ୍କ ଦ୍ୱାରା ୩୩ କୋଟି ଜୀବଜନ୍ତୁ ସୃଷ୍ଟି ହୋଇଥିଲେ ବି ସେମାନଙ୍କ ମଧ୍ୟରୁ ମଶା ହେଉଛନ୍ତି ଅନ୍ୟତମ । ଏଇ ମଶାଙ୍କ ଜନ୍ମ ସେହି ସମୟରୁ ସୃଷ୍ଟି ହୋଇଥାଇପାରେ ବୋଲି କହିଲେ ଭୂଲ ହେବନାହିଁ । ଅର୍ଥାତ୍ ଏହା ଧରିନେବାକୁ ହେବ ଯେ- ପ୍ରାଣୀଜଗତର ଜନ୍ମ ସଂଗେ ସଂଗେ ମଶାମାନଙ୍କର ବି ଉତ୍ପତ୍ତି ହେଇଥାଇପାରେ ବୋଲି ବିଶ୍ୱାସ କରାଯାଏ ।

ଏ ପୃଥିବୀରେ ଭଗବାନ୍ ସମସ୍ତଙ୍କୁ ବିଭିନ୍ନ ରୂପରେ ଜନ୍ମ ଦେଇଛନ୍ତି । କୀଟ ପତଙ୍ଗଠାରୁ ଆରମ୍ଭ କରି ମଣିଷ ପର୍ଯ୍ୟନ୍ତ , ତୃଣଠାରୁ ମହାବୃକ୍ଷ ପର୍ଯ୍ୟନ୍ତ ସମସ୍ତେ ଏଇ ଧରା ପୃଷ୍ଠରେ ବିଦ୍ୟମାନ । ସୃଷ୍ଟିର ଆରମ୍ଭ ମାତ୍ରକେ ସମୟାନୁକ୍ରମେ ଜଳରୁ ଶିଉଳି ଜାତୀୟ ଉଦ୍ଭିଦ, ସେଥିରୁ ମାଙ୍କଡ ଓ ମାଙ୍କଡରୁ ମଣିଷର ଆବିର୍ଭାବ ପରି ସମସ୍ତ ପ୍ରାଣୀ ଓ ଉଦ୍ଭିଦ ଏଇ କ୍ରମବିବର୍ତ୍ତନ ଫଳରେ ଏହା ସମ୍ଭବ ହୋଇପାରିଛି ବୋଲି ବୈଜ୍ଞାନିକମାନେ ମତ ଦିଅନ୍ତି ।

ଇତିହାସ କହେ – କେଉଁ ପ୍ରାଚୀନ କାଳରୁ ଯେତେବେଳେ ମଣିଷ ନିଆଁର ବ୍ୟବହାର ଜାଣିନଥିଲା, ଦଳବଦ୍ଧ ଭାବେ ବସବାସ କରୁନଥିଲା, ଯାଯାବର ଜୀବନଯାପନ କରୁଥିଲା, ଜୀବଜନ୍ତୁମାନଙ୍କ କଞ୍ଚା ମାଂସ ଭକ୍ଷଣ କରୁଥିଲା, ସେତେବେଳେ ସେ ଏକ ଭିନ୍ନ ଧରଣର ମାନବ ଥିଲା । ଜଳବାୟୁର ପରିବର୍ତନ ହେବା ସଂଗେ ସଂଗେ କ୍ରମବିବର୍ତ୍ତନ ଫଳରେ ସେ ଯେତେବେଳେ ନିଆଁର ବ୍ୟବହାର ଜାଣିଲା, ସେତେବେଳେ ରାତିରେ ଶୋଇଲାବେଳେ ହିଂସ୍ରଜନ୍ତୁ, କୀଟ ପତଙ୍ଗଙ୍କଠାରୁ ନିଜକୁ ରକ୍ଷା କରିବା ପାଇଁ ନିଆଁକୁ ଦୀର୍ଘ ସମୟ ଧରି ନିଜ ଆୟତ୍ତରେ ରଖିବା ପାଇଁ ଚିନ୍ତା କରି ସଫଳ ହେଲା । ପ୍ରାୟ ସେହି ସମୟର ଯଥେଷ୍ଟ ପୂର୍ବରୁ ମଶାମାନଙ୍କର ଉତ୍ପତ୍ତି ହୋଇଥିଲା କହିଲେ ଅତ୍ୟୁକ୍ତି ହେବ ନାହିଁ । ଧିରେ ଧିରେ ମାନବର ଧିଶକ୍ତିରେ ପରିବର୍ତନ ଘଟିବା ଫଳରେ ପ୍ରଥମେ ନଦୀ ଅବବାହିକାମାନଙ୍କରେ ଜନବସତି ଗଢିଉଠିବା ପରେ ପରେ ଗାଁ , ଗାଁରୁ ସହର ଓ ସହରରୁ ନଗରମାନ ସୃଷ୍ଟି ହୋଇଥିଲା ।

ଏ ସଭ୍ୟ ଶିକ୍ଷିତ ଦୁନିଆରେ ଜନସଂଖ୍ୟା ଯେପରି ଭାବେ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି, ମଶାମାନଙ୍କ ଜନ୍ମ ଓ ସେମାନଙ୍କ ପ୍ରାଦୁର୍ଭାବ ସେହିପରି ଭାବେ ବଢି ବଢି ଚାଲିଛି, ଭାବିଲେ ଆଶ୍ଚର୍ଯ୍ୟ ଲାଗୁଛି । ଗାଁ ଠାରୁ ଆରମ୍ଭ କରି ସହର ପର୍ଯ୍ୟନ୍ତ ଯେଉଁଆଡେ ଯେଉଁଠି ଦେଖିବ ଖାଲି ମଶାଙ୍କ ରାଜୁତି । ପ୍ରତିଦିନ ପ୍ରତି ମୁହୁର୍ତରେ ବିଭିନ୍ନ ପ୍ରଜାତିର ମଶାଙ୍କ ଜନ୍ମ ଫଳରେ ମଣିଷ ଅସ୍ତବ୍ୟସ୍ତ ହେଇପଡୁଛି । ସେମାନଙ୍କ ଦାଉରୁ ରକ୍ଷା ପାଇବା ପାଇଁ ଯେତେ ଯେତେ ପ୍ରକାରର ଉପାୟମାନ ଅବଲମ୍ବନ କରାଯାଉଥିଲେ ସୁଦ୍ଧା ଶତ ପ୍ରତିଶତ ସୁଫଳ ଆଜି ପର୍ଯ୍ୟନ୍ତ ମିଳିପାରି ନାହିଁ । ଭାରତରେ ବିଦେଶୀ ମଶାଙ୍କ ଆଗମନ ଫଳରେ ଦିନକୁ ଦିନ ନୂଆନୂଆ କିସମର ରୋଗମାନ ସୃଷ୍ଟି ହେବାରେ ଲାଗିଛି । ଯାହା ଫଳରେ ସାଧାରଣଲୋକଙ୍କଠାରୁ ଡାକ୍ତରଙ୍କ ପର୍ଯ୍ୟନ୍ତ ସମସ୍ତେ ମଶାଙ୍କ ଦ୍ୱାରା କବଳିତ ତଥା ଆକ୍ରାନ୍ତ ।

ପ୍ରତିବର୍ଷ ଗ୍ରାମାଞ୍ଚଳରେ ଓ ସହରରେ ମଶାଜନିତ ମ୍ୟାଲେରିଆ, ଡେଙ୍ଗୁ, ଫାଇଲେରିଆ ପ୍ରଭୃତିରେ ପୀଡିତ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି । ଏଥିରେ ଅନେକଙ୍କର ପ୍ରାଣହାନି ଘଟିଥିବାର ନଜରକୁ ଆସିଛି । ଆକଳନରୁ ଯାହା ଜଣାଯାଏ –"ନେସନାଲ୍ ଭେକ୍ଟର୍ ବର୍ଣ୍ଣ ଡିଜିଜ୍ କଂଟ୍ରୋଲ୍ ପ୍ରୋଗ୍ରାମ୍" ବା "ଜାତୀୟ ରୋଗବାହକ ନିରାକରଣ ଯୋଜନା"ର ତଥ୍ୟାନୁଯାୟୀ ଆମ ଓଡିଶାରେ/ରାଜ୍ୟରେ ମଶାଙ୍କ ଦ୍ୱାରା ମ୍ୟାଲେରିଆରେ ୨୦୧୧ରେ ୩,୦୮,୯୬୮ ଜଣ ଆକ୍ରାନ୍ତ ହୋଇଥିବାବେଳେ ୯୯ଙ୍କର ମୃତ୍ୟୁ , ୨୦୧୨ରେ ୨,୬୨,୮୪୨ ଆକ୍ରାନ୍ତ ଓ ୭୯ ଜଣଙ୍କ ମୃତ୍ୟୁ , ୨୦୧୩ରେ ୨,୨୮,୮୫୮ ଜଣ ଆକ୍ରାନ୍ତ ଓ ୬୭ଙ୍କ ମୃତ୍ୟୁ , ୨୦୧୪ ନଭେମ୍ବର ସୁଦ୍ଧା ୩,୧୬,୧୪୩ ଜଣ ଆକ୍ରାନ୍ତ ଓ ୫୭ ଜଣଙ୍କ ମୃତ୍ୟୁ ହୋଇଥିବା ସ୍ଥଳେ ଗତବର୍ଷ ୨୦୧୬ରେ ୪.୪ ଲକ୍ଷ ଆକ୍ରାନ୍ତ ଓ ୭୭ ଜଣଙ୍କ ମୃତ୍ୟୁ ହୋଇଥିଲା । ସେହିପରି ଡେଙ୍ଗୁରେ ଓଡିଶାରେ ୨୦୧୦ରେ ୨୯ ଜଣ ଆକ୍ରାନ୍ତ ଓ ୦୫ ଜଣଙ୍କ ମୃତ୍ୟୁ , ୨୦୧୧ରେ ୧୮୧୬ ଆକ୍ରାନ୍ତ ଓ ୩୩ ମୃତ୍ୟୁ , ୨୦୧୨ରେ ୨୨୫୫ ଆକ୍ରାନ୍ତ



ଓ ୦୬ ମୃତ୍ୟୁ , ୨୦୧୩ରେ ୭୧୩୨ ଆକ୍ରାନ୍ତ ଓ ୦୬ ମୃତ୍ୟୁ ଏବଂ ୨୦୧୪ ନଭେମ୍ବର ଶେଷ (ତା- ୩୦/୧୧/ ୨୦୧୪) ସୁଦ୍ଧା ୬୨୩୧ ଜଣ ଆକ୍ରାନ୍ତ ଓ ୦୯ ଜଣଙ୍କ ମୃତ୍ୟୁ ହୋଇଥିଲା । ବିଭିନ୍ନ ପ୍ରକାର ଗଣମାଧ୍ୟମ , ଖବରକାଗଜ ଓ ବୈଦୁତିକ ଗଣମାଧ୍ୟମ ମାଧ୍ୟମରେ ଲୋକମାନଙ୍କୁ ହଜାର ବାର ସତର୍କ କରାଯାଉଥିଲେ ସୁଦ୍ଧା କିଛି ବଡ ଧରଣର ଉନ୍ନତି ପରିଲକ୍ଷିତ ହେଉ ନାହିଁ ।

ସହରାଞ୍ଚଳ ହେଉ ଅଥବା ଗ୍ରାମାଞ୍ଚଳ, ସାଧାରଣତଃ ବର୍ଷାଦିନେ ମଶାମାନଙ୍କ ବଂଶ ଆକାଶଛୁଆଁ ବୃଦ୍ଧି ପାଇଥାଏ । ଏହାର ମୁଖ୍ୟ କାରଣ – ଅସ୍ୱାସ୍ଥ୍ୟକର ପରିବେଶ । ଦେଖାଯାଏ ସହରରେ ପ୍ରତିଟି ଗଳିକନ୍ଦିରେ ଲମ୍ବି ଯାଇଛି ଛୋଟ ବଡ ଡ୍ରେନ୍ । ପୁଣି କିଛି କିଛି ଯାଗାରେ ଉକ୍ତ ଡ୍ରେନ୍‌ଗୁଡିକ ଖୋଲାମେଲା ରହୁଥିବାରୁ ମଶାମାନଙ୍କ ବଂଶ ବୃଦ୍ଧି କରିବାରେ ଏହା ଖୁବ୍ ସହାୟକ ହୋଇଥାଏ । ସେଗୁଡିକ ରିତିମତଭାବେ ସୂଚାରୁରୂପେ ସଫେଇ କାର୍ଯ୍ୟ ହେଉ ନଥିବାରୁ ତଥା ଅଳିଆ ଆବର୍ଜନାସବୁ ପଡି ରହି ପଚିବାରୁ ଉତ୍କଟ ଦୁର୍ଗନ୍ଧ ସୃଷ୍ଟି ହେବା ସହ ମଶା,ମାଛି,ଡାଆଁଶଙ୍କ ଚରାଭୂମି ପାଲଟି ଯାଉଛି । ସହରର ସ୍ଥାନେ ସ୍ଥାନେ କୁଢ କୁଢ ଅଳିଆ ଅବର୍ଜନା ରାସ୍ତା କଡରେ ପଡିରହିବା ଫଳରେ ସେଗୁଡିକ ବର୍ଷା ଜଳରେ ପଚି ପଚି ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରିବା ସଂଗେ ସଂଗେ ବିଭିନ୍ନ ପ୍ରକାରର ମହାମାରୀ ରୋଗର କାରଣ ସାଜୁଛି । ଠାଏ ଠାଏ ସ୍ଥାନରେ ତଥା ଖାଲୁଆ ଯାଗାମାନଙ୍କରେ ବର୍ଷା ଜଳ ବହୁ ଦିନ ଧରି ଯମିରହୁଥିବାରୁ ସେଥିରୁ ମଶାମାନେ ଜନ୍ମ ହୋଇ ବଂଶ ବିସ୍ତାର କରିଥାନ୍ତି । ଗ୍ରାମାଂଚଳରେ ଓ ସହରରେ ଦାରିଦ୍ର୍ୟର ସୀମାରେଖା ତଳେ, ଚାଳଘରେ, ଝୁମ୍ପୁଡି ଘରେ ବସବାସ କରୁଥିବା ଲୋକେ ପ୍ରତିବର୍ଷ ଅଧିକାଂଶ ସମୟରେ ମ୍ୟାଲେରିଆ ଓ ଡେଙ୍ଗୁର ଶିକାର ହୋଇଥାନ୍ତି । ଘର ଚାରିପଟେ ଥିବା ଖାଲଖମା, ନାଳ ନର୍ଦ୍ଦମା ତଥା ଚାଳ/ଛାତ ଉପରେ କେଉଁ ଦିନୁ ପଡିରହିଥିବା ଭଙ୍ଗା ଟିଣ, ମଟର ଟାୟାର, ପ୍ଲାଷ୍ଟିକ୍ ଡବା, ଶିଶି ଇତ୍ୟାଦିରେ ବର୍ଷାଜଳ ଜମିରହିବା ଫଳରେ ଏହା ମଶାମାନଙ୍କ ବଂଶବୃଦ୍ଧି କରିବାରେ ମଧ୍ୟ ସାହାଯ୍ୟ କରିଥାଏ । ଉକ୍ତ କାରଣରୁ ଦୃତଭାବେ ସେମାନଙ୍କ ବଂଶବୃଦ୍ଧି ଘଟିବା ଫଳରେ ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ମ୍ୟାଲେରିଆ ଓ ଡେଙ୍ଗୁ ରୋଗୀମାନଙ୍କର ନାହିଁ ନଥିବା ଭିଡ ଦେଖିବାକୁ ମିଳେ । ସହରରେ ମଶାମାନଙ୍କୁ ଦମନ କରିବା ପାଇଁ ମ୍ୟୁନିସିପାଲ୍‌ଟି ତରଫରୁ ମଶା ଧୂଆଁ ମେସିନ୍‌ର ବ୍ୟବହାରରେ ଅନିୟମିତତା ରହୁଥିବାରୁ ମଧ୍ୟ ଲୋକେ ମଶାଙ୍କ ଜନିତ ବିଭିନ୍ନ ରୋଗକୁ ନିମନ୍ତ୍ରଣ କରୁଛନ୍ତି । ଗ୍ରାମାଂଚଳ ଅବସ୍ଥା ବି କହିଲେ ନସରେ । ଏହା ତାହାଠୁ ବଳି । ସହର ଅପେକ୍ଷା ଏଠାରେ ବର୍ଷାଦିନେ ବେଶୀ ସନ୍ତସନ୍ତିଆ ହୋଇଥାଏ । ଘର ପଛପଟେ ଥିବା ଖାଲ, ଗୋବର ଖାତ, ପୋଖରୀ, ଚୁଆ ଇତ୍ୟାଦିରେ ବର୍ଷା ଜଳ ଭର୍ତି ହୋଇ ରହୁଥିବାରୁ ମଶାମାନଙ୍କର ବଂଶ ବିସ୍ତାର କରିବାରେ ସହଜ ହୋଇଥାଏ । ବାଡି ବଗିଚାରେ ପଡିରହିଥିବା ତାଳପତ୍ରସବୁ ବର୍ଷାଜଳରେ ପଚିବା ଫଳରେ ମଧ୍ୟ ସେମାନଙ୍କର ବଂଶ ବୃଦ୍ଧିରେ ସହାୟକ ହୋଇଥାଏ । ପୁନଶ୍ଚ ବର୍ଷାଦିନେ ଗାଈ ଗୋରୁ, ଛେଳି, ମେଣ୍ଢା ପ୍ରଭୃତିଙ୍କ ମୃତ ଦେହ ଶ୍ମଶାନରେ ନ ପୋତି ଫିଙ୍ଗି ଦେବା ଫଳରେ ସେସବୁ ପଚି ପଚି ଦୁର୍ଗନ୍ଧ ପରିବେଶ ସୃଷ୍ଟି କରିବା ସାଙ୍ଗକୁ ଏହା ଦ୍ୱାରା ମଶାମାନଙ୍କର ବୃଦ୍ଧି ଘଟିଥାଏ ।

ବର୍ଷାଦିନ ପରି ଗ୍ରୀଷ୍ମଦିନେ ମଧ୍ୟ ଗ୍ରାମାଞ୍ଚଳ ଅପେକ୍ଷା ସହରମାନଙ୍କରେ ମଶାଙ୍କ ପ୍ରାଦୁର୍ଭାବ କମ୍ ନଥାଏ । ସୂର୍ଯ୍ୟଙ୍କ ପ୍ରଖର ତାପରେ ଚାରିଆଡ ଶୁଖିଲା ଥିବା ସତ୍ତ୍ୱେ ବି ସେମାନଙ୍କର ବଂଶ ବୃଦ୍ଧିରେ ଏହା ପ୍ରତିବନ୍ଧକ ସାଜି ନଥାଏ । ଏସବୁର ମୁଖ୍ୟ କାରଣ ହେଉଛି ଅଧିକାଂଶ ଖୋଲା ଡ୍ରେନ୍ । ତେଣୁ ତଦାରଖର କଡାକଡି ବ୍ୟବସ୍ଥା ତଥା ପ୍ରତିଦିନର ମଇଳା ଜଳ ସୁଚାରୁରୂପେ ନିଷ୍କାସନ କରାଯାଇପାରିଲେ , ମଶାଙ୍କ ବୃଦ୍ଧିକୁ କେତେକାଂଶରେ ରୋକାଯାଇପାରନ୍ତା ।

ବହୁ ବର୍ଷ ପୂର୍ବେ ଏଇ ଓଡିଶାରେ ଜନସଂଖ୍ୟା ଖୁବ୍ କମ୍ ଥିବା ସମୟରେ ଘରଦ୍ୱାର, କଳକାରଖାନା, ଦୋକାନ ବଜାର, ଡାକ୍ତରଖାନା, ନର୍ସିଂହୋମ୍, ବଡ ବଡ ହୋଟେଲ୍, ରେଷ୍ଟୁରାଂଟ୍ ଇତ୍ୟାଦି ଅତି ନଗଣ୍ୟ ଥିଲା । ସେତେବେଳେ ଏତେ ରୋଗ ବି ନଥିଲା । କିନ୍ତୁ ଧୀରେଧୀରେ ଜଳଭାଗ ହ୍ରାସ ପାଉଥିବା ସ୍ଥଳେ ସ୍ଥଳଭାଗରେ ବୃଦ୍ଧି ଘଟିବାରୁ ଅର୍ଥାତ୍ ଜନବସତି, ଜନସଂଖ୍ୟା, କଳକାରଖାନା ଇତ୍ୟାଦିର ଦୃତ ଅଭିବୃଦ୍ଧି ଫଳରେ ଜଳବାୟୁ ଘୋର୍ ଦୂଷିତ ହେବା ଦ୍ୱାରା ମଶାଜନିତ ବିଭିନ୍ନ ପ୍ରକାରର ରୋଗମାନ ସୃଷ୍ଟି ହୋଇଥିଲା ।

ମନରେ ପ୍ରଶ୍ନ ଉଠେ – ଏ ବିଜ୍ଞାନ ଯୁଗରେ ସତରେ କ'ଣ ମ୍ୟାଲେରିଆ, ଡେଙ୍ଗୁ, ଫାଇଲେରିଆ ଭଳି ମାରାତ୍ମକ ରୋଗକୁ ସଂପୂର୍ଣ୍ଣ ଭାବେ ରୋକି ହେବନି ? ଏଥିନିମନ୍ତେ ସମସ୍ତଙ୍କୁ ସଜାଗ ହେବାକୁ ପଡିବ । ମଶାମାନଙ୍କ ବଂଶକୁ ଲୋପ କରିବାକୁ ହେଲେ ସରକାରୀ ସ୍ତରର ସାହାଯ୍ୟ ନିତାନ୍ତ ଅପରିହାର୍ଯ୍ୟ । ଆଧୁନିକ ବିଜ୍ଞାନ କୌଶଳ ମାଧ୍ୟମରେ ବିଭିନ୍ନ ସହରମାନଙ୍କରେ ଥିବା ଖୋଲା ଡ୍ରେନ୍‌ଗୁଡିକର ନବୀକରଣ ତଥା ଅଣ୍ଡରଗ୍ରାଉଣ୍ଡ୍ କରିବାକୁ ହେବ । ଡ୍ରେନ୍‌ରେ ଆସୁଥିବା ପ୍ରତିଦିନର ଅଳିଆ ଆବର୍ଜନାଗୁଡିକ ପ୍ରତି ମୁଖ୍ୟତଃ ଧ୍ୟାନ ଦେବାକୁ ପଡିବ । ସହରର ପ୍ରତିଟି ଗଳିକନ୍ଦିରେ , ରାସ୍ତାକଡରେ ପଡିରହିଥିବା କୁଢ କୁଢ ଅଳିଆ ଆବର୍ଜନାସବୁକୁ ଆଉ ଏଣେତେଣେ ମନ ଇଚ୍ଛା ନଫିଙ୍ଗି ଗୋଟେ ସ୍ଥାନରେ ସମସ୍ତେ ରଖିବାକୁ ଜନସାଧାରଣଙ୍କୁ ସରକାରଙ୍କ ତରଫରୁ ବାରଂବାର ସଚେତନ କରାଯିବା ଉଚିତ ହେବ । ଏହା ସହିତ ପରିମଳ ବ୍ୟବସ୍ଥାକୁ ମଧ୍ୟ କଡାକଡି କରିବାକୁ ପଡିବ । ଡ୍ରେନ୍‌ର ଦୂଷିତ ଜଳକୁ ନଦୀ କିମ୍ବା ସମୁଦ୍ରରେ ସିଧାସଳଖ ନମିଶାଇ ଏହାକୁ ବୈଜ୍ଞାନିକ କୌଶଳ ମାଧ୍ୟମରେ ପୃଥକ୍ କରି ସୁଦ୍ଧଜଳକୁ ନଦୀ ଜଳରେ ମିଶାଇବା ସହ ଅବଶିଷ୍ଟ ଅଂଶକୁ କଠିନ ପଦାର୍ଥରେ ପରିଣତ କରି ତାହାକୁ ସହରଠାରୁ ବହୁ ଦୂରରେ ପୋତିଦେବା ଉଚିତ୍ ହେବ । ଦୂଷିତ ନଦୀଜଳ ଯୋଗୁଁ ସେଥିରେ ବାସ କରୁଥିବା ମାଛ, ଗେଣ୍ଡା, କଇଁଚ, ଶାମୁକା ପ୍ରଭୃତି ଅସଂଖ୍ୟ ଜଳଚର ଜୀବ ବିଭିନ୍ନ ପ୍ରକାରର ରୋଗରେ ଆକ୍ରାନ୍ତ ହେବା କାରଣରୁ ଧିରେ ଧିରେ ଏହା ମାନବ ଶରୀର ପ୍ରତି ବିପଦ ସୃଷ୍ଟି କରିଥାଏ । ତେଣୁ ଏଥିପ୍ରତି ମଧ୍ୟ ଜନସାଧାରଣ ଓ ସରକାର ଉଭୟ ଦୃଷ୍ଟି ଦେବା ନିତାନ୍ତ ଆବଶ୍ୟକ ।

**ଜଗତ୍‌ସିଂହପୁର**

# କରିବୁ ରାଜନୀତି



ଆର୍ତ୍ତବନ୍ଧୁ ଦାସ

ଜଗତରେ ମଣିଷ ଶ୍ରେଷ୍ଠ ପ୍ରାଣୀ। ଅନେକ ଗୁଣ ସ୍ୱଭାବ, ଚରିତ୍ର ପ୍ରକୃତିର ଲୋକ। କେହି କାହ ସହ ସମାନ ନୁହଁନ୍ତି ସେମିତି ସଚ୍ଚିଦାନନ୍ଦ ଜଣେ ବକ୍ତିତ୍ୱ, ଯାହାଙ୍କର ଏସବୁଠୁ ଭିନ୍ନ, ନିଆରା ଢ଼ଙ୍ଗରେ ଜୀବନ ବିତାନ୍ତି । ସେ ସମସ୍ତ ପ୍ରାଣୀଙ୍କର ହିତକାରୀ, ସହିଷ୍ଣୁ ଉଦାର ପ୍ରକୃତିର। ଈଶ୍ୱର ସୃଷ୍ଟି କଲା ସମୟେ ତାଙ୍କଠି ଯେମିତି କ'ଣ ସବୁ ଅପୂର୍ବ ଉପାଦନ ଭରିଦେଇଛନ୍ତି ଯେ ? ପ୍ରତ୍ୟେକ ମଣିଷ ତାଙ୍କ ପ୍ରତି ସ୍ୱତଃ ଆକୃଷ୍ଟ – ତା ବୋଲି ତାଙ୍କର ମାୟା, ମମତା,ମୋହ, ଲୋଭ କିଛି ନାହିଁ ବୋଲି କହିହେବ ନାହିଁ। ତଥାପି ସେ ଜନ୍ମସିଦ୍ଧ। ମଣିଷ ଭିତରେ ସତେକି "ଏକ ହୀରା" ପଶ୍ଚାତ୍‌ରେ କିଏ ଯଦି ତାଙ୍କର କିଛି ଶତ୍ରୁତା ଆଚରଣ କରୁଥିବା ବ୍ୟକ୍ତି ଥାଇଥାପାରନ୍ତି, ମାତ୍ର ପ୍ରତ୍ୟକ୍ଷରେ ସେମିତି କିଛି ଅନୁମେୟ ହେବାର ଏ ପର୍ଯନ୍ତ କେହି ବି କେବେ ଉପଲବ୍ଧି କରିନାହାନ୍ତି। ସେ ପାଖକୁ ଡ଼ାକିଲେ ତ ସର୍ପଭଳିଆ ହିଂସ୍ରଜନ୍ତୁ ତାଙ୍କର ବଶ ହୋଇ ନମ୍ର-ଚଞ୍ଚଳ ହୋଇ ରହିଲାପରି ଜଣାପଡ଼େ – ତେଣୁ ତ ଏ ନବ୍ୟ ସଭ୍ୟ କିଶୋର କିଶୋରୀ ଉଦ୍ଦାଉ ଯୁବଗୋଷ୍ଠୀ, ତାଙ୍କର ଅନୁରକ୍ତ। ସେ କେବେ କାହାର ଉପକାର ଯଦିବା ଆଖିଦୃଶିଆ ଭାବେ କରିନାହାନ୍ତି, ତେବେ କାହାର ବି ଅମଙ୍ଗଳ କି, ଅପକାର କରିନ୍ତି ନି ।

ଗାଁର ପଡ଼ୋଶୀ ପିଲାଙ୍କର ଅତିବ ପ୍ରିୟହୋଇ ଥିବାରୁ ସେମାନଙ୍କୁ ଜଣ ଜଣ କରି, ସେମାନେ ଭବିଷ୍ୟତରେ କିଏ କ'ଣ ହେବାକୁ ଚାହୁଁଛନ୍ତି, -ପଚାରି ବୁଝି ସମସ୍ତଙ୍କୁ ଆଶୀର୍ବାଦ କରିବାକୁ ଭୁଲୁନଥାନ୍ତି। କିଏ ଯଦି କହିଲା ଭବିଷ୍ୟତରେ ପାଠ ପଢ଼ି ଡ଼ାକ୍ତର ହେବାକୁ ଚାହେଁ, ତେବେ ସଚ୍ଚିଦାନନ୍ଦ ବାବୁ ତାର ପାଠପଢ଼ା ସମ୍ବନ୍ଧେ ଅବଗତ ହେବା ପାଇଁ ଏକ ଡ଼ାକ୍ତର ହେବାକୁ ହେଲେ, କ'ଣ କ'ଣ ବିଷୟ ପ୍ରତି ଅଧିକ ଧ୍ୟାନ ଦେବାକୁ ହେବ ଏଇ ଯେମିତି ଯୁକ୍ତ ଦୁଇ ପଢ଼ାରେ ବିଜ୍ଞାନ ପଢ଼ି କି କି ବିଷୟ ପ୍ରତି ଅଧିକ ରଚି ମୁତାବକ, ସେଥିରେ ସେ କି ପ୍ରକାର ମେଧାବୀ ଅନୁଧ୍ୟାନ ପୂର୍ବକ ସେଇ ପିଲାର ଆର୍ଥିକ ସ୍ଥିତି ପ୍ରତି ଦୃଷ୍ଟି ଦେଇ କଣ କଲେ ସେ ପିଲା ଭଲ ଡ଼ାକ୍ତରଟିଏ ଉତୁରିବ- କହୁଥାନ୍ତି। କିଏ ଇଂଜିନିୟର ତ, କିଏ ଶିକ୍ଷକ ପ୍ରଶିକ୍ଷକ କିମ୍ବା ଲେକ୍‌ଚର ପ୍ରଫେସର ତ କିଏ ପୋଲିସ୍ ଅଫିସର, କିଏ ଓକିଲ କି ମାଜିଷ୍ଟ୍ରେଟ ହେବାକୁ ଚାହେଁ କହୁଥା'ନ୍ତି। କିଏ ସିଏ, ଓଏସ୍, ଆଇଏଏସ, ଆଇପିଏସ୍, ଆଇଏଫଏସ ହେବାର ଲକ୍ଷ୍ୟ ରଖିଛନ୍ତି ବୋଲି ମଧ୍ୟ କହୁଥାନ୍ତି। ତନ୍ମଧ୍ୟରୁ କେହି କେହିବି ସଙ୍ଗୀତକାର, ଗାୟକ, କଳାକାର, ଅଭିନେତା ବି ଏମିତି କି କାହିଁ କଦବା କ୍ୱଚିତ୍ କିଏ ହେଲେ- ଶିଳ୍ପପତି ବ୍ୟବସାୟୀ କି ଲୋକ ସେବକ, ସମାଜସେବୀ, ଯାହାବି ହେ କିନ୍ତୁ ନେତା ମନ୍ତ୍ରୀ ହେବାକୁ ଲକ୍ଷ୍ୟ ଥିବାର ସ୍ୱତଃ କେହି ଜଣେ କହୁନଥାନ୍ତି। ଯାର କାରଣ କ'ଣ ହୋଇପାରେ ଏମିତି କି ସାଧୁ ମହାତ୍ମା ସନ୍ୟାସୀ ହେବାକୁ ଲକ୍ଷ ରଖିଛନ୍ତି ବୋଲି କହିଲେ। ଆଉ ମଧ୍ୟ କେହି କେହି ବି ଲେଖକ ଗାଳ୍ପିକ, କବି, ସମାଲୋଚକ, ତଥା ସୁବକ୍ତା ହେବାକୁ ଲକ୍ଷ ରଖିଛନ୍ତି ବୋଲି କହିଲେ, କ୍ରିଡ଼ାବିତ୍, ଖେଳାଳି ହେବାର ବି କେହି କେହି ଲକ୍ଷ୍ୟ ରଖିଛନ୍ତି। କିନ୍ତୁ ରାଜନେତା ହେବାକୁ କାହିଁ କିଏ ଲକ୍ଷ ରଖିନାହାନ୍ତି। ଯିଏ ଯାହା କହୁଥାନ୍ତି, ସଚିଦାନନ୍ଦ ବାବୁ ଅନୁଧ୍ୟାନପୂର୍ବକ ଅନୁଶୀଳନ କରିଚାଲିଥାନ୍ତି। କିଏ କି ପ୍ରକାର ମେଧାବୀ ସମ୍ପର୍ଣ୍ଣ ତା'ଠି ସେସବୁର ଲକ୍ଷଣ ଏବେଠୁ ପ୍ରତିଭାତ ହେଉଛିକି ନାହିଁ, ସଚିଦାନନ୍ଦ ବାବୁ ତ ମଣିଷ ଭିତରେ ଦେବାତାଟିଏ - ସମସ୍ତଙ୍କୁ ବଶୀଭୂତ କରିବାର କଳା-ଶୈଳୀ ଈଶ୍ୱରଙ୍କୁ ପ୍ରାପ୍ତ ହେଲା ପ୍ରାୟ। ଏଥିପୂର୍ବରୁ ସିଏ ଯାହାକୁ ଯାହା ଆକଳନ କରିଥିଲେ କି, କରୁଛନ୍ତି ପ୍ରାୟତଃ ଅନେକାଂଶରେ ଶତ ଶତ ହେବାରୁ ପ୍ରତେକ ଯୁବକଯୁବତୀ ତାଙ୍କଠି ସ୍ନେହର ପାତ୍ର ହୋଇ ଆଶୀର୍ବାଦ ନେବାକୁ ଶତତ ଚେଷ୍ଟିତ ଥାଆନ୍ତି। ଏମିତିକି ଆକପାକ ଗାଁଗଣ୍ଡାର ଲୋକ ତାଙ୍କୁ ଜଣେ ଉତ୍ତମ ଭବିଷ୍ୟବକ୍ତା ଭାବେ ଠଉରେଇ ସାରିଲେଣି। ସଚିଦାନନ୍ଦ ବାବୁ ନିଜର ପ୍ରସିଦ୍ଧି କି ଯଶ କ୍ଷତି ଆଶାରେ ଏସବୁ କରୁ ନଥାନ୍ତି ବୋଲି ସମସ୍ତେ ଅବଗତ। ତାଙ୍କଠି ଯେଉଁ ଐଶ୍ୱରୀୟ ଗୁଣାବଳ ପ୍ରାୟତଃ ଅନ୍ୟ କାହା ପାଖରେ ସାମାନ୍ୟ ଯତ୍ କିଞ୍ଚିତ୍ ବି ନାହିଁ କହିଲେ ଚଳେ। ଜନ୍ମସିଦ୍ଧ ମହାପୁରୁଷ ଯୋଗଜନ୍ମା ସଚିଦାନନ୍ଦ ବାବୁଙ୍କ ପାଖରେ ଏ ସମ୍ବନ୍ଧେ ସାମାନ୍ୟ ବି ଗର୍ବ ଅଭିମାନ ନଥାଏ। ତାଙ୍କ ଆକର୍ଷଣରେ ବେଶୀ ଯୁବକ, ଯୁବତୀ ଅନୁପ୍ରାଣୀତ, କାହିଁକି ନା ସେ ଯେଉଁ ଯେଉଁ ଯୁବତୀମାନଙ୍କ କ୍ଷେତ୍ରରେ ଯାହା ସବୁ ଭବିଷ୍ୟବାଣୀ କହିଛନ୍ତି କି କରିଛନ୍ତି ଶତକଡ଼ା ଶହେ ନ ହେଲେ ବି ଅନେକାଂଶରେ ସତ ସିଦ୍ଧି ହୋଇସାରିଲାଣୀ। ସେ ଏପରି ଜଣେ ପରୀକ୍ଷକ ପରୀକ୍ଷା ନିରିକ୍ଷା ତାଙ୍କର କେବେ ବି ଭୁଲ ପ୍ରମାଣିତ ହୋଇ ପାରିବନି। ସେ କହିଥିବା ମୁତାବକ କେହି କେହିବି ଓଏସ ଆଇଏସ ଅଫିସର ହୋଇଛନ୍ତି।

ସଂଯୋଗ ବସତଃ ସଚ୍ଚିଦାନନ୍ଦବାବୁଙ୍କ ଦୃଷ୍ଟି ଏମିତି ଜଣେ ଯୁବକଙ୍କ ଉପରେ ପଡ଼ିଲା, ଯେ ସେ ପ୍ରାୟ ଚିନ୍ତିତ ହୋଇ ଗଲେ, ଯେମିତିକି ମୁନି ଋଷିମାନେ ଧ୍ୟାନସ୍ଥ ହୋଇ ସେ ସମ୍ବନ୍ଧେ ରୋଚକ ତଥ୍ୟାବଳୀ ଉଦ୍ଘାଟନ କରିବାର ଲୋକ ମୁଖରୁ ଶୁଣାଯାଏ। ସଚ୍ଚିଦାନନ୍ଦବାବୁ-ମନଯୋଗ ପୂର୍ବକ ଧୀର ଗମ୍ଭିର ହୋଇ ଯାର ଆବରଣକୁ ଅନାବରଣ କରିବା ଦିଗରେ ସମସ୍ତ ଉଦ୍ୟମ ଲଗାଇ ଦେଲେ। ତାଙ୍କଠି ଯେଉଁ କଷଟି ଅଛି ତା ଅସଫଳ ହେବ କି ? ତାଙ୍କ ପାଖରୁ ଅଳ୍ପ ଦୂରକୁ ଯାଇ ଦେଖନ୍ତି ତ ଠିକ୍ ଏହି ଯୁବକ ତୁଲ୍ୟ ଅନ୍ୟ ଏକ ଯୁବକ ଅନ୍ୟମନସ୍କଭାବେ ଏଣେତେଣେ ଚାହିଁ କ'ଣ ସବୁ ଅନ୍ୱେଷଣ କରୁଥିବାର ଦେଖି ମନେ ମନେ ଚିନ୍ତା କଲେ ଯେ ପ୍ରତ୍ୟେକ ଯୁବକ ଯୁବତୀ ତ ଆପେ ଆପେ ପଚାରିଲା କ୍ଷଣି ସ୍ୱ-ଲକ୍ଷ ସମ୍ବନ୍ଧ ନିଦ୍ୱନ୍ଦରେ ବଖାଣି ଗଲେ ଅଥଚ ଏ ଦୁଇ ଯୁବକ କ'ଣ ପାଇଁ ପାଖକୁ ବି ଆସୁ ନାହାନ୍ତି। କ'ଣ ହୋଇ ପାରେ ତାଙ୍କ ଉଦ୍ଦେଶ୍ୟ ?

ଅନୁଧ୍ୟାନ କରି ଦେଖିଲେ ଯେ ତନ୍ମଧ୍ୟରୁ ଜଣେ ଏକ ନାମକରା ରାଜନୈତିକ ନେତା ମନ୍ତ୍ରୀଙ୍କ ପୁଅତ ଅନ୍ୟ ଜଣକ ବିଶିଷ୍ଟ ଶିଳ୍ପପତି ସମ୍ଭ୍ରାନ୍ତ ଧନୀ ପରିବାରର ପୁଅ। ସେ ଦୁହେଁ ଦୁଃଖର ଯେମିତି ଛାଇ ମାଡ଼ି ନାହାନ୍ତି କି ଶାସନ ଅନୁଶାସନ କ'ଣ ଜାଣି ନାହାନ୍ତି। ନିଜ ନିଜର ପ୍ରାଧାନ୍ୟ ପ୍ରତିପତ୍ତି ହାକିମାତି କରିବା ଦେଖାଇବାରେ ମାହିର। ହେବା ମଧ୍ୟ ସ୍ୱଭାବିକ୍ କାହିଁକି ନା ଏ ଦୁହେଁ ସାଙ୍ଗ ସାଥିଙ୍କ ମନଚାହିଁ ଅର୍ଥଆଣି ଖର୍ଚ୍ଚକରିବାରେ ମୁକ୍ତହସ୍ତ ନହେବେ ବା କାହିଁକି, ସେମାନେ ଯେଉଁ ସାଙ୍ଗକୁ ଯାହା ଆଦେଶ, ନିର୍ଦ୍ଦେଶ କି ପରାମର୍ଶ ଦେଇଛନ୍ତି ଅବଶ୍ୟ ପୁରଣ ହୋଇଛି। ଆଉ ସାଙ୍ଗ ସାଥିଙ୍କ ମଧ୍ୟରୁ ଯେଉଁମାନେ ପ୍ରକୃତରେ ସୁନ୍ଦରତ୍ନ ସଦୃଶ ସେମାନେ ମଧ୍ୟ ଏମାନଙ୍କୁ ବିବେକାନୁମୋଦିତ ବିଚାର ବିମର୍ଷ କରି ସୁଚିନ୍ତିତ ପରାମର୍ଶ ଦେଇ ଚାଲିଛନ୍ତି। ସେମାନେ ମଧ୍ୟ ପାଳନ କାର୍ଯ୍ୟକାରୀ କରିବାରେ ପଛେଇ ନାହାନ୍ତି। କେମିତି ଯେ ନକରିବେ ଦେଖି ଅନୁଭବ କରୁଛନ୍ତି ତ, ଆମ ମାନଙ୍କଦେହି ଏ ପାଠ ସବୁ ହେବନି। ତେଣୁ ସେ ଭଲ ମେଧାବୀ ପ୍ରତ୍ୟୁତ୍ପନ୍ନ ବୃଦ୍ଧିଜ୍ଞାନଶୀଳ ସାଙ୍ଗସାଥୀ କଥାକୁ କେମିତି ବା ଅମାନ୍ୟ କରି ପାରନ୍ତେ? ଆଉ ଦେଖୁଛନ୍ତି ଜାଣୁଛନ୍ତି ଯେ ସଙ୍ଗମାନେ ଯଥୋଚିତ କଥା ମଧ୍ୟ କହୁଛନ୍ତି । ଅନ୍ୟ ସାଙ୍ଗମାନଙ୍କୁ କାହା ବାରି ବଗିଚାରୁ ଆମ୍ବ, କଦଳୀ, ନଡ଼ିଆ କି ମାଛ ପୋଖରୀକୁ ମାଛ କିମ୍ବା କୁକୁଡ଼ା ଫାର୍ମରୁ କୁକୁଡ଼ା ନେଇ ଆଣି ମଉଜ ମଜଲିସ କରିବା ପାଇଁ ପ୍ରବର୍ତ୍ତାଇଲେ କେବେ କାମ ହାସଲ କରିଛନ୍ତି ତ କେବେ ନାହିଁ। କିନ୍ତୁ ସେମାନଙ୍କର ଧ୍ୟାନଟା ସଦା ସର୍ବଦା ସେ ଦିଗରେ ଥାଏ। କାଳକ୍ରମେ ନିଜର ଲକ୍ଷ୍ୟ ଦିଗରେ ସଭିଏଁ ଆପ୍ରାଣ ପ୍ରଯନ୍ ପୂର୍ବକ ବାହାର ଦେଶକୁ ଯାଇ ଅଥବା ନିଜ ଦେଶ ଭିତରେ ବି ହେଉ କର୍ମ ନିଯୁକ୍ତି ପାଇଁ ସାକ୍ଷାତକାର ପରୀକ୍ଷା ଇତ୍ୟାଦି ଦେଇ ଗୁଣ ଓ ରଚି ମୁତାବକ ଅନେକ ଯୁବକ ଯୁବତୀ ଆପଣା ଆପଣା କର୍ମ ସଂସ୍ଥାନ ଠିକ୍ କରି ନେଲେଣି, ଅଥଚ ଏଦୁହେଁ ହଉ ଦେଖା ଯାଉ- ଥରେ ପଚାରି ଦେଲେ, ଅବା କ୍ଷତି କ'ଣ ? ସେ ପିଲା ଦୁହେଁ କ'ଣ ଆପଣାର ସ୍ୱାଭିମାନ ପାଇଁ ଏମିତି ଅଭିନୟ କରୁଛନ୍ତି ନା କ'ଣ ?

ସଚିଦାନନ୍ଦବାବୁ- ପଚାରିଲେ ? ଆଚ୍ଛା ବାବୁ! ତୁମର କ'ଣ ବଞ୍ଚିବାର ଆସ୍ଥା ରଖି ନାହିଁ ନା କ'ଣ ?

ମଣିଷ ପାଇଁ ତ କର୍ମ ସଂସ୍ଥାନ ନିହାତି ଜରୁରୀ।

ଆଚ୍ଛା ତୁମେ କ'ଣ ସବୁ ଚିନ୍ତା କରୁଛ ? ଯୋଗ୍ୟତାନୁସାରେ ଆଚ୍ଛା ଆଚ୍ଛା ପଦ ପଦବୀରେ କର୍ମସଂସ୍ଥା ନପାଇ ଆଉ ତୁମେ ? ?

ପ୍ରଥମ ଯୁବକ କହିଲେ କି, ଦେଖନ୍ତୁ ଆମେ ଏମିତି ସେମିତି ଛତରଖିଆ ଲୋକ ନୋହୁଁ ଯେ ପର ଅଧିନରେ ଚାକିରୀ କରି ନିଜର ସ୍ୱାଧିନତା ହରେଇ ସହଜ ସରଳରେ ଜୀବନ ଯିଇଁବୁ ? ଏହା ସନାଥିଲା ଉପର ମନର କଦର୍ଯ୍ୟ ଚିନ୍ତାଧାରା- ମାତ୍ର ପ୍ରକୃତ ପକ୍ଷେ ଘଟଣା ତାହା ନୁହେଁ ଏଯୁଗ ପ୍ରତିଯୋଗୀତା ମୂଳକ ଯୁଗ- କେତେକେତେ ଯୋଗ୍ୟତା ସମ୍ପନ୍ନ ବିଶେଷ କାର୍ଯ୍ୟ କୁଶଳୀ ଯୁବକ ସାକ୍ଷାତକାର ଦେଇ ମଜେଇ ହଜେଇ ଆପ୍ୟାୟିତ କରି ଚାକିରୀ ପାଇଛନ୍ତି? ଅଥଚ ଆମଠି କେଉଁ ଅବା ଦକ୍ଷତା? ନା ପାଠ ନାଶାଠ ? ? କିଛି ବି ତ ନାହିଁ ହେଲେ ବଂଶାନୁକ୍ରମିକ ସୁତ୍ରରେ ରାଜନେତା ହେବାର ଅଧିକାର ଅଛି ? ଯା- ଫଳରେ ଆମେ ଦିନେ ଏଇ ସବୁ ଉଚ୍ଚ ପଦ ପଦବୀ ଧାରି ଗୁଣିଙ୍କ ବ୍ୟକ୍ତିଙ୍କୁ ଭୃତ୍ୟ ପ୍ରାୟ ଆଦେଶ ନିର୍ଦ୍ଦେଶ ପରାମର୍ଶ ଦେଉଥିବାର ଜନ ଜଗତ ଦେଖିବ- ହଁ ମାନୁଛୁ ଯେ ମୁଁ ରାନେତା ଓ ସେ ମୋ ସାଙ୍ଗ ଏନଜିଓ ସ୍ୱେଚ୍ଛା ସେବୀ ସଂଗଠନ ମାଧ୍ୟମରେ ଯାହାବି ରୋଜଗାର କରି ଚାଲିବୁ ସେଥିରେ ସମସ୍ତଙ୍କୁ ବଶୀଭୂତ କରିହେବ। "ଧନେ ସକାଳ ସାଧ କରି" ମୁଁ ଲୋକ ପ୍ରତିନିଧିରୁ ମନ୍ତ୍ରୀ ପଦ ପାଇଁ ଅନେକ ବାଟ ଅଛି ଯାହାକି ଆମ ଭାରତର ପରୋକ୍ଷ ସମ୍ବିଧାନ ହେବାର ଯୋଗ୍ୟତା ନାହିଁ ଯେ- ଆମେ ଆଗରୁ ପଢାବେଳେ ଯେମିତି ସାଙ୍ଗମାନଙ୍କୁ ବଶ କରି ରଖିଥିଲୁ- ଏବେ ଓ ଆଗକୁ ସେମିତି ବି ଆମର ପ୍ରଧାନ୍ୟ ପ୍ରତିପତି ଜାହିର ରଖିବୁ।

ଏବେ ସଚ୍ଚିଦାନନ୍ଦ ବାବୁ ଦିର୍ଘଶ୍ୱାସ ଛାଡ଼ି ହରିସ୍ମରଣ ପୂର୍ବକ ଭାବନା ରାଜ୍ୟରୁ ଓହ୍ଲାଇ ଆସି ଆଖି ଖୋଲି ମୁଖାପିନ୍ଧା ଯୋଗ୍ୟ ରାଜନେତାଙ୍କୁ ଭଲଭାବେ ଅବଲୋକନ କରି ଆତ୍ମତୃପ୍ତି ପାଇ- କହିଲେ କି, ଧନ୍ୟ ହେ ଡିଗ୍ରୀଧାରୀ ଭାରତୀୟ ନାଗରିକ। ତାହା ଶୁଣି ଦୁଇ ଯୁବକ ହର୍ଷୋଲ୍ଲାଷରେ ସଗର୍ବେ କହିଲେ କି କରିବୁ କିଛି- ନ ପାରିଲେ, କରିବୁ ରାଜନୀତି (ସମସ୍ୱରରେ)

ବରମୁଣ୍ଡା ହାଉସିଂ ବୋର୍ଡ଼ କଲୋନୀ
ଏଚ-ଆଇ-ଜି-ସି /୮୬,
ଭୁବନେଶ୍ୱର, ମୋବାଇଲ୍: ୯୪୩୭୫୮୦୨୪୩

ଆମ ଠିକଣା
ଏକମାତ୍ର
ସମ୍ପାଦନା କାର୍ଯ୍ୟାଳୟ
ଏଚଆଇଜି-୧୩୭,
ଧର୍ମବିହାର, ଖଣ୍ଡଗିରି
ଭୁବନେଶ୍ୱର-୩୦
ଦୂରଭାଷ :
୦୮୭୬୩୩୬୮୦୨୯
୦୭୦୦୮୩୪୦୩୮୯

# ବେଦନାର ବେଦ (୨୫)



କ୍ଷୀରୋଦ ଦାସ
ମୋ : ୯୪୩୭୧୬୩୦୦୨
ମେଲ୍: khirod65@gmail.com



ଧାରାବାହିକ ଉପନ୍ୟାସ

ମାଟିମନସ୍କ, କଥକତା, ସ୍ମୃତିସଜଳ କାହାଣୀ ଅବତାରଣା, ବଳିଷ୍ଠ କାହାଣୀଧର୍ମିତା, ଚମତ୍କାର ଉପମାଯୁକ୍ତ ଭାଷାବିନ୍ୟାସ ତଥା ଅପୂର୍ବ କ୍ଷୀରୋଦୀୟ ଶୈଳୀରେ ଲିଖିତ ଗାଳ୍ପିକ କ୍ଷୀରୋଦ ଦାସଙ୍କ ଗଳ୍ପ ଓ ଉପନ୍ୟାସ ଅଗଣିତ ପାଠକଙ୍କୁ ମୋହାବିଷ୍ଟ ତଥା ମନ୍ତ୍ରମୁଗ୍ଧ କରିବା ସହିତ ଏକ ଅନନ୍ୟ ଉପଲବ୍ଧିରେ ବିଗଳିତ କରି ପକାଇବାର ସାମର୍ଥ୍ୟ ରଖେ। ପ୍ରାୟ ୧୪ଖଣ୍ଡ ଗଳ୍ପ ସଂକଳନ ଏବଂ ୩ଟି ଅନନ୍ୟ ଉପନ୍ୟାସର ରଚୟିତା ସଦା ସୃଜନମଗ୍ନ ଏଇ ସ୍ରଷ୍ଟାଙ୍କ ପ୍ରତିଟି ସୃଷ୍ଟିରେ ଭରି ରହିଛି ଜୀବନ ପାଇଁ ଅସୀମ ଶ୍ରଦ୍ଧା, ଭୁଶୁଡ଼ି ପଡୁଥିବା ସମ୍ପର୍କ ଓ ମୂଲ୍ୟବୋଧ ପାଇଁ ଅସରନ୍ତି ଦରଦ ଏବଂ ଆଞ୍ଜୁଳା ଆଞ୍ଜୁଳା ଆହାପଣ।

"ଆମର ଏଠି କେହି ନାହାନ୍ତି।" - ପୃଥିବୀର ସବୁଠାରୁ ନିରାଶ୍ରୟା ମହିଳା ଜଣକ କହିଲା ଏକଥା। ଚମ୍ପାର ଏଇ କଥା ପଦକ ଯଥେଷ୍ଟ ଥିଲା। ତା'ଭିତରର ଭୟ ଓ ଏକକୀତ୍ୱକୁ ପ୍ରକାଶ କରିବା ପାଇଁ।

- "କ'ଣ କରାଯିବ ତେବେ?" ଅସହାୟତା ପ୍ରକାଶ କଲା ନର୍ସ ଏବଂ ଆଶ୍ୱାସନା ଦେବା ସ୍ୱରରେ କହିଲା- "ଆଚ୍ଛା ହଉ, ଡାକ୍ତର ଆସନ୍ତୁ।"

ଆସିଲେ ଡାକ୍ତର, ଠିକ୍ ସାଢ଼େ ଦଶଟା ବେଳେ। କେବଳ ଚକ୍ରଧର ଓ ଚମ୍ପା ନୁହଁନ୍ତି, ସେଠି ଉପସ୍ଥିତ ଥିବା ନର୍ସ ଓ କର୍ମଚାରୀମାନେ ମଧ୍ୟ ତତ୍ପର ହୋଇ ଉଠିଲେ। ଚମ୍ପା କନ୍‌କନ୍ ହୋଇ ଚାହିଁଲା, କାଳେ ତାଙ୍କ ସହିତ ସଞ୍ଜୁଆ ଆସିଥିବ କି?

ନା, ସଞ୍ଜୁଆ ଆସିନାହିଁ। ବୋଧହୁଏ ଆଉ ଆସିବ ନାହିଁ। କୁଆଡ଼େ ଗଲା ସଞ୍ଜୟ? ସତରେ କ'ଣ ସେ ଆଉ ଆସିବନି!!

ସତେଅବା କଳାହାଣ୍ଡିଆ ମେଘ ଘୋଟ ଆସୁଥିଲା ଚାରିଆଡ଼ୁ। କେବଳ ମେଘ ନୁହେଁ, ମେଘ ସହିତ ପ୍ରଚଣ୍ଡ ଘଡଘଡି ଓ ଅଣଚାସ ପବନ। ପ୍ରବଳ ତୋଫାନକୁ ସାଙ୍ଗରେ ଧରି ସେମାନେ ମାଡି ଆସୁଥିଲେ ଏବଂ ବଦ୍ଧପରିକର ଥିଲେ ଚମ୍ପା ଓ ଚକ୍ରଧରର ଦଦରା ସଂସାରକୁ ଛିନ୍‌ଛତ୍ର କରିଦେବାକୁ। ଏବେ ଚାରିଆଡ଼େ ଅନ୍ଧାର। ସବୁ ରାସ୍ତା ବନ୍ଦ। ଟିକିଏ ବି କୋଉଠି ଛିଦ୍ର ବକଟେ ନାହିଁ, ଚେନାଏ ଆଲୁଅ ଆସିବା ପାଇଁ।

କେବଳ ଚୁପ୍‌ଚାପ୍ ହୋଇ, ଅନ୍ୟ ଉପରେ ଭରସା କରି ନିରୁପାୟ ଭାବରେ ବସି ରହିବା ପାଇଁ ମଡ୍‌ମାଡ୍ ହୋଇ ଭାଙ୍ଗି ପଡୁଥିବା ନିଜ ବାସଘରର ଦୟନୀୟ ଅବସ୍ଥାକୁ ଦେଖିବା ବ୍ୟତୀତ ସେମାନଙ୍କ ପାଖରେ ଆଉ କୌଣସି ଉପାୟ ନଥିଲା।

ନର୍ସ ଆସ ପୁଣିଥରେ ପଚାରିଲା- "ରକ୍ତ ଯୋଗାଡ ହେଲା ନା ନାହିଁ?"

ଚକ୍ରଧର ଓ ଚମ୍ପା କେହି ବୁଝି ପାରୁନଥିଲେ, ସେମାନଙ୍କ ପରି ସରଳ, ନିର୍ମାୟା, ଅଜ୍ଞ ମଣିଷଙ୍କୁ କାଇଁକି ପଚରାଯାଉଛି ଏପରି ଜଟିଳ ପ୍ରଶ୍ନ? ଏହାର ଉତ୍ତର ମାଲୁମ ଅଛି କି ସେମାନଙ୍କୁ?

'ନାଁ' ବୋଲି ହାଲ୍‌କା ଉତ୍ତରଟିଏ ମଧ୍ୟ ବାହାରିଲା ନାହିଁ କାହା ପାଟିରୁ। ବାହାରିବା ଦରକାର ବି ନଥିଲା। ସେମାନଙ୍କ କାକୁସ୍ଥ ମୁହଁରେ ଛାଁ'କୁ ଛାଁ ଲେଖି ହୋଇଯାଇଥିଲା ଏପରି କଠୋର ପ୍ରଶ୍ନର ଉତ୍ତରଟିଏ।

- "ଆଚ୍ଛା ହଉ! ଠିକ୍ ଅଛି। ଡାକ୍ତର କହିଲେ ନର୍ସିଂହୋମରୁ ଯୋଗାଡ କରିଦେବେ। ପରେ ତୁମେ ସେଥିପାଇଁ ପେମେଣ୍ଟ କରିଦେବ।" -ନର୍ସଟି କହିଲା ଏବଂ ସେମାନଙ୍କ ମତାମତ କିମ୍ବା ଉତ୍ତରକୁ ଅପେକ୍ଷା ନକରି ଦ୍ରୁତ ଗତିରେ ଚାଲିଗଲା। ବନ୍ଦ ଦରଜାର ବାହାରପଟେ ଜଳୁଥିଲା ଗୋଟେ ନାଲି ବଲ୍‌ବ। ଭିତର ପଟେ ଚାଲିଥିଲା ଭଙ୍ଗା ଗଢ଼ା କାମ। ସତେଅବା ଆଦିମ କାଳରୁ ଦୁଇଟି ପ୍ରାଗ୍‌ଐତିହାସିକ ଜୀବ ପରି ଚକ୍ରଧର ଓ ଚମ୍ପା ବସି ରହିଥିଲେ ଓ.ଟି. ବାହାରେ। ବସି ରହିଥିଲେ ଏବଂ ମରିଷର ମୁହଁ କେତେ ବିକଳ, କେତେ ଦୟନୀୟ, କେତେ ଦୁଃଖୀ, କେତେ ଆତଙ୍କିତ ଦେଖାଯାଇପାରେ, ତା'ର ଏକ ଉଦାହରଣ ସୃଷ୍ଟି କରୁଥିଲେ।

ସଂସାରର ସମସ୍ତ ଗତିଶୀଳତା, ସମସ୍ତ କାର୍ଯ୍ୟକ୍ରମକୁ ବାତିଲ୍ କରି ସମୟ ଏକଦମ୍ ସ୍ଥିର ହୋଇ ରହିଥିଲା ସେଇ ବନ୍ଦ କବାଟର ଭିତର ପଟେ। ପବନ ବୋହୁ ନଥିଲା। ଗଛପତ୍ର ହଲୁନଥିଲା। ସବୁ ଯେମିତି ନିସାଡ, ଜୀବନହୀନ, ଥଣ୍ଡା ଓ ଭୟପ୍ରଦ!!

କେବେ ଖୋଲିବ ଏ ବନ୍ଦ କବାଟ?

ଏବେ ଆଉ ମନେ ପଡୁନାଇଁ କିଛି। ସକାଳୁ ଉଠି ଶାଗପଖାଳ ଖାଇ, ହଳ ଲଙ୍ଗଳ ନେଇ ବିଲକୁ ଯିବା, ଛକ ଉପରେ ବସି ବିଡି ଟାଣି ଟାଣି ତାସ୍ ଖେଳିବା, ନଡିଆ ଗଛର ନଡିଆ, ବାଡ଼ି ପୋଖରୀର ମାଛ, କାଳିଆ କସରା ବଳଦ, ଲେଉଟିଆ ଶାଗ ପଟାଳୀ, କଦଳୀ ଓ ସଜନା ଗଛ ... କିଛି ବୋଲି କିଛି ମନେ ପଡୁନାଇଁ। ଏବେ ନିଜକୁ, ନିଜ ଭାଗ୍ୟକୁ, ଭବିଷ୍ୟତକୁ ଅନ୍ୟର ମର୍ଜି ଉପରେ ଛାଡ଼ିଦେଇ ନିଜେ ଅସହାୟ ଭାବେ ଗୋଡ ହାତ ଯାକି ବସି ରହିବା ଏବଂ ବସି ବସି ନିଃଶବ୍ଦ ବିଳାପ କରିବା ବ୍ୟତୀତ ଆଉ କୌଣସି କାର୍ଯ୍ୟକ୍ରମ ନାହିଁ!

ଖୋଲିଯା ... ଜଲ୍‌ଦି ଖୋଲିଯା କବାଟ! ବନ୍ଦ କବାଟ ସେ ପାଖରେ ଗଢ଼ା ହୋଇସାରିବେଣି ଠାକୁର। ଆଉ ଉଚ୍ଛୁର କ'ଣ ପାଇଁ? ସହି ହେଉନାଇଁ ଜମା ଏତେ ଦହଗଞ୍ଜ, ଏତେ ଯନ୍ତ୍ରଣା! ଖୋଲିଯା ... ଚମ୍ପା ଢୋ ଢୋ ମୁଣ୍ଡ ପିଟୁଥିଲା ତଳେ।

ଖୋଲିଗଲା କବାଟ। ଅଳ୍ପ ମୁହଁ ବାହାର କରି ଜଣେ ନର୍ସ ଡାକିଲା - "ଚନ୍ଦନ ବେହେରାର ଲୋକ କିଏ ଅଛ?"

କରେଣ୍ଟ ମାରିବା ପରି ଏକାସାଙ୍ଗରେ ଠିଆ ହୋଇପଡିଲେ ଦୁଇଜଣ ମଣିଷ। ସେମାନେ ଥରୁଥିଲେ ଠକ୍ ଠକ୍ ହୋଇ।

'ନିଅ!" - ଚିରକୁଟି ପରି ଛୋଟିଆ କାଗଜ ଖଣ୍ଡେ ଚକ୍ରଧର ହାତକୁ ବଢ଼ାଇଦେଇ ନର୍ସଟି କହିଲା - 'ଏଥିରେ ଲେଖାଯାଇଥିବା ଇଞ୍ଜେକ୍ସନ, ସୂତା, ମଲମ ଶୀଘ୍ର ନେଇଆସ। ପିଲା ଅପରେସନ୍ ଟେବୁଲ ଉପରେ ଅଛି। ପାଞ୍ଚ ମିନିଟ୍ ଭିତରେ ଦରକାର...।"

ପାଞ୍ଚମିନିଟ୍ ଭିତରେ? ପାଞ୍ଚ ମିନିଟ୍‌ଟା କେବେ ସମୟ? କେତେ ମାସ, କେତେ ବର୍ଷ, କେତେ ଯୁଗ? ଏଇ ସମୟ ଭିତରେ କେତେଥର ପୃଥିବୀ ପରିକ୍ରମା କରିହେବ? କେଉଁଠୁ ମିଳିବ ଏ ବିଶଲ୍ୟକରଣୀ, ପୁଣି ପାଞ୍ଚମିନିଟ୍ ଭିତରେ?

ଘିର୍ ଘିର୍ ହୋଇ ପୃଥିବୀ ଘୁରୁଥିଲା ନା ତା' ମୁଣ୍ଡ, ଚକ୍ରଧର ଜାଣିପାରୁନଥିଲା। ତାକୁ ଲାଗୁଥିଲା ସତେଅବା ପୃଥିବୀ ଓ ଆକାଶ ସ୍ଥାନଚ୍ୟୁତ ହୋଇଯାଇଛନ୍ତି ଏବଂ ସଲାସୁତୁରା ହୋଇ ଏକତ୍ର ଅଜାଡି ହୋଇ ପଡୁଛନ୍ତି ତା' ମୁଣ୍ଡ ଉପରେ!

କୁଆଡେ ଗଲା ସଞ୍ଜୟ? କୁଆଡ଼େ ଗଲା କମଳା ଦିଦି? କୁଆଡ଼େ ଗଲେ ସଙ୍କଟ ହରଣକାରୀ ବିଧାତା, ଏ ଦୁଃସମୟରେ?

"କ'ଣ ହେଲା ? ଠିଆ ହୋଇ ରହିଲ ଯେ! ଠିଆ ହୋଇ ଭାବିବାକୁ କ'ଣ ବେଳ ଅଛି! ଶୀଘ୍ର ଆଣିବାକୁ କହିଲି ପରା!" ନର୍ସଟି ତାକୁ ଜରୁରୀ ସଚେତନ କରୁଥିଲା- "ଭାରି ଦରକାରୀ ଓ ଦାମିକା ଔଷଧ। ପ୍ରାୟ ପାଞ୍ଚହଜାର ଟଙ୍କା ପଡ଼ିପାରେ...।"

ପା...ଞ୍ଚ...ହ...ଜା...ର!!

ମଲାମାଛ ପରି ଖେଳିଗଲା ଚକ୍ରଧରର ପାଟି। ଆଖିଡୋଳା ଓଲଟି ପଡ଼ିଲା ଚମ୍ପାର। ସେମାନଙ୍କ ମୁହଁର ସବୁ ଶବ୍ଦ ବରଫ ହୋଇ ଅଟକିଗଲା କୋଉଠି, ଅଧା ବାଟରେ। କେବଳ ଜୁଳୁ ଜୁଳୁ ହୋଇ ଚାହିଁବା ବ୍ୟତୀତ ଆଉ କୌଣସି ଚାରା ନଥିଲା ସେମାନଙ୍କ ପାଖରେ।

"ତୁମେ ଯୋଗାଡ଼ କରିବ ନା ଆମେ ଦେଇଦେବୁ? ପରେ ତୁମେ ସେଥିପାଇଁ ଟଙ୍କା ଦେଇଦେବ!" - ଉପାୟ ବତାଇ ଦେଲା ନର୍ସଟି।

'ହଁ!- କ୍ଷୁଦ୍ର ଶବ୍ଦଟି ପାଟିରୁ ବାହାର କରିବା ପାଇଁ ଯେତିକି ସାମର୍ଥ୍ୟର ଆବଶ୍ୟକତା, ତାହା ଆଉ ନଥିଲା ଚକ୍ରଧର କରିବା ପାଇଁ ଯେତିକି ସାମର୍ଥ୍ୟର ଆବଶ୍ୟକତା, ତାହା ଆଉ ନଥିଲା ଚକ୍ରଧର କି ଚମ୍ପା ପାଖରେ। ଶରୀରରୁ ବୁନ୍ଦା ବୁନ୍ଦା କରି ସର୍ବଶେଷବୁନ୍ଦା ଶକ୍ତି କିଏ ଯେପରି ଶୋଷି ନେଉଥିଲା ପ୍ରଚଣ୍ଡ କ୍ରୋଧ ଓ ଅହଙ୍କାର ସହିତ!

ଚକ୍ରଧର ଓ ଚମ୍ପାର ବିପନ୍ନ ଅବସ୍ଥାକୁ ଆଦୌ ନଜର ନ ଦେଇ ନର୍ସଟି କବାଟ ବନ୍ଦ କରି ସାରିଥିଲା ସେତେବେଳକୁ।

ଚକ୍ରଧର ବସିଥିଲା ଚଟାଣରେ। ଚମ୍ପା ବି ବସିଥିଲା। ବସି ବସି ସେମାନେ ଶୁଣୁଥିଲେ ହୃତ୍‌ପିଣ୍ଡର ସ୍ୱର। ସହସା ଚମ୍‌କି ପଡ଼ିଲେ ଦୁହେଁ। ହୃତ୍‌ପିଣ୍ଡର ସ୍ୱର କ'ଣ ସୃଷ୍ଟି କରିପାରେ ଏତେ ଭୟଙ୍କର ବିସ୍ଫୋରଣ! ଯେତେ କାନ ବନ୍ଦ କଲେ ମଧ୍ୟ କେଉଁଠୁ ଶୁଭିଯାଉଛି ଗୋଟେ ଛାତି ଫଟା କାନ୍ଦଣା।

ଜମା ଘୁଞ୍ଚୁନାଇଁ ସମୟର ଚକ। ଚମ୍ପା ଓ ଚକ୍ରଧର ଚେତନା ଶକ୍ତି ଧୀରେ ଧୀରେ ଲୋପ ପାଇ ଆସୁଥିଲା ବେଳେ ସେମାନେ ଦେଖିଲେ ଗୋଟେ ଷ୍ଟ୍ରେଚରରେ ପୁଅକୁ ଶୁଆଇ ଶୂନ୍ୟେ ଶୂନ୍ୟେ ଟେକି ନେଇଯାଉଛନ୍ତି।

କ୍ରମଶଃ...

## ପୋଡୁରଷ



ତପନ ପଟ୍ଟନାୟକ

ନଈ ଆର ପାଖ ପାହାଡ କାଠଥିରେ
ପୋଡୁଚାଷର ଅଭିନୟ ଦୃଶ୍ୟ
କି ସୁନ୍ଦର, ବିଚିତ୍ର!

ଇସ୍, ସବୁକିଛି ମାଟି କରିଦେଲା
ଏଇ ଅବିଶ୍ୱାସୀ ବର୍ଷା
ପାହାଡ ଜଳୁଥିଲା ହୁତୁହୁତୁ
ମୁର୍ଦାରଘଟେ ଭଳି
ଅଚାନକ ହେଲା କ'ଣ?
ଦେଖାଗଲା ନିର୍ବାପଣର ଦୃଶ୍ୟ
ଲିଭିଗଲା ଅଗ୍ନି
ସରିଗଲା ଆୟୁଷ
ଗଦା ରହିଲା ଅବଶେଷର
କେଇମୁଠା ଅଙ୍ଗାର
ଅବସୋସର କେଇବୋଝ ପାଉଁଶ।

ସବୁକିଛି କ'ଣ ଏତିକିରେ ଶେଷ ହେଇଯାଏ!
ଜୀବନ ବି!
ପୁଣି ଏକ ବିଚିତ୍ରତା
ପାହାଡର ଅଗ୍ନିଦେହ ଏବେ ଛଳଛଳ
ଯେମିତି ମୁର୍ଦାରକୁ ଚାହିଁ ଚାହିଁ
ଆତ୍ମୀୟ ସ୍ୱଜନଙ୍କ ଆଖି
ଲୁହରେ ଢଳଢଳ!

ପାହାଡର ବି ଆତ୍ମାଥାଏ
ତାକୁ ଆଘାତ ଦେଲେ
ସେ ସିନା କିଛି କହେ ନାହିଁ
ସେ ବି ଆମ ପରି ଦୁଃଖପାଏ।

ପାହାଡ କହେ
ଯୋଉଠି ବିଦଗ୍ଧତା ଅଛି
ସେଠି ଅଛି ଅଶ୍ରୁ
ଅଛି ଅନୁଭବର ପୋଡୁରଷ।।

ବାଲୁଗାଁ, ଖୋର୍ଦ୍ଧା, ପିନ୍-୭୫୨୦୩୦
ମୋ-୯୪୩୯୦୦୨୬୬୬

## କୁନାବାପାଙ୍କ କୁନିକଥା



ଶ୍ରାବଣର ସୋମବାରରେ ମହାଦେବ ଦର୍ଶନର ମାହାତ୍ମ୍ୟ ଫେସବୁକ, ହ୍ୱାଟ୍ସଆପ୍, ଟ୍ୱିଟର ଭଳି ସାମାଜିକ ଗଣମାଧ୍ୟମଠାରୁ ଆରମ୍ଭ କରି ଛାପା ଓ ଇଲେକଟ୍ରୋନିକ୍ ମିଡିଆରେ ଛାଇଯାଇଛି। ଓଡ଼ିଶାରେ ସଦସ୍ୟ ସମାପ୍ତ ଏସୀୟ କ୍ରୀଡ଼ାର ଉଦ୍‌ଘାଟନ ଠାରୁ ଉଦ୍‌ଯାପନ ପର୍ବ ପର୍ଯ୍ୟନ୍ତରେ ଭରିରହୁଥିବା ଗଣମାଧ୍ୟମ ବର୍ତ୍ତମାନ, ଗତ ସପ୍ତାହର ରଥଯାତ୍ରାରେ ଜଗା ମନସ୍କଥିଲେ, ଆଉ ଏବେ ଶିବମନସ୍କ। କୁନାବୋଉ କୁଆଡେ ଷୋଳ ସୋମବାର ବ୍ରତକରିଥିଲେ ବୋଲି କୁନାବାପାଙ୍କୁ କୁହନ୍ତି। ଆଉ ସେଇକଥାକୁ ନେଇ କୁନାବାପା, କୁନାବୋଉଙ୍କୁ ବେଳେବେଳେ ଚିଡାନ୍ତି। ତେବେ ଏଭଳି ଏକ ପବିତ୍ର ଦିବସରେ କାଉଡିଆମାନେ କାହିଁ କେତେ ଦୂରରୁ ଘଣ୍ଟିଘାଗୁଡି ବନ୍ଧା ବାହୁଙ୍ଗୀମାନ କାନ୍ଧେଇ, ଗେରୁଆ ନାଲିଆ, ବାଘୁଆ ରଙ୍ଗର ବେଶ ପକେଇ ରାସ୍ତା ଜାମକରି, ବୋଲବମ, ହରହର ବମ୍ ଡାକରେ ମେଦିନି କମ୍ପେଇ ଶିବ ମନ୍ଦିରରେ ଜଳ ଢାଳିବାକୁ ବାହାରନ୍ତି।

ଆଜିର ଏଇ ବର୍ଷର ପ୍ରଥମ ଶ୍ରାବଣ ସୋମବାରରେ ସକାଳୁ ପାଗ ପୁରା ଭଲଥିଲା, ହେଲେ ସଂଧ୍ୟାରେ ବର୍ଷା ଛେଚିଲା ଯେ ରେନକୋଟ କାମଦେଲାନି। ଭିଜିକି ଫେରିଲେ କୁନାବାପା ରାତି ଆଠଟାରେ। କୁନାବୋଉ ପୋଛିହେବାକୁ ଟାଓ୍ୱାଲ ବଢ଼େଇଦେଇ କହିଲେ, ଆଜି ମହାଦେବଙ୍କ ପାଖରେ ଜଳଲାଗି କଲେ ସୁଫଳ ମିଳେ, ହେଲେ ଇନ୍ଦ୍ରଦେବ ତମ ଉପରେ କାହିଁକି ଜଳଦେଲେ କେଜାଣି? ଓଦା ସରସର ଦେହକୁ ପୋଛି ହେଉ ହେଉ କାନାବାପା ଟିକେ ଚିଡିଯାଇ କହିଲେ, ଯାଅ ଟିକେ ଚା-ପାଣିର ବନ୍ଦୋବସ୍ତ କର, ମୁଁ ଓଦା ହେଇଚି ଆଉ ତମକୁ ମଜା ଲାଗୁଛି। କୁନାବୋଉ ଟିଭି ଖୋଲିବାକୁ ଚାହିଁଲେ, ହେଲେ ବର୍ଷା ବାଧାପ୍ରାପ୍ତ ପ୍ରସାରଣ ଯୋଗୁ ଆଉ ଟିଭି ଦେଖିହେଲାନି। ତେଣୁ ସେଦିନ ସମସ୍ତେ ଶୀଘ୍ର ଖାଇ ପିଇ ଶୋଇଗଲେ। ଶୋଇଲା ବେଳେ କୁନାବାପା କିପରି ଘରକୁ ଫେରିବାବେଳେ ରାଜଧାନୀର କୃତ୍ରିମ ବନ୍ୟାରେ ଫସିଲେ, ବର୍ଷାରେ କେମିତି ଗାଡିସବୁ ନିୟନ୍ତ୍ରଣ ହରାଇ କୋଳାକୋଳି ହେଉଥାନ୍ତି ଆଉ ଗାଡିଚାଳକମାନେ ବର୍ଷାରେ ତିନି ନିଜର ଚୌଦ ପୁରୁଷ ଉଦ୍ଧାରକରୁଥାନ୍ତି ଆଉ ଚା' ଦୋକାନରେ ଠିଆହୋଇ ବୁଦ୍ଧିଜୀବୀଙ୍କର ସରକାର ସପକ୍ଷବାଦୀ ଓ ବିପକ୍ଷବାଦୀ ଆଲୋଚନା।

ମଙ୍ଗଳବାର ସକାଳୁ କାନାବାପା ଚା' କପ୍ ହାତରେ ଧରି ଖବରକାଗଜ ଉପରେ ନଜର ପକେଇ ହତ ଚକିତ ହୋଇପଡିଲେ। ମୁଖ୍ୟଖବର ଥିଲା ଅମରନାଥ ଯାତ୍ରା କରୁଥିବା ଯାତ୍ରୀବାହି ବସ୍ ଉପରେ ଆତଙ୍କବାଦୀ ଆକ୍ରମଣ। ପ୍ରାୟ ସବୁ ଖବର କାଗଜର ପ୍ରଥମ ପୃଷ୍ଠାରେ ସେଇ ଏକା ଖବର। କେବଳ ମୃତାହଙ୍କ ତଥ୍ୟରେ ପ୍ରଭେଦ। ତେବେ ଶ୍ରାବଣର ପୂର୍ଣ୍ଣମାସରେ, ସୁରକ୍ଷାର ସମସ୍ତ ବନ୍ଦୋବସ୍ତ ସତ୍ତ୍ୱେ ଏଭଳି ଅମାନୁଷିକ କାର୍ଯ୍ୟ ଗୋଟିଏ ଆତଙ୍କବାଦୀ ସଂଗଠନ କିପରି ଘଟାଇପାରିଲା, ତାହାତ ତଦନ୍ତ ସାପେକ୍ଷ। କୁନାବାପା ମନେପକାଇଲେ ବହୁବର୍ଷ ତଳର ଆଉ ଗୋଟିଏ ଘଟଣା। ଯେଉଁଥିରେ ବସ୍ ଦୁର୍ଘଟଣାରେ ପ୍ରାଣ ହରାଇଥିଲେ କିଛି ଭକ୍ତ।

କୁନାବାପାଙ୍କ ଡାକରେ ପ୍ରକୃତିସ୍ଥ ହେଲେ କୁନାବାପା। କୁନାବୋଉ ପଚାରିଲେ, 'କ'ଣ ଧର୍ମନାମରେ ଏଇ ନରସଂହାର ଚାଲୁରହିବ? ଏଇକିଛି ବିଧର୍ମୀ ଚଳାଇଥିବେ ଏଇ ଆତଙ୍କରାଜ, ଆଉ ଆମେ ନିରବଦ୍ରଷ୍ଟା ସାଜିବା?' କିଛି ଉତ୍ତର ନଥିଲା ଆଜି କୁନାବାପାଙ୍କ ପାଖରେ। ବର୍ଷା ମାଡରେ ଭାସୁଥିବା ଗତକାଲିର ରାଜଧାନୀର ଦୃଶ୍ୟଠାରୁ ଏ ବେଦନା ଦାୟକ ଖବରର ତାଡନା ଅଧିକ। ଦୃଶ୍ୟଶ୍ରାବ୍ୟ ଗଣମାଧ୍ୟମରେ ଅଧିକ ଖବର ଦେଖିବାକୁ ଟିଭି ଖୋଲିଲେ କୁନାବାପା। ଆଉ ସବିଶେଷ ବିବରଣୀୟ ପାଇଲେ।

ଧର୍ମମାସରେ ଧର୍ମଅର୍ଜନ କରିବାକୁ ଯାଉଥିବା ଭକ୍ତଙ୍କୁ ଆକ୍ରମଣ କରି କେଉଁ ଧର୍ମଗ୍ରନ୍ଥର ଧର୍ମ ପାଳନ କରୁଛନ୍ତି ଏଇ ଆତଙ୍କବାଦୀ। ହିନ୍ଦୁ ଭକ୍ତଙ୍କୁ ବସରେ ବସେଇ ନେଉଥିବା ଡ୍ରାଇଭର ଜଣକ ମଧ୍ୟ ମୁସଲମାନ। ସେ କିନ୍ତୁ ନିଜର ଉପସ୍ଥିତ ବୁଦ୍ଧି ଖଟାଇ ବଞ୍ଚେଇ ପାରିଲା କିଛି ଜୀବନ। କୁନାବାପା ସେଇ ଅବଶିଷ୍ଟ ବର୍ତ୍ତିଯାଇଥିବା ଯାତ୍ରୀଙ୍କ ଇଣ୍ଟରଭ୍ୟୁ ଟିଭିରୁ ଦେଖି ଯାହା ବୁଝିଲେ ଯେ। କୌଣସି ଶିବ କେବେ ଜଣେ ଭକ୍ତକୁ ତାର ପ୍ରଭୁଦର୍ଶନର ପ୍ରତିଜ୍ଞାରୁ ବିରତ କରିପାରିବେନି। ତୀର୍ଥଯାତ୍ରୀଙ୍କୁ ଆକ୍ରମଣ କରି କେହି କାହାର ଧର୍ମୀୟ ଭାବନାକୁ ପ୍ରତିହତ କରିପାରିବେନି। ବରଂ ଅମରନାଥ ଯାତ୍ରୀଙ୍କ ଦୃଢ଼ୋକ୍ତି 'ଆମେ ଆହୁରି ଅଧିକରୁ ଅଧିକ ଆସିବୁ ଓ ଆରଥରକୁ ଆମେ ସପରିବାର ଆସିବୁ' ନିଶ୍ଚୟ ହସଲା କରିଥିବା ଆତଙ୍କବାଦୀ ସଂଗଠନର ମନୋବଳ ଉପରେ ପ୍ରଭାବ ପକାଇଥିବ ବୋଲି ମନେହୁଏ। ଶ୍ରାବଣରେ ସମସ୍ତଙ୍କୁ ଶିବାଶିଷ ମିଳୁ, ଏହାହିଁ କାମନା।

- ଶାରଦା ପ୍ରସାଦ ମହାପାତ୍ର

## ପ୍ରୀତିର ଠିକଣା



ନୃସିଂହ ଚରଣ ବେହେରା

ଏଇ ନୀଳ ଜ୍ୟୋତ୍ସ୍ନା ରାତିରେ
ତୁମ ସ୍ୱପ୍ନ ଦେଖି ଦେଖି
ଉଜାଗରେ ଆକାଶର ତାରା ମୁଁ ଗଣିଛି
କେତେ ଅନ୍ଧକାର ରାତିର ନିର୍ଜନତାରେ।

ସ୍ମୃତି ସବୁ ପୁରୁଣା ସାଉଁଟିଛି
ବିରହର କରାଳ ଅନଳରେ
ବୈଶାଖକୁ ସଜାଇ ଶ୍ରାବଣ
ଜଳିଛି ଯନ୍ତ୍ରଣାର ବହ୍ନିରେ ଅହରହ।

କେବଳ ତୁମ ପାଇଁ
ତୁମେ ହିଁ ତ ମୋ ପ୍ରୀତିର ଠିକଣା
ଅମାବାସ୍ୟାର ଚାନ୍ଦ
ଆଉ ଭୂମିକମ୍ପର ତୀବ୍ର ଯନ୍ତ୍ରଣା।

ଏଇ ମୋର ଦିଗହୀନ ଜୀବନେ
ତୁମେ ମୋର ଶୟନ ସପନେ
ଅନ୍ତଃହୀନ ପ୍ରତୀକ୍ଷାରେ ତୁମେ
ତଥାପି ତୁମ ବାଟକୁ ଚାହିଁ ଚାହିଁ
ଜଳେ ମୋର ପ୍ରତିଟି ମୁହୂର୍ତ୍ତ
କେବଳ ତୁମ ପାଇଁ
ମୋର ଏଇ ଦୁଇ ନୀଳ ଆଖି
ବଞ୍ଚେ ପୁଣି ତମ ସପନ ଦେଖି।

ଭୋଇ ନଗର, ଭୁବନେଶ୍ୱର

## ଭିଜିବାକୁ ମନ

ସସ୍ମିତା ମହାନ୍ତି

ମେଘରେ ମେଘ ଶୁଣିଯା' କଥା
ଆଖିରେ କହୁଛି ତୋତେ
ଅଳ୍ପ ସମୟ ଅପେକ୍ଷା କରିଥା'
ମନମିତ ମୋର, ମୋ ହାତ ଧରିଲେ
ଭିଜେଇବୁ ତୁ ମୋତେ।।

ପାଦରେ ନୂପୁର ଆଖିରେ କଜଳ
ସଜେଇ ହେଇଛି ତୋରି ପାଇଁ
ପ୍ରିୟ ମୋ ଆସିଲେ
ମୟୁରର ତାଳେ
ଭିଜିବି ମୁଁ ତାଙ୍କୁ ସାଥିରେ ନେଇ।।

ଆଖିରେ ଇଶାରା ଦେଲେ
ଆସିବୁରେ ମେଘ ନ କରି ଡେରି
ପ୍ରିୟ ସହ ମୁଁ ହସିଲେ ଆନନ୍ଦେ
ଆମ ଉପରେ ତୁ ଯିବୁରେ ଝରି।।

କାଲିଫର୍ନିଆ, ୟୁଏସ୍‌ଏ

## କେବଳ ବେକାର



କ୍ଷୀରୋଦିନୀ ବେହେରା (ସ୍ୱପ୍ନା)

ପୁରୁଣା କାନ୍ଥରେ ମୋର
ନୂଆ କ୍ୟାଲେଣ୍ଡର
ବଦଳେଇ ଦେଇପାରେ
ଦିନ ଓ ତାରିଖ
କିନ୍ତୁ ବଦଳିପାରେନି ଏଠି
ମାଟି କାନ୍ଥ ମୋର,
ବଦଳିପାରେନି
ମୋ' ବୋଉର ଛିଣ୍ଡା ଶାଢ଼ି ଓ
ବାପାଙ୍କ ପୁରୁଣା ଚପଲ
ତଥାପି ତ ଏଠି ସମୟର ଗତି
ଅତିବ ପ୍ରଖର...।

ବିପିଏଲ୍ କାର୍ଡ ଧରି
ଲାଇନ୍‌ରେ ଛିଡ଼ା ହେଲାବେଳେ
ଖାଇଯାଏ ଗାଈ
ପାଚିଲା ଧାନ ଖେତ ମୋର
ଡିବିରିରେ ତେଲ ନାହିଁ
ଡିଲର ପାଖକୁ ଗଲାବେଳେ
ମୁଁ ଦେଖିପାରେ
ଲଣ୍ଠନର ଅନ୍ଧାର ତଳେ ଲୋଚିଥିବା
ଅସହାୟ ଜେଜେବାପାଙ୍କ ମୁହଁ।
ଏ ଦେହର କଥା ବୁଝିବା ବେଳକୁ
ହାତୁଡି ଚୋଟରେ
ଭାଙ୍ଗି ପଡୁଥିବା ହାତଠୁ ଅଧିକା
ଝରିପଡେ ଏଇ ମୋର କୌମାର୍ଯ୍ୟ ଶରୀର।
ବୁଝିବା ବେଳକୁ ଧନି ଓ ଗରିବଙ୍କ ଯୋଗସୂତ୍ର
ମୁଁ କ୍ଷତାକ୍ତ, କେବଳ ବେକାର।

ଭୁବନେଶ୍ୱର
ମୋ-୯୭୭୭୭୨୯୦୦୨

## ମୁନିଆ

ଶାରଦା ପ୍ରସାଦ ପରିଡ଼ା



ସଞ୍ଜ ନଇଁ ନଇଁ ଆସୁଥାଏ। ଗାଈଗୋଠର ହଂବା ହମ୍ବାଳି ରଡିରେ ପ୍ରକମ୍ପିତ ହେଉଥାଏ ଗାଁ ମୁଣ୍ଡ। ସୂର୍ଯ୍ୟ, ଅସ୍ତାଚଳରେ ମା'କୋଳକୁ ଲେଉଟିବାକୁ ତତ୍‌ପର ହେଉଥାନ୍ତି। ଚଢ଼େଇ ଚିରୁଗୁଣୀ ନିଜ ନିଜର ଆହାରବିହାର ତେଜି ଗାଈଗୋଠର ପଛେ ପଛେ ଫେରୁଥାନ୍ତି ଗାଁ ଆଡ଼େ। ମୁଁ ବହୁଦିନର ବ୍ୟବଧାନ ପରେ ଗାଁକୁ ଯାଉଥାଏ। ମନରେ କେଉଁ ଏକ ଅଜଣା ଉନ୍ମାଦନା। ଗାଁ ପରିବେଶର ଆତ୍ମୀୟତା, ସୁଖରେ ଦୁଃଖରେ କପଟବିହୀନ ନିଜପଣ, ଆଉ ସମ୍ପର୍କର ସୁଗନ୍ଧ ଯେମିତି ମନରେ ଶିହରଣ ଖେଳାଉଥାଏ। ଗାଡି ଆଗେଇ ଚାଲିଥାଏ ଆଗକୁ ଆଗକୁ। ଗାଁ ପାଖକୁ ଗାଡି ଯେତିକି ଯେତିକି ପାଖେଇ ଆସୁଥାଏ, ମନ ଭିତରର ଉଚ୍ଚାଟ ସେତିକି ସେତିକି ବଢୁଥାଏ। ବସ୍‌ରୁ ଓହ୍ଲେଇ ମୁଖ୍ୟ ରାସ୍ତାରୁ ଖଣ୍ଡେ ଦୂର ଗଲା ପରେ ପଡେ ଆମ ଗାଁ। ବସ୍ ଯେଉଁଠି ଷ୍ଟପେଜ କରେ ସେଇ ଛକରୁ ଗୋଟିଏ ବାଙ୍କ, ତା'ପରେ ମଶାଣି, ପୋଖରୀ ଆଉ ତା'ପରେ ଗାଦିଗୋସେଇଁ ମନ୍ଦିର। ଯେମିତି ଭକ୍ତି ଆଉ ବୈରାଗର ଅପୂର୍ବ ସଂଗମ। ମନ୍ଦିର ଆଉ ମଶାଣିକୁ ଲାଗି ଏକ ବିରାଟ ପୋଖରୀ। ଗାଁର ଶୁଭ କାମ ହେଉ ଅବା ଅଶୁଭ କାମ, ସେଇଠୁ ଜଣାପଡେ। ମୁଁ ବସ୍‌ରୁ ଓହ୍ଲେଇ ପଡି, କାନ୍ଧ ବ୍ୟାଗ୍ ଖଣ୍ଡକ କାନ୍ଧରେ ଝୁଲେଇ ଚାଲିଥାଏ ଆଗକୁ ଆଗକୁ। ଖଣ୍ଡେ ଦୂରରୁ କାହାର ଗୋଟିଏ ଚିତା ଜଳୁଥିବାର ଲକ୍ଷ୍ୟ କଲି। ମନରେ କିଛି ଦୁଃଖ ଆଉ ଜିଜ୍ଞାସା ଜାତ ହେଲା। ଭୟାଳୁ ମନ ନେଇ ସେଇ ଜୁଇ ହେଇ ଯାଉ ଯାଉ ଘଟଣାର ସତ୍ୟତା ଜାଣିବାକୁ ଚାହିଁଲି। ବ୍ୟକ୍ତି ଜଣକ କେହି ବିଶେଷ ନଥିଲେ ବି, ଘଟଣାଚକ୍ର ଖୁବ ବିଶେଷ ଥିଲା। ଗତଥର ବାର ଦୁଆର ବୁଲି ଜାଗା ଖଣ୍ଡିଏ ପାଇଁ ନେହୁରା ହେଉଥିବା ମୁନିଆ ଆଉ ତା'ର ପରିବାରର ଜଳୁଥିଲା ସାମୂହିକ ଚିତା।

ମୋର ମନ ଅଛି, ଗତଥର ଛୁଟିରେ ମୁଁ ଗାଁକୁ ଯାଇଥାଏ। କଲିକତାର କେଉଁ ଏକ ଏକ ଦୁର୍ଦ୍ଦାନ୍ତ ଅପରାଧୀକ ସଂଘରେ କାମ କରୁଥିବା ମୁନିଆ ଦୀର୍ଘ ଦୁଇ ଦଶନ୍ଧିର ବ୍ୟବଧାନରେ ଧାଇଁ ଆସିଥାଏ ଜୀବନ ବିକଳରେ ଗାଁକୁ। ନିଜ ବାପ ଭାଇ ଘରେ ରଖିବାକୁ ମନାକରିବା ପରେ ଦୁଆରେ ଦୁଆରେ ପଡି ସମସ୍ତେ ଶରଣ ପଶିଲେ ଗାଁ ବାଲାଙ୍କ ପାଖରେ। ନେହୁରା ହେଉ ହେଉ କହୁଥାଏ "ମୋତେ ମଶାଣିରେ ପଛେ ପଲା ମାରି ରହିବାକୁ ଦିଅ, ହେଲେ ଏଇଠି ରହିବାକୁ ଦିଅ, ନୋହିଲେ ମୁଁ ତ ମୁଁ ସେମାନେ ମୋ ପରିବାରକୁ ମାରିଦେବେ।"

ମାତ୍ର ଆକୁଳ ନିବେଦନ ଯେମିତି ଗାଁ ରାଜନୀତିର ହୀନ ଚକ୍ରାନ୍ତରେ କାହାର କାନ ଯାଏ ପହଞ୍ଚି ପାରୁନଥିଲା। ଆଉ ଅନ୍ୟମାନଙ୍କ ପାଖରେ ପହଞ୍ଚିଲା ସେମାନେ ନିରୁପାୟ, ନାଚାରା। ଆଇନ୍‌ର ଶରଣ ନେବାର ବାଟ ବି ବନ୍ଦ ତା ପାଇଁ ଶେଷରେ ନିରୁପାୟ ହୋଇ ଫେରିଯାଇଥିଲା ସିଏ।

ତା'ପରେ ଘଟଣା ସହଜରେ ଅନୁମେୟ, ଯାହାର କରୁଣ ପରିଣାମର ସାକ୍ଷୀ ଥିଲେ ଗାଁ ମୁଣ୍ଡରେ ଜଳୁଥିବା ତା'ପରିବାରର ସାମୂହିକ ଚିତା। ମୁନିଆ ତା କଲା କର୍ମର ଫଳ ପାଇଲା। ହେଲେ ତା ନିଷ୍ପାପ ଶିଶୁମାନଙ୍କର ମୃତ୍ୟୁ ପାଇଁ ଦାୟୀ କିଏ, ସେ ନିଜେ, ତା ବାପା ଭାଇ, ଗାଁ ବାଲା ନା ଏ ହୀନ ରାଜନୀତି? ଯାହାର ଉତ୍ତର ଖୋଜୁ ଖୋଜୁ ମୁହଁ ସଞ୍ଜ ଅନ୍ଧାର ଭିତରେ ସମବେତ ଗାଁ ବାଲାଙ୍କ ସହ ସାମିଲ ମୁଁ ନିଜେ ମଧ୍ୟ ମୁହଁ ଲୁଚେଇବାକୁ ଚେଷ୍ଟା କରୁଥିଲି। ସେଆଡୁ ରହି ରହି ପ୍ରଶ୍ନ ଆସୁଥିଲା ଅଧୁନା ସମୟରେ ଗାଁର ଆତ୍ମୀୟତା ଉପରେ।

ଅଧ୍ୟାପକ, ମେକାନିକାଲ ଇଞ୍ଜିନିୟରିଂଙ୍ଗ
କୋଣାର୍କ ବିଜ୍ଞାନ ଏବଂ ବୈଷୟିକ ମହାବିଦ୍ୟାଳୟ, ଜଟଣୀ

### ସ୍କୁଲ ଓ ଗଣଶିକ୍ଷା ବିଭାଗର ସର୍କୁଲାର ଜାରି

# ଆଧାର ନଥିଲେ ମଧ୍ୟାହ୍ନ ଭୋଜନ ମନା

**ଭୁବନେଶ୍ୱର :** ଏଣିକି ଆଧାର କାର୍ଡ ନଥିଲେ ସ୍କୁଲରେ ଛାତ୍ରଛାତ୍ରୀମାନଙ୍କୁ ଆଉ ମଧ୍ୟାହ୍ନ ଭୋଜନ ଦିଆଯିବ ନାହିଁ। ଏଥିପାଇଁ ଚଳିତ ଜୁଲାଇ ୩୧ ତାରିଖ ସୁଦ୍ଧା ରାଜ୍ୟର ସମସ୍ତ ସ୍କୁଲର ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କ ଡାଟା ସହ ଆଧାର ନମ୍ବର ଲିଙ୍କ୍ କରିବା ପାଇଁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି। ଏନେଇ ସ୍କୁଲ ଏବଂ ଗଣଶିକ୍ଷା ବିଭାଗ ସଚିବ ରଞ୍ଜନା ଚୋପ୍ରା ସମସ୍ତ ଜିଲ୍ଲା ଶିକ୍ଷା ଅଧିକାରୀ, ବ୍ଲକ୍ ଏଜୁକେସନ୍ ଅଫିସର୍ ଏବଂ ସର୍ବଶିକ୍ଷା ଅଭିଯାନର ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ଚିଠି ଲେଖିଛନ୍ତି। କେନ୍ଦ୍ର ସରକାର ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କ ପାଇଁ ସହାୟତା ପାଇବାକୁ ହେଲେ ସର୍ବଶିକ୍ଷା ଅଭିଯାନ,



ରାଷ୍ଟ୍ରୀୟ ମାଧ୍ୟମିକ ଶିକ୍ଷା ଅଭିଯାନ ଓ ମଧ୍ୟାହ୍ନ ଭୋଜନ ଯୋଜନାର ହିତାଧିକାରୀଙ୍କ ପାଇଁ ଆଧାର ନମ୍ବର ଯୋଡ଼ିବା ବାଧ୍ୟତାମୂଳକ କରି ସାରିଛନ୍ତି। ତେଣୁ ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କ ଆଧାର ନମ୍ବରକୁ ଜୁଲାଇ ୩୧ ତାରିଖ ସୁଦ୍ଧା ଷ୍ଟୁଡେଣ୍ଟସ୍ ଡାଟାବେସ୍‌ରେ ଯୋଡ଼ିବା ପାଇଁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି। ଏହି ଡାଟାବେସ୍ ରାଜ୍ୟ ଏବଂ ସର୍ବଭାରତୀୟ ସ୍ତରରେ ସ୍ୱଚ୍ଛତା ଆଣିବ ବୋଲି ଏଥିରେ କୁହାଯାଇଛି। ମଧ୍ୟାହ୍ନ ଭୋଜନ ବାଟମାରଣା ଏବଂ ଅନ୍ୟାନ୍ୟ ଅନିୟମିତତାକୁ ଏହା ଦ୍ୱାରା ରୋକାଯାଇପାରିବ ବୋଲି ମଧ୍ୟ କୁହାଯାଇଛି। ତେବେ ଯେଉଁ ଛାତ୍ରଛାତ୍ରୀମାନଙ୍କ ଆଧାର କାର୍ଡ ବା ନମ୍ବର ନାହିଁ, ସେମାନଙ୍କ ଆଧାର କାର୍ଡ ଖୁବ୍ ଶୀଘ୍ର ତିଆରି କରିବା ପାଇଁ ବ୍ଲକ୍ ଶିକ୍ଷା ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

### ବିନା ଆଧାରରେ ମିଳିବ : ସଚିବ

**ଭୁବନେଶ୍ୱର :** ଭାରତ ସରକାରଙ୍କ ନିଦ୍ଦେଶନାମା ଅନୁଯାୟୀ ରାଜ୍ୟର ପ୍ରାଥମିକ ବିଦ୍ୟାଳୟ ଓ ଆଦର୍ଶ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀଙ୍କୁ ଆଧାର ସଂଯୋଗୀକରଣ କରାଯିବ। ଏହି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ପ୍ରକ୍ରିୟା ଜାରି ରହିଛି। ମାତ୍ର ମଧ୍ୟାହ୍ନଭୋଜନ ପାଇଁ ଆଧାରକାର୍ଡ ବାଧ୍ୟତାମୂଳକ ନୁହେଁ ବୋଲି ଗଣଶିକ୍ଷା ବିଭାଗ ସଚିବ ରଞ୍ଜନା ଚୋପ୍ରା କହିଛନ୍ତି। ଶ୍ରୀମତୀ ଚୋପ୍ରା କହିଛନ୍ତି ଯେ ଖାଦ୍ୟ ସୁରକ୍ଷା ନୀତି ଅନୁଯାୟୀ ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କୁ ମଧ୍ୟାହ୍ନ ଭୋଜନରେ ଅନ୍ତର୍ଭୁକ୍ତ କରାଯିବ। ବିନା ଆଧାରକାର୍ଡରେ ଛାତ୍ରଛାତ୍ରୀ ମଧ୍ୟାହ୍ନଭୋଜନ ଖାଇପାରିବେ। ଯଦି ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ କୌଣସି କାରଣରୁ ବିଦ୍ୟାଳୟରେ ମଧ୍ୟାହ୍ନଭୋଜନ ବନ୍ଦ ରୁହେ ତେବେ ଉକ୍ତ ଦିନର ମଧ୍ୟାହ୍ନଭୋଜନ ବାବଦ ଅର୍ଥ ଛାତ୍ରଛାତ୍ରୀଙ୍କ ଆକାଉଣ୍ଟକୁ ଯୋଗାଇ ଦିଆଯିବ ବୋଲି ଶ୍ରୀମତୀ ଚୋପ୍ରା କହିଛନ୍ତି।

# ଓଡ଼ିଶାରେ ପ୍ରତିଷ୍ଠା ହେବ ପାଇକ ଏକାଡେମୀ

### ଦିଆଯିବ ସମରକଳା ସମ୍ପର୍କିତ ପ୍ରଶିକ୍ଷଣ

**ଭୁବନେଶ୍ୱର :** ରାଜ୍ୟରେ ଖୁବ୍‌ଶୀଘ୍ର ପ୍ରତିଷ୍ଠା ହେବ ପାଇକ ଏକାଡେମୀ। ପାଇକ ବିଦ୍ରୋହର ୨୦୦ ବର୍ଷ ପୂର୍ତ୍ତି ପାଳନ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଉଥିବା ବେଳେ ଏହି କାର୍ଯ୍ୟକ୍ରମ ଅଧୀନରେ ଏକ ପାଇକ ଏକାଡେମୀ ଖୋଲିବାକୁ ଯୋଜନା ହୋଇଛି। ଏକାଡେମୀରେ ପାଇକ ଆଖଡ଼ା ସହ ବିଭିନ୍ନ ପ୍ରକାର ସମରକଳା ଏବଂ ନୃତ୍ୟ ସମ୍ପର୍କରେ ପ୍ରଶିକ୍ଷଣ ଦିଆଯିବ। ପାଇକମାନଙ୍କ ସଂସ୍କୃତି ଓ ପରମ୍ପରାକୁ ଚିର ଉଜ୍ଜୀବିତ କରି ରଖିବାକୁ ଏଭଳି କାର୍ଯ୍ୟକ୍ରମ ହାତକୁ ନେବାକୁ ଯାଉଛି ରାଜ୍ୟ ସଂସ୍କୃତି ବିଭାଗ। ଏଥିପାଇଁ ବିଚାରବିମର୍ଶ ଜାରି ରହିଥିବା ସଂସ୍କୃତି ବିଭାଗ କମିଶନର ତଥା ଶାସନ ସଚିବ ମନୋରଞ୍ଜନ ପାଣିଗ୍ରାହୀ ସୂଚନା ଦେଇଛନ୍ତି। ବ୍ରିଟିଶ ଶାସନ ବିରୋଧରେ ସ୍ୱାଧୀନତା ସଂଗ୍ରାମର ପ୍ରଥମ ଆନ୍ଦୋଳନ ଭାବେ ପାଇକ ବିଦ୍ରୋହର ସ୍ୱତନ୍ତ୍ର ପରିଚୟ ରହିଛି। ଏହି ବିଦ୍ରୋହ ଭାରତର ପ୍ରଥମ ସିପାହୀ ବିଦ୍ରୋହ ବୋଲି ରାଜ୍ୟର ଐତିହାସିକମାନେ ମତ ଦେଇଥିବା ବେଳେ ପାଇକମାନଙ୍କୁ ସ୍ୱତନ୍ତ୍ର ପରିଚୟ ଦେବାକୁ ପ୍ରଚେଷ୍ଟା ଜାରି ରଖିଛନ୍ତି ରାଜ୍ୟ ସରକାର। ଏଥିପାଇଁ ସରକାରଙ୍କ ସଂସ୍କୃତି ବିଭାଗ ଅଧୀନରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଏହି କ୍ରମରେ ଓଡ଼ିଶାରେ ଏକ ପାଇକ ଏକାଡେମୀ ଖୋଲିବାକୁ ଯୋଜନା ପ୍ରସ୍ତୁତ କରିଛି ବିଭାଗ। ଏକାଡେମୀ କେଉଁଠାରେ ପ୍ରତିଷ୍ଠା ହେବ, ସେ ନେଇ କୌଣସି ନିଷ୍ପତ୍ତି ହୋଇ ନ ଥିବା ବେଳେ ଖୁବ୍‌ଶୀଘ୍ର ଏ ଦିଗରେ କାର୍ଯ୍ୟ କରାଯିବ ବୋଲି କୁହାଯାଇଛି। ଏକାଡେମୀରେ ପାଇକମାନଙ୍କ ସହ ଜଡ଼ିତ ବିଭିନ୍ନ ସମରକଳା, ନୃତ୍ୟ ଆଦି ସମ୍ପର୍କରେ ପ୍ରଶିକ୍ଷଣ ଦିଆଯିବ। ବିଶେଷକରି ପାଇକଆଖଡ଼ା, ରଣପା ଓ ଛଉନୃତ୍ୟ ଆଦି ଶିଖାଇବାକୁ ଏଠାରେ ସ୍ୱତନ୍ତ୍ର ପ୍ରଶିକ୍ଷକ ଓ ବିଶେଷଜ୍ଞ ନିଯୁକ୍ତ ହେବେ। ଏହାବ୍ୟତୀତ ଗବେଷଣା କାର୍ଯ୍ୟ ଉପରେ ମଧ୍ୟ ଏକାଡେମୀ କାର୍ଯ୍ୟ କରିବ। ଓଡ଼ିଶୀ ନୃତ୍ୟରେ ପ୍ରଶିକ୍ଷଣ ତଥା ଗବେଷଣା ପାଇଁ ରହିଥିବା ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରା ଢାଞ୍ଚାରେ ପାଇକ ଏକାଡେମୀର ପ୍ରତିଷ୍ଠା କରିବାକୁ ଯୋଜନା କରାଯାଇଛି। ଏହାବ୍ୟତୀତ ଖୋର୍ଦ୍ଧା ଜିଲ୍ଲାର ୬ଟି ବ୍ଲକ୍‌ରେ ପାଇକ ବିଦ୍ରୋହ ସମ୍ପର୍କିତ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯିବାକୁ ସ୍ଥିର ହୋଇଛି। ବେଗୁନିଆ, ବୋଲଗଡ଼ ଏବଂ ବାଲିପାଟଣା ଆଦି ବ୍ଲକ୍‌ରେ ଆୟୋଜିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ପାଇକବିଦ୍ରୋହ ସମ୍ପର୍କିତ ଆଲୋଚନାଚକ୍ର ସହ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏଥିରେ ରାଜ୍ୟର ବିଶିଷ୍ଟ ଐତିହାସିକ, ଗବେଷକ ଏବଂ ବିଦ୍ୱାନମାନେ ଯୋଗଦେଇ ପାଇକବିଦ୍ରୋହ ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିବେ। ପାଇକ ଆଖଡ଼ାକୁ ସର୍ବଭାରତୀୟ ସ୍ତରରେ ପହଞ୍ଚାଇବାକୁ ଉଦ୍ୟମ କରାଯିବ ବୋଲି ସଚିବ ସୂଚନା ଦେଇଛନ୍ତି। ଏଥିପାଇଁ ଆସନ୍ତା ସେପ୍ଟେମ୍ବର ମାସରେ ଦିଲ୍ଲୀଠାରେ ଏକ ଜାତୀୟସ୍ତରୀୟ ସେମିନାର ଆୟୋଜନ କରାଯିବ। ପାଇକ ବିଦ୍ରୋହ ଯେ ଭାରତର ପ୍ରଥମ ସିପାହୀ ବିଦ୍ରୋହ, ଜାତୀୟ ସ୍ତରରେ ଏ ନେଇ ବଳିଷ୍ଠ ଯୁକ୍ତି ଉପସ୍ଥାପନ କରାଯିବ। ଏଥିସହ ପାଇକବିଦ୍ରୋହର ୨୦୦ ବର୍ଷ ପୂର୍ତ୍ତି ଉପଲକ୍ଷେ ସ୍ୱତନ୍ତ୍ର ଡାକଟିକଟର ପ୍ରଚଳନ କରାଯିବ।

# ନିୟମିତ ହେବେ ୭୪୨ ଶିକ୍ଷକ, ଶିକ୍ଷୟିତ୍ରୀ

**ଭୁବନେଶ୍ୱର :** ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଖୁବ୍‌ଶୀଘ୍ର ସରକାରୀକରଣ ଉଚ୍ଚବିଦ୍ୟାଳୟର ୭୪୨ଜଣ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ନିୟମିତ କରାଯିବ। ଏନେଇ ବିଭାଗ ପକ୍ଷରୁ ସରକାରଙ୍କ ଅନୁମୋଦନ ନିମନ୍ତେ ପଠାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ ଲାଭପରେ ଦୀର୍ଘ ୨୬ବର୍ଷ ଧରି ନିୟମିତ ଅପେକ୍ଷାରେ ଥିବା ଶିକ୍ଷକଶିକ୍ଷୟିତ୍ରୀଙ୍କୁ ନିୟମିତ କରାଯିବ ବୋଲି ଜଣାଯାଇଛି। ସୂଚନା ଅନୁଯାୟୀ ୧୯୯୧ରୁ ୧୯୯୫ ମସିହା ମଧ୍ୟରେ ପ୍ରାୟ ୩୦୦ ଅନୁଦାନପ୍ରାପ୍ତ ଉଚ୍ଚ ବିଦ୍ୟାଳୟଗୁଡିକ ପରବର୍ତ୍ତୀ ସମୟରେ ସରକାରୀକରଣ ଲାଭ କରିଥିଲା। ମାତ୍ର ଉକ୍ତ ବିଦ୍ୟାଳୟରେ କାର୍ଯ୍ୟରତ ମାଟ୍ରିକ ଓ ଆଇଏ ପାସ୍ କରିଥିବା ଶିକ୍ଷକ ଶିକ୍ଷୟିତ୍ରୀ ପ୍ରଶିକ୍ଷଣ ପାଇ ପାହ୍ୟା ଲାଭ କରିଥିଲେ ହେଁ ନିୟମିତ ହୋଇ ନଥିଲେ। ସରକାରୀ ବିଧିବ୍ୟବସ୍ଥା ଅନୁଯାୟୀ ଶିକ୍ଷକମାନେ ଦୀର୍ଘବର୍ଷ ଧରି ନିୟମିତ ହେବାରେ ଅନ୍ତରାୟ ଉପୁଜୁଥିଲା। ଏହାକୁ ନେଇ ବହୁ ଶିକ୍ଷକ ବିଭିନ୍ନ ଅଦାଲତରେ ମାମଲା ରୁଜୁ କରିଥିଲେ। ଶିକ୍ଷକଙ୍କ ଅଭିଯୋଗ ଓ ଅଦାଲତର ନିର୍ଦ୍ଦେଶକୁ ପାଳନ କରିବାକୁ ଯାଇ ବିଭାଗ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଥିବା ଜଣାଯାଇଛି।

# ଭୁବନେଶ୍ୱରରେ ଖୁବ୍‌ଶୀଘ୍ର 'ହଜ୍ ହାଉସ୍'

**ଭୁବନେଶ୍ୱର :** ହଜ୍ ଯାତ୍ରୀଙ୍କ ସୁବିଧା ପାଇଁ ଭୁବନେଶ୍ୱରରେ ଖୁବ୍‌ଶୀଘ୍ର ହଜ୍ ହାଉସ ନିର୍ମାଣ କରାଯିବ। ଏଥିପାଇଁ ଜମି ଚିହ୍ନଟ ହୋଇ ସାରିଛି। ଯଥାଶୀଘ୍ର ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ଜୟଦେବ ଭବନରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ହଜ୍ ଯାତ୍ରାରେ ଯାଉଥିବା ହାଜୀମାନଙ୍କୁ ସମ୍ବର୍ଦ୍ଧିତ କରିବା ଅବସରରେ ସେ ଏହା କହିଛନ୍ତି। ସେ ହଜ୍ ଯାତ୍ରୀମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କ ଯାତ୍ରା ସୁଖମୟ ଓ ନିରାପଦ ହେଉ ବୋଲି କାମନା କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ, ସଂଖ୍ୟାଲଘୁ ବର୍ଗର ଲୋକଙ୍କ କଲ୍ୟାଣ ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ। କଲକାତାର ଏମ୍ବାରକେସନ ପଏଣ୍ଟରେ ଯାତ୍ରୀମାନଙ୍କ ପାଇଁ ସମସ୍ତ ସୁବିଧା କରାଯାଉଛି। ଭୁବନେଶ୍ୱର ବିମାନବନ୍ଦରରେ ଏକ ଏମ୍ବାରକେସନ ପଏଣ୍ଟ ପାଇଁ




ଉଦ୍ୟମ ଜାରି ରହିଥିବା ସେ ପ୍ରକାଶ କରିଥିଲେ। ସଂଖ୍ୟାଲଘୁ ବର୍ଗର ପିଲାଙ୍କ ଶିକ୍ଷାନୁଷ୍ଠାନର ବିକାଶ ପାଇଁ ରାଜ୍ୟ ସରକାର ଏକକାଳୀନ ୫ କୋଟି ଟଙ୍କା ପ୍ରଦାନ କରିଛନ୍ତି। ଆଗାମୀ ୩ବର୍ଷରେ ମୁସଲିମ ଭାଇଭଉଣୀଙ୍କ ସୁବିଧା ପାଇଁ ୧୦୦ଟି ବହୁମୁଖୀ ଗୋଷ୍ଠୀକେନ୍ଦ୍ର ନିର୍ମାଣ କରାଯିବ। ଏହି ଗୋଷ୍ଠୀକେନ୍ଦ୍ର ଗୁଡ଼ିକ ରାଜ୍ୟର ସାଂସ୍କୃତିକ ବିକାଶ ଓ ସାଂପ୍ରଦାୟିକ ସଦ୍‌ଭାବ ପାଇଁ କାମ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଅନୁସୂଚିତ ଜନଜାତି ଓ ଜାତି ବିକାଶ ବିଭାଗ, ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ ବିଭାଗ ମନ୍ତ୍ରୀ ରମେଶଚନ୍ଦ୍ର ମାଝି, କଣ୍ଟାବାଞ୍ଜି ବିଧାୟକ ଆୟୁବ ଖାଁ, ବାରବାଟୀ-କଟକ ବିଧାୟକ ଦେବାଶିଷ ସାମନ୍ତରାୟ, ଚଳଚ୍ଚିତ୍ର ବିକାଶ ନିଗମ ଅଧ୍ୟକ୍ଷ ମୁନ୍ନା ଖାଁ, ବିଭାଗୀୟ ସଚିବ ସୁରେନ୍ଦ୍ର କୁମାର, ରାଜ୍ୟ ହଜ୍ କମିଟି କାର୍ଯ୍ୟନିର୍ବାହୀ ଅଧିକାରୀ ସୟଦ ମହମ୍ମଦ ଅକ୍‌ଦାସ ପ୍ରମୁଖ ଯୋଗ ଦେଇଥିଲେ। ମୌଲାନା ସାଜିଦ ଓ ହାପିଜ କମରୁଲ ଇସଲାମ ପବିତ୍ର କୋରାନର ବାଣୀ ପାଠ କରିଥିଲେ।

# ଓଡ଼ିଶାର ଭିତ୍ତିଭୂମି ବିକାଶରେ ନାବାର୍ଡର ଭୂମିକା ପ୍ରଶଂସନୀୟ : ଅର୍ଥମନ୍ତ୍ରୀ

**ଭୁବନେଶ୍ୱର :** ୨୦୧୭-୧୮ ଆର୍ଥିକବର୍ଷରେ ରାଜ୍ୟର କୃଷି ଓ ଗ୍ରାମ୍ୟ ଉନ୍ନୟନ କ୍ଷେତ୍ରରେ ନାବାର୍ଡ ପ୍ରାୟ ୬୬,୫୦୦ କୋଟି ଟଙ୍କା ବ୍ୟୟ କରିବ। ଗତ ଆର୍ଥିକ ବର୍ଷରେ ନାବାର୍ଡ ୧୪,୭୧୫ କୋଟି ଟଙ୍କା ବିଭିନ୍ନ କାର୍ଯ୍ୟ ପାଇଁ ପ୍ରଦାନ କରିଥିବା ବେଳେ ଚଳିତବର୍ଷ ଏହା ବୃଦ୍ଧି ପାଇବ ବୋଲି ଆକଳନ କରାଯାଇଛି। ନାବାର୍ଡର ୩୬ତମ ପ୍ରତିଷ୍ଠା ଦିବସ ଅବସରରେ ଏହି ସୂଚନା ଦିଆଯାଇଛି। ଏ ନେଇ ଆୟୋଜିତ କାର୍ଯ୍ୟକ୍ରମରେ ଅର୍ଥ ଓ ଅବକାରୀ ମନ୍ତ୍ରୀ ଶଶିଭୂଷଣ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ରାଜ୍ୟର ଭିତ୍ତିଭୂମିର ବିକାଶରେ ନାବାର୍ଡର ଭୂମିକା ପ୍ରଶଂସନୀୟ ବୋଲି ଉଲ୍ଲେଖ କରିଥିଲେ। ସେ କହିଥିଲେ ଯେ ଆରଆଇଡିଏଫ୍ ଯୋଜନାରେ ନାବାର୍ଡର ରାଜ୍ୟକୁ ୧୨,୩୨୫ କୋଟି ଟଙ୍କାର ସହାୟତା ଦେଇ ପ୍ରାୟ ୨ ଲକ୍ଷ ପ୍ରକଳ୍ପକୁ ସମ୍ପୂର୍ଣ୍ଣ କରିବାରେ ସହାୟତା କରିଛି। ସେହିପରି ସଂରକ୍ଷଣ ବ୍ୟବସ୍ଥା ନିମନ୍ତେ ୧.୯୪ ଲକ୍ଷ ମେଟ୍ରିକ୍‌ଟନ୍ କ୍ଷମତା ବିଶିଷ୍ଟ ୩୯୮ଟି ପ୍ରାଥମିକ କୃଷି ସମବାୟ ସମିତିରେ ଗୋଦାମ ନିର୍ମାଣ ପାଇଁ ସହାୟତା ଦେଇଛି। ଗତ ଆର୍ଥିକ ବର୍ଷରେ ଜଗତସିଂହପୁର ଜିଲ୍ଲା ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକର ଡିଜିଟାଇଜେସନରେ ନାବାର୍ଡ ସହାୟତା ଦେଇଛି।

ସେ କହିଥିଲେ ଯେ ରାଜ୍ୟର ୧୯ଟି ଜିଲ୍ଲାରେ ନାବାର୍ଡ ୱାଡି ପ୍ରକଳ୍ପ କାର୍ଯ୍ୟକାରୀ କରିବା ସହିତ ୧୭୧ କୋଟି ଟଙ୍କା ବ୍ୟୟ କରି ଜନଜାତିଙ୍କ କଲ୍ୟାଣରେ ବିଶେଷ ସହାୟକ ହୋଇଛି। ଏହାଫଳରେ ୩୭ ହଜାର ଏକର ଜମିରେ ଉଦ୍ୟାନ ଚାଷ ହେବା ସହିତ ପ୍ରାୟ ୪୪୫୦୦ ଆଦିବାସୀ ପରିବାର ଉପକୃତ ହୋଇଛନ୍ତି। ସେହିପରି ରାଜ୍ୟରେ ୧୦୪ଟି ଜଳବିଭାଜିକା ପ୍ରକଳ୍ପ କାର୍ଯ୍ୟକାରୀ କରିବାରେ ୫୭ କୋଟି ଟଙ୍କା ଖର୍ଚ୍ଚ କରି ନାବାର୍ଡ ପ୍ରାୟ ୨୩ ହଜାର ପରିବାରଙ୍କୁ ଉପକୃତ କରିଛି। କାର୍ଯ୍ୟକ୍ରମରେ ନାବାର୍ଡ ପକ୍ଷରୁ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ଓ ସ୍ୱୟଂସହାୟକ ଗୋଷ୍ଠୀଙ୍କୁ ସେମାନଙ୍କ ଉଲ୍ଲେଖନୀୟ ସଫଳତା ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ନାବାର୍ଡର ବାର୍ଷିକ ରିପୋର୍ଟକୁ ମନ୍ତ୍ରୀ ଶ୍ରୀ ବେହେରା ଉନ୍ମୋଚନ କରିଥିଲେ। ନାବାର୍ଡର ମୁଖ୍ୟ ପ୍ରବନ୍ଧକ ଡକ୍ଟର କେ.ସି. ପାଣିଗ୍ରାହୀ, ରିଜର୍ଭ ବ୍ୟାଙ୍କର ପ୍ରବନ୍ଧକ ପି.କେ. ଦାସ, ଷ୍ଟେଟ୍‌ବ୍ୟାଙ୍କର ମୁଖ୍ୟ ପ୍ରବନ୍ଧକ ବିଭିଜି ରେଡ୍ଡୀ, ୟୁକୋ ବ୍ୟାଙ୍କର ପ୍ରବନ୍ଧକ ତଥା ଏସ୍‌ଏଲ୍‌ବିସିର ଆବାହକ ଅନିଲ କୁମାରଙ୍କ ସମେତ ବହୁ ଅଧିକାରୀ ଯୋଗ ଦେଇଥିଲେ। ଶେଷରେ ନାବାର୍ଡର ସାଧାରଣ ପରିଚାଳକ ଏମ୍. ସୋରେନ ଧନ୍ୟବାଦ ଦେଇଥିଲେ।

# ଜଳିଗଲା ଜଗମୋହନ ଚାନ୍ଦୁଆ

**ପୁରୀ :** ଶ୍ରୀମନ୍ଦିର ଜଗମୋହନରେ ଘଟିଛି ଅଭାବନୀୟ ଘଟଣା। ଜଗମୋହନ ଛାତ ସୁରକ୍ଷା ପାଇଁ କରାଯାଉଥିବା ଷ୍ଟିଲ ୱେଲ୍ଡିଂରୁ ନିଆଁ ପଡି ଜଗମୋହନ ଚାନ୍ଦୁଆ ଜଳିଯାଇଛି। ଚାନ୍ଦୁଆ ଜଳୁଥିବା ଦେଖି ସେବକମାନେ ହୋ ହଲ୍ଲା କରିଥିଲେ। କିଛି ସେବକ ଭୟରେ ବାହାରକୁ ପଳାଇ ଆସିଥିଲେ। ପରେ ନିଆଁକୁ ଲିଭାଯାଇଥିଲା ଓ ଚାନ୍ଦୁଆ କାଢ଼ି ନିଆଯାଇଥିଲା। ରଥଯାତ୍ରା ବେଳେ ମହାଲକ୍ଷ୍ମୀଙ୍କ ବିଜେ ନୀତି ପାଇଁ ଜଗମୋହନରେ ଲାଗିଥିଲା ଚାନ୍ଦୁଆ। ରଥଯାତ୍ରା ପରେ ମଧ୍ୟ ଏହି ଚାନ୍ଦୁଆ ରହିଥିଲା। ପ୍ରଶାସନର ନିର୍ଦ୍ଦେଶ ଅନୁଯାୟୀ ଶୁକ୍ରବାର ଅପରାହ୍ନ ୨ଟାରୁ ଜଗମୋହନ ମରାମତି କାମ ଆରମ୍ଭ କରାଯାଇଥିଲା। ଜଗମୋହନ ସୁରକ୍ଷା ପାଇଁ ଦିଆଯାଇଥିବା ଷ୍ଟିଲ ଫ୍ରେମ୍‌ରେ ୱେଲ୍ଡିଂ କରାଯାଉଥିଲା। ଏହି ୱେଲ୍ଡିଂ ସମୟରେ ହଠାତ୍ ନିଆଁ ଚାନ୍ଦୁଆ ଉପରେ ପଡିଥିଲା। କାମ କରୁଥିବା ଶ୍ରମିକ ଓ କର୍ମଚାରୀ ମାନଙ୍କର ଏଥିପ୍ରତି ନଜର ନଥିଲା। ଫଳରେ ୱେଲ୍ଡିଂ ନିଆଁ ପଡି ଜଗମୋହନ ଚାନ୍ଦୁଆ ଜଳିଥିଲା।

# କନକଙ୍କ ଘରେ ବିଜେପି ବିଧାୟକଙ୍କ ସହ କୋବିନ୍ଦ



**ଭୁବନେଶ୍ୱର :** ବିଧାନସଭାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ବିଜେଡ଼ି ବିଧାୟକ, ସାଂସଦଙ୍କୁ ଭେଟିବା ପରେ ବିଜେପି ବିଧାୟକ ଦଳ ନେତା କନକ ବର୍ଦ୍ଧନ ସିଂହଦେଓଙ୍କ ବାସଭବନରେ ଦଳର ବିଧାୟକମାନଙ୍କୁ ଭେଟିଛନ୍ତି ରାଷ୍ଟ୍ରପତି ପ୍ରାର୍ଥୀ ରାମନାଥ କୋବିନ୍ଦ। ଦଳର ବିଧାୟକ ଓ ସାଂସଦମାନେ ତାଙ୍କୁ ସମର୍ଥନ ଦେଇଥିବା ଯୋଗୁଁ ଶ୍ରୀ କୋବିନ୍ଦ ଧନ୍ୟବାଦ ଦେବା ସହ ଭାରତର ଐକ୍ୟ, ଅଖଣ୍ଡତା ଓ ସମ୍ମାନ ରକ୍ଷା ପ୍ରତ୍ୟେକ ଭାରତୀୟଙ୍କ କର୍ତ୍ତବ୍ୟ ଏବଂ ଏଥିପାଇଁ କାର୍ଯ୍ୟ କରିବାକୁ ସେ ପରାମର୍ଶ ଦେଇଛନ୍ତି। ରାଷ୍ଟ୍ରପତି ପଦ ଏକ ଗୁରୁ ଦାୟିତ୍ୱ ଏବଂ ଏଥିପାଇଁ ତାଙ୍କ ଉପରେ ବିଜେପି ବିଶ୍ୱାସ ସ୍ଥାପନ କରିଥିବାରୁ ସେ ଆନ୍ତରିକ କୃତଜ୍ଞତା ଜ୍ଞାପନ କରିଥିଲେ। ଶ୍ରୀ କୋବିନ୍ଦଙ୍କ ସମ୍ପର୍କରେ କେନ୍ଦ୍ରମନ୍ତ୍ରୀ ଜେ.ପି.ନଡ୍ଡା ବିଧାୟକମାନଙ୍କୁ ଅବଗତ କରିବା ସହ ତାଙ୍କର ରାଜନୈତିକ ଜୀବନ, ପେସା ଓ ବିଭିନ୍ନ କାର୍ଯ୍ୟ ସମ୍ପର୍କରେ ସୂଚନାଦେଇଥିଲେ। ରାଷ୍ଟ୍ରୀୟ ସାଧାରଣ ସମ୍ପାଦିକା ସୁଶ୍ରୀ ସରୋଜା ପାଣ୍ଡେ ରାଷ୍ଟ୍ରପତି ନିର୍ବାଚନ ପ୍ରକ୍ରିୟା ସମ୍ପର୍କରେ ଅବଗତ କରିଥିଲେ। ରାଜ୍ୟ ସଭାପତି ବସନ୍ତ ପଣ୍ଡା, ବିଧାୟକ ଦଳ ନେତା କନକ ବର୍ଦ୍ଧନ ସିଂହଦେଓ, କେନ୍ଦ୍ରମନ୍ତ୍ରୀ ଜୁଏଲ୍ ଓରାମ, ବିଧାୟକ ଦିଲୀପ ରାୟ ପ୍ରମୁଖ ଯୋଗ ଦେଇଥିଲେ।

# ଦ୍ୱିତୀୟ ଥର ପାଇଁ ମୀରାଙ୍କ ଗସ୍ତ ବାତିଲ

ଭୁବନେଶ୍ୱର : ୟୁପିଏର ରାଷ୍ଟ୍ରପତି ପ୍ରାର୍ଥିନୀ ମୀରା କୁମାର ଆସିଲେନି ଓଡ଼ିଶା। ଦ୍ୱିତୀୟଥର ପାଇଁ ତାଙ୍କର ଓଡ଼ିଶା ଗସ୍ତ କାର୍ଯ୍ୟକ୍ରମ ବାତିଲ ହୋଇଯାଇଛି। ମୀରାଙ୍କ ଓଡ଼ିଶା ଗସ୍ତ ବାତିଲକୁ ନେଇ ରାଜ୍ୟ କଂଗ୍ରେସ ରାଜନୀତି ପୁଣି ଥରେ ସରଗରମ ହୋଇଯାଇଛି। ଦଳରେ ଥିବା ବିବାଦ ଯୋଗୁ ମୀରା ଆସିନଥିବା ଚର୍ଚ୍ଚା ହେଉଛି। ରାଷ୍ଟ୍ରପତି ନିର୍ବାଚନ ପାଇଁ ଉଭୟ ଏନ୍‌ଡିଏ ଏବଂ ୟୁପିଏ ମଧ୍ୟରେ ଚାଲିଛି ଟକ୍କର। ବିଭିନ୍ନ ରାଜ୍ୟ ବୁଲି ରାଷ୍ଟ୍ରପତି ପ୍ରାର୍ଥୀ ତାଙ୍କର ପ୍ରଚାର କରୁଛନ୍ତି। ୟୁପିଏର ପ୍ରାର୍ଥୀ ହୋଇଥିବା ମୀରା କୁମାର ଓଡ଼ିଶା ଆସିବାର ଥିଲା। ଏନେଇ ୟୁପିଏ ପକ୍ଷରୁ ଘୋଷଣା କରାଯାଇଥିଲଶ। ମୀରା ଓଡ଼ିଶା ଆସି କଂଗ୍ରେସ ବିଧାୟକମାନଙ୍କୁ ସମ୍ବୋଧିତ କରିଥାନ୍ତେ। ରାଷ୍ଟ୍ରପତି ନିର୍ବାଚନ ପୂର୍ବରୁ ଭୋଟ ଦେବାକୁ କହିଥାନ୍ତେ। ମାତ୍ର ଶେଷ ମୁହୂର୍ତ୍ତରେ ମୀରାଙ୍କ ଓଡ଼ିଶା ଗସ୍ତ ବାତିଲ ହୋଇଗଲା। ଏବେ ମୀରାଙ୍କ ଓଡ଼ିଶା ଗସ୍ତ ବାତିଲ ନେଇ ଦଳ ଭିତରେ ଚାଲିଛି ନାନା ଚର୍ଚ୍ଚା। ଓଡ଼ିଶା ରାଜ୍ୟ ସଂଗଠନ ଏବେ ଦୁଇଭାଗ ହୋଇଯାଇଛି। ପିସିସି ସଭାପତି ଓ ବିଧାୟକ ଦଳର ମୁହଁ ବିପରୀତ ଦିଗକୁ ରହିଛି। ଏପରିକି ଉଭୟ ଏକତ୍ର ହେବା ସ୍ଥିତିରେ ନାହାଁନ୍ତି। କେବଳ ସେତିକି ନୁହେଁ, ଦଳୀୟ ପ୍ରଭାରୀ ହରିଙ୍କୁ ବି ଅନେକ ବିଧାୟକ ବିରୋଧ କରୁଛନ୍ତି। ମୀରା ବିଧାୟକମାନଙ୍କୁ ସମ୍ବୋଧିତ କରିବାର କାର୍ଯ୍ୟକ୍ରମ ଥିଲା। ଏହି ବିବାଦୀୟ ସ୍ଥିତିରେ ମୀରାଙ୍କ ଗସ୍ତ ଅଧିକ ଗମ୍ଭୀର ହୋଇପାରେ ବୋଲି କେନ୍ଦ୍ରୀୟ ନେତୃତ୍ୱ ଆଶଙ୍କା କରି ତାଙ୍କ ଗସ୍ତକୁ ବାତିଲ କରିଦେଇଥିବା କୁହାଯାଉଛି।

# ଅବକାରୀ ବିଭାଗର ଅବହେଳା !

### ବଢୁଛି ନକଲି ବିଦେଶୀ ମଦ ବେପାର

**ଜଗତସିଂହପୁର :** ଦୀର୍ଘ ୨୫ ବର୍ଷ ଧରି ସମଗ୍ର ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲ ଥାନା ଅଧିନ କଟକ-ପାରାଦୀପ ରାସ୍ତାର ଜଇପୁର ଛକରେ ଜନୈକ ବ୍ୟକ୍ତି ଚୋରା ଓ ନକଲି ବିଦେଶୀ ମଦ ବିକ୍ରି କରି ମଦ ସମ୍ରାଟ ପାଲଟି ଯାଇଛନ୍ତି। ସରକାରଙ୍କ ନୀତି ନିୟମକୁ ଖୋଲା ଉଲ୍ଲଙ୍ଘନ କରି ଏହି ବ୍ୟକ୍ତି ଜଣକ ଏଠାରେ ମଦ କାରବାର କରିବା ସହିତ ଚୋରା ମଦ ବିକ୍ରିକୁ ପ୍ରୋତ୍ସାହନ ଯୋଗାଉଛନ୍ତି।

ଶୁଣାଯାଏ ଏହି ବ୍ୟକ୍ତି ଚୋରା ମଦ କାରବାର କରି ସରକାରଙ୍କ ରାଜସ୍ୱହାନୀ କରିବା ସହିତ ନିଜର ବିଶାଳ ସାମ୍ରାଜ୍ୟ ତିଆରି କରିଛନ୍ତି। ଫଳରେ ରାଜଧାନୀଠାରୁ ଆରମ୍ଭ କରି ଜଇପୁର ଛକ ପର୍ଯ୍ୟନ୍ତ ସବୁଠି ଅଟ୍ଟାଳିକା ନିର୍ମାଣ କରିବା ସହିତ ରାଜକୀୟ ଜୀବନଯାପନ କରୁଛନ୍ତି। ଏକ ନିର୍ଦ୍ଦିଷ୍ଟ ଦଳର ନେତାମାନଙ୍କୁ ସନ୍ତୁଷ୍ଟ କରି ଏଭଳି ବେପାର ଚଳାଇଥିବା ସାଧାରଣରେ ଆଲୋଚନା ହୁଏ। ହେଲେ ଅବକାରୀ ବିଭାଗ କିମ୍ବା ସ୍ଥାନୀୟ ପୋଲିସ ଏଥିପ୍ରତି ଦୃଷ୍ଟି ନ ଦେବାରୁ ଏହି ଅଞ୍ଚଳରେ ଜନଅସନ୍ତୋଷ ବ୍ୟାପୁଛି। ସ୍ଥାନୀୟ ଲୋକେ ଏହାର ତଦନ୍ତ ଦାବି କରିଛନ୍ତି।

# ପ୍ରଶାସନିକ ଉଦାସୀନତା : ଗାଁକୁ ନାହିଁ ରାସ୍ତା






**ଡାବୁଗାଁ :** ସରକାର ସବୁ ଗାଁକୁ ରାସ୍ତା ତିଆରି ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ଡାବୁଗାଁ ବ୍ଲକ୍ ଅଧୀନରେ ଥିବା ପଞ୍ଚାୟତଗୁଡ଼ିକୁ ଏଯାଏଁ ରାସ୍ତା ତିଆରି ନ ହେବା ଦୁର୍ଭାଗ୍ୟର ବିଷୟ। ଗମନାଗମନ କ୍ଷେତ୍ରରେ ଏହି ଆଦିବାସୀବହୁଳ ଅଞ୍ଚଳ ସମ୍ପୂର୍ଣ୍ଣ ପଛୁଆ ରହିଛି। ଦୁର୍ଗମ ଅଞ୍ଚଳକୁ ଯିବା ଏକବାର ମୁସ୍କିଲ। ରୋଗୀ ହସ୍ପିଟାଲକୁ ଯିବା ହେଉ କି ପିଲାମାନେ ପାଠ ପଢ଼ିବାକୁ ଯିବା ସବୁଥିରେ ରାସ୍ତା ପାଇଁ ଅକଥନୀୟ ଦୁର୍ଦ୍ଦଶାର ସମ୍ମୁଖୀନ ହେବାକୁ ପଡୁଛି। ଜୁନାପାଣି ପଞ୍ଚାୟତର ରାବଣାଗୁଡ଼ାଠାରୁ ଝରିଗାଁ ବ୍ଲକ୍ ଟୁଟିଗୁଡ଼ା ଗ୍ରାମକୁ ସଂଯୋଗ କରୁଥିବା ମାଟିରାସ୍ତା ଦେଇ ଦୈନିକ ଅନ୍ୟୁନ ୫ ହଜାର ଲୋକ ଯା'ଆସ କରନ୍ତି। କିନ୍ତୁ ଏହି ରାସ୍ତା ମଝିରେ ନାଳ ଥିବାରୁ ଆସରାଏ ବର୍ଷାରେ ରାସ୍ତାରୁ ମାଟି ଧୋଇହୋଇଯାଏ। ଫଳରେ ବର୍ଷାଋତୁ ପରେ ପରେ ପ୍ରତିଥର ଗାଁର କିଛି ଯୁବକ ଏହି ରାସ୍ତାକୁ ନିର୍ମାଣ କରି ବ୍ୟବହାର ଉପଯୋଗୀ କରନ୍ତି।

ସୂଚନାଯୋଗ୍ୟ ଯେ ଏହି ବ୍ଲକ୍‌ରେ ଥବବା ସବୁ ପଞ୍ଚାୟତକୁ ଭଲ ରାସ୍ତା ନିର୍ମାଣ ପାଇଁ ଅଞ୍ଚଳବାସୀ ରାଜ୍ୟ ସରକାର ଓ ଆଦିବାସୀକଲ୍ୟାଣ ମନ୍ତ୍ରୀ ରମେଶ ଚନ୍ଦ୍ର ମାଝିଙ୍କୁ ବାରମ୍ବାର ଜଣାଇଛନ୍ତି। ହେଲେ ଏଯାଏଁ କୌଣସି ପ୍ରତିକାର ହୋଇପାରି ନାହିଁ। ପଳରେ ଏହି ରାସ୍ତା ଉପରେ ନିର୍ଭର କରୁଥିବା ପଞ୍ଚାୟତବାସୀ, ବ୍ୟବସାୟୀମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଜଗଦଲପୁର ଓ ସିଂସାରୀ ଯିବାକୁ ହେଲେ ଏହି ରାସ୍ତା ମୁଖ୍ୟ ମାଧ୍ୟମ। ହେଲେ ବର୍ଷାଦିନ ପାଇଁ ମଙ୍ଗରଚଚରା, ଟୁଟିଗୁଡ଼ା, ସାପଧରଗୁଡ଼ା ଏବଂ ରାବଣାଗୁଡ଼ା ଗାଁର ଲୋକେ ବହୁ ହଇରାଣ ହେଉଛନ୍ତି। ଆଗାମୀ ଦିନରେ ଏ ସମସ୍ତ ପଞ୍ଚାୟତରେ ଉପଯୁକ୍ତ ରାସ୍ତା ନିର୍ମାଣ ସହ ପୋଲ ତିଆରି ନ ହେଲେ ସ୍ଥାନୀୟବାସିନ୍ଦା ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ସନପତ ଭତ୍ରା, ଚଇତୁ ପନ୍‌କା, ନୀଳଧର ମାଝୀ, ବନୁ ଶବର, ସୁକମନ ଭତ୍ରା ପ୍ରମୁଖ ଚେତାବନୀ ଦେଇଛନ୍ତି।

# କୌଶଳବିକାଶ ଉପରେ ଗୁରୁତ୍ୱାରୋପ




**ଭୁବନେଶ୍ୱର :** ସ୍ଥାନୀୟ ମଞ୍ଚେଶ୍ୱରସ୍ଥିତ ଉତ୍କଳ ବିପନ୍ନ ସହାୟତା ସମିତିର ସମ୍ମିଳନୀ କକ୍ଷରେ 'କୌଶଳ ବିକାଶ ମେଳା' ଅନୁଷ୍ଠିତ ହୋଇଯାଇଛି। ସମିତିର ସଭାପତି ତଥା ବିଶିଷ୍ଟ ସମାଜସେବୀ ଇଂ. ଅଭୟ ସାମନ୍ତରାୟଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମରେ କୌଶଳ ବିକାଶର ବିଭିନ୍ନ ଦିଗ ଉପରେ ଆଲୋଚନା ହୋଇଥିଲା। ଏଥିରେ ଭୁବନେଶ୍ୱର ସିବିଆଇ ଓ ଭିଜିଲାନ୍ସ ବିଭାଗର ମୁଖ୍ୟ ବିଚାରପତି ମାନ୍ୟବର ପ୍ରଶାନ୍ତ କୁମାର ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରଧାନମନ୍ତ୍ରୀ କୌଶଳ ବିକାଶ ଯୋଜନାର ସଫଳ ରୂପାୟନ ସମ୍ପର୍କରେ ବକ୍ତବ୍ୟ ରଖିବା ସହ ଏହାକୁ ବ୍ୟାପକ କରିବା ପାଇଁ ପରାମର୍ଶ ଦେଇଥିଲେ। ପ୍ରାରମ୍ଭରେ ଇଂ. ସାମନ୍ତରାୟ ବିଭିନ୍ନ କୌଶଳ ବିକାଶ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିବା ସହ ମତ ବିନିମୟ କାର୍ଯ୍ୟକ୍ରମ ଉପରେ ପ୍ରାଧାନ୍ୟ ଦେଇଥିଲେ। ଭୁବନେଶ୍ୱର ବାର୍‌ର ପୂର୍ବତନ ସଭାପତି ତଥା ବରିଷ୍ଠ ଆଇନଜୀବୀ ମଧୁମାଧବ ଜେନା, ଓଡ଼ିଶା ଉଚ୍ଚ ନ୍ୟାୟାଳୟର ବରିଷ୍ଠ ଆଇନଜୀବୀ ପ୍ରଦୀପ କୁମାର ଭୂୟାଁ ଏବଂ ଆଇନଜୀବୀ ବିଜୟ କୁମାର ପାତ୍ର ସମ୍ମାନୀତ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମ ସମ୍ପର୍କରେ ସୁଚିନ୍ତିତ ବକ୍ତବ୍ୟ ପ୍ରଦାନ କରିଥିଲେ। କୌଶଳ କେନ୍ଦ୍ରର ପ୍ରକଳ୍ପମୁଖ୍ୟ ବିଜୟ କୁମାର ଜେନାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମକୁ ଆଗେଇ ନେଇଥିଲେ ମୁଖ୍ୟ ସଂଯୋଜକ ଶଶାଙ୍କ ଦାସ ଓ ସହ ସଂଯୋଜକ ସତ୍ୟସୁନ୍ଦର ଦାସ। ପ୍ରଶିକ୍ଷିକା ସୁଷମା ନନ୍ଦ କାର୍ଯ୍ୟକ୍ରମ ସଂଚାଳନ କରିଥିବା ବେଳେ କାର୍ଯ୍ୟାଳୟ ପ୍ରମୁଖ ଅଜୟ କୁମାର ଦାସ ଏଥିରେ ସକ୍ରିୟ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶତାଧିକ ପ୍ରଶିକ୍ଷାର୍ଥୀ ଓ ଯୁବକଯୁବତୀ ଯୋଗଦେଇଥିଲେ।

# ରହସ୍ୟମୟ ଓଁ ପର୍ବତ



ପ୍ରକୃତିର ବିଭିନ୍ନ ଉପାଦାନରେ ଭରି ରହିଛି ରହସ୍ୟମୟ ସତ୍ତା। ବିଜ୍ଞାନୀ ମଣିଷ ଖୋଜିବାରେ ଲାଗିଛି ରହସ୍ୟର ଖିଅ। ନଦୀ, ଝରଣା, ପର୍ବତ, ଜୀବଜଗତ ଏପରିକି ସୌରଜଗତରେ ପୂରି ରହିଛି ଅନେକ ରହସ୍ୟ। ଜିଜ୍ଞାସୁ ମାନବ ଦିନକୁ ଦିନ ଅନେକ ନୂଆ ନୂଆ ତଥ୍ୟ ଖୋଜିବାରେ ଲାଗିପଡ଼ିଛି, ଆଉ ହାସଲ କରିଛି ମଧ୍ୟ। ହେଲେ ଏବେ ବି ଅନେକ ସ୍ଥାନରେ ପ୍ରକୃତି ଭିତରେ ଲୁଚି ରହିଛି ଏଭଳି ରହସ୍ୟ, ଯାହାକୁ ଭେଦ କରିପାରିନି ମଣିଷ। ଏମିତି ଏକ ରହସ୍ୟମୟ ସ୍ଥାନ ହେଉଛି ଓମ୍ ପର୍ବତ। ଯାହା ରହିଛି ଉତ୍ତରାଖଣ୍ଡ ରାଜ୍ୟର ପିଥୋରାଗଡ଼ ଜିଲ୍ଲାରେ। ଏମିତି ତ ଉତ୍ତରାଖଣ୍ଡ ରାଜ୍ୟକୁ ଦେବଭୂମି ବୋଲି କୁହାଯାଏ। ଆଉ ଏହି ରାଜ୍ୟର ଅନେକ ସ୍ଥାନରେ ରହିଛି ପ୍ରସିଦ୍ଧ ଦେବପୀଠମାନ। ଆଉ ମଣିଷର ବିଶ୍ୱାସ ରହିଛି ଯେଉଁଠି ଦେବାଦେବୀ, ସେଠାରେ ନିହାତି ରହିବ ରହସ୍ୟ। ଉତ୍ତରାଖଣ୍ଡ ରାଜ୍ୟର ପିଥାରୋଗଡ଼ ଦେଇ ଭକ୍ତ, ଶ୍ରଦ୍ଧାଳୁ ଓ ପର୍ଯ୍ୟଟକମାନେ କୈଳାସ ମାନସରୋବର ଓ ଆଦି କୈଳାସ ଦର୍ଶନ କରିବା ପାଇଁ ଯାଇଥାନ୍ତି। ଏହା ଏକ ପାହାଡ଼ିଆ ଦୁର୍ଗମ ଅଞ୍ଚଳ। ଯାତ୍ରୀମାନଙ୍କୁ ଅନେକ ପଥ ପାଦରେ ଚାଲିଚାଲି ଯିବାକୁ ପଡ଼ିଥାଏ। ଆଉ ସେମାନଙ୍କ ଯିବା ରାସ୍ତାରେ ପଡ଼େ ଓମ୍ ପର୍ବତ। ଯେଉଁ ସ୍ଥାନରେ ଏହି ପର୍ବତକୁ ଯାତ୍ରୀମାନେ ଦର୍ଶନ କରିଥାନ୍ତି, ସେହି ସ୍ଥାନର ନାଁ ହେଉଛି ନାଭିଡାଙ୍ଗ। ଏଠାରେ ପହଞ୍ଚିଲେ ଆପଣ ଭାରତ ଓ ନେପାଳ ସୀମାରେ ଏକ ପର୍ବତ ଦେଖିବାକୁ ପାଇବେ, ଯେଉଁ ପର୍ବତରେ ବରଫରେ ଲେଖାହୋଇଥାଏ ପବିତ୍ର ଓଁ ଶବ୍ଦ। ସତରେ, କେତେ ରହସ୍ୟମୟ ଏ ପର୍ବତ ! ଏତେ ଉଚ୍ଚତାରେ କିଏ ଏହି ଓମ୍ ଶବ୍ଦ ଲେଖିଛି ତାହା କେହି ବି କହିପାରିବେ ନାହିଁ। ଏହା ଏକ ପ୍ରାକୃତିକ ପ୍ରକ୍ରିୟା ବୋଲି କେହି କେହି ଧରି ନେଇଥାନ୍ତି। ହେଲେ ମନରେ ପ୍ରଶ୍ନ ଆସେ ଅନ୍ୟ କୋଉ ଶବ୍ଦ ନ ହୋଇ ଓଁ କାହିଁକି ଲେଖା ହେଲା। ଓଁ ତ ହିନ୍ଦୁ ଧର୍ମଶାସ୍ତ୍ର ଅନୁସାରେ ଏକ ଈଶ୍ୱରୀୟ ସତ୍ତାର ପ୍ରତୀକ। ତେବେ ଏ ପବିତ୍ର ଶବ୍ଦ କାହିଁକି ଲେଖାହେଲା ଏହି ପର୍ବତରେ। ଉତ୍ତରାଖଣ୍ଡର ଏହି ଅଞ୍ଚଳରେ ରହିଛି ଦେବଦେବ ମହାଦେବଙ୍କ ଆଦିକ୍ଷେତ୍ର ଆଦି କୈଳାସ ଓ ଏହାର କିଛି ଦୂରରେ ରହିଛି ପବିତ୍ର କୈଳାସ ପର୍ବତ ଓ ମାନସରୋବର ହ୍ରଦ। ତେଣୁ ଏହି ସ୍ଥାନରେ ଏଭଳି ପର୍ବତରେ ଓଁ ଲେଖାଯିବା ନିହାତି ସାଧାରଣ ମଣିଷଙ୍କ ମନରେ ସୃଷ୍ଟି କରୁଛି ରହସ୍ୟ। ସତରେ କ'ଣ ଏଠାରେ ଦେବତାଙ୍କ ଉପସ୍ଥିତି ରହିଛି। ତେବେ ଏ ପ୍ରାକୃତିକ ଦୃଶ୍ୟକୁ ଯେଉଁମାନେ ବି ଦେଖିଥାନ୍ତି ସେମାନଙ୍କର ମନ ଭିତରେ ଏ ରହସ୍ୟକୁ ନେଇ ବୋଧହୁଏ ରହିଥାଏ ଅନେକ ଉତ୍କଣ୍ଠା। ଉତ୍ତରାଖଣ୍ଡ ରାଜ୍ୟର ପିଥୋରାଗଡ଼ ଜିଲ୍ଲା ହେଉଛି ଦୁଇଟି ପଡ଼ୋଶୀ ଦେଶର ସୀମାନ୍ତ ଜିଲ୍ଲା। ଭାରତ-ନେପାଳ ଓ ଭାରତ-ଚୀନ୍‌ର ଏହା ହେଉଛି ସୀମାନ୍ତ ଜିଲ୍ଲା। ତେବେ ଏହି ଜିଲ୍ଲାରେ ଅନେକ ଧର୍ମପୀଠ ରହିଛି। ତା' ଭିତରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଧର୍ମପୀଠ ହେଉଛି ଆଦି କୈଳାସ ଓ ଓମ୍ ପର୍ବତ। ଏହି ଦୁଇଟି ପୀଠ ଜିଲ୍ଲାର ଏକ ଅଗମ୍ୟ ଅଞ୍ଚଳରେ ଅଞ୍ଚଳରେ ଅବସ୍ଥିତ। ପ୍ରତିବର୍ଷ ଅନେକ ଯାତ୍ରୀ ଏହି ଦୁଇଟି ପୀଠକୁ ଦର୍ଶନ କରିବା ପାଇଁ ଯାଇଥାନ୍ତି। ଆଉ ଯେତେବେଳେ ନାଭିଡାଙ୍ଗଠାରେ ଏହି ଓମ୍ ପର୍ବତକୁ ଦର୍ଶନ କରିଥାନ୍ତି, ସେତେବେଳେ ସେମାନେ ଏକ ରହସ୍ୟମୟ ସ୍ଥିତିରେ ପହଞ୍ଚିଥାନ୍ତି। ଓମ୍ ପର୍ବତ ବର୍ତ୍ତମାନ ଯେଉଁ ସ୍ଥାନରେ ରହିଛି, ତାହା ହେଉଛି ଭାରତ-ନେପାଳର ସୀମା। ଭାରତପଟକୁ ଦୃଶ୍ୟମାନ ହେଉଥିବା ପର୍ବତରେ ହିଁ ଦେଖାଦେଇଥାଏ ଓଁ। ନେପାଳ ପଟକୁ ଥିବା ପର୍ବତରେ ଏହା ଦେଖିବାକୁ ମିଳି ନ ଥାଏ। ତେବେ ସବୁଠୁ ବଡ଼ ରହସ୍ୟ ହେଉଛି ପୁରାଣ ବର୍ଣ୍ଣନା ଅନୁସାରେ ସମଗ୍ର ହିମାଳୟ ପର୍ବତାବଳୀରେ ଏହିଭଳି ୮ଟି ଓଁ ପର୍ବତ ରହିଛି। କିନ୍ତୁ ଏବେ ଏହି ଗୋଟିଏ ପର୍ବତ ହିଁ ଦୃଷ୍ଟିଗୋଚର ହେଉଛି। ପ୍ରକୃତରେ ଲୋକବିଶ୍ୱାସ ଅନୁସାରେ ଏହି ଅଞ୍ଚଳ ହେଉଛି ଦେବଦେବ ମହାଦେବ ମାତା ପାର୍ବତୀ ଓ ଗଣେଶ, କାର୍ତ୍ତିକ ଦେବଙ୍କ ବାସସ୍ଥଳୀ। ତେଣୁ ଏଠାରେ ଅନେକ ରହସ୍ୟ ଲୁଚି ରହିଛି। ତେଣୁ ଓମ୍ ପର୍ବତ ମଧ୍ୟ ସେହି ରହସ୍ୟ ମଧ୍ୟରୁ ଅନ୍ୟତମ ବୋଲି ବିଶ୍ୱାସ ରହିଛି। ତେବେ ଏମିତି ବି ପ୍ରକୃତିର ଏହି ରହସ୍ୟ ସବୁବେଳେ ମନକୁ ଉତ୍କଣ୍ଠା ଭିତରକୁ ଟାଣି ନେଇଥାଏ। ସତରେ କ'ଣ ଏହି ଅଞ୍ଚଳରେ ଦେବଦେବ ମହାଦେବ ବାସ କରୁଥିଲେ ! ଆଉ ତାଙ୍କର ଉପସ୍ଥିତିର ପ୍ରତୀକ ସ୍ୱରୂପ ଏଠାରେ ରହିଛି ଓଁ ପର୍ବତ ! ନା ଏହା କେବଳ ଏକ ପ୍ରାକୃତିକ ସଂଯୋଗ ! ତେବେ ଏ ରହସ୍ୟକୁ ଯେ ମଣିଷ ଖୋଜି ନ ଥିବ, ତାହା ନୁହେଁ। କିନ୍ତୁ ସାଧାରଣ ଧର୍ମବିଶ୍ୱାସୀ ମଣିଷମାନଙ୍କ ପାଇଁ ଓଁ ପର୍ବତ ହେଉଛି ପବିତ୍ର ଓ ଈଶ୍ୱରୀୟ ସତ୍ତାର ପ୍ରତୀକ। ଏହାପଛରେ ଥିବା ରହସ୍ୟ ସେମାନଙ୍କ ପାଇଁ ଗୌଣ। ଅବଶ୍ୟ ସନ୍ଧାନୀ ମନରେ ଖୋଜିବାକୁ ଚେଷ୍ଟାକଲେ ହୁଏତ ଏହା ପଛରେ ଥିବା କାରଣ ନିହାତି ମଣିଷ କେବେ ନା କେବେ ପାଇଥିବ ବା ପାଇବ। ହେଲେ ଶାସ୍ତ୍ର ପୁରାଣ ଅନୁସାରେ ଏହି କ୍ଷେତ୍ରରେ ରହିଛି ଈଶ୍ୱରୀୟ ସତ୍ତା। ଆଉ ଯାହାକୁ ନେଇ ଭକ୍ତ ପ୍ରତିବର୍ଷ ଏଠାକୁ ଆସିଥାନ୍ତି।

ଉପସ୍ଥାପନା
ଜାହ୍ନବୀସୁତ

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଟାର୍ଗେଟରେ ...

ଦେଶର ସାର୍ବଭୌମତ୍ୱ ସହ କୌଣସି ସାଲିସ କରାଯିବନି ବୋଲି ସ୍ପଷ୍ଟ କରିଛନ୍ତି କେନ୍ଦ୍ର ସରକାର। ସୀମାପାର ଆତଙ୍କବାଦକୁ ପ୍ରୋତ୍ସାହନ ଦେଉଥିବା ଏବଂ ବିଶ୍ୱ ପାଇଁ ସଙ୍କଟର କାରଣ ପାଲଟିଥିବା ପାକିସ୍ତାନ ସହ ଭାରତ କଥା ହେବାକୁ ଏବେବି ଆଗ୍ରହୀ ବୋଲି କହିଛନ୍ତି ଶ୍ରୀ ବାଗଲେ। ଭାରତର ସ୍ପଷ୍ଟ ନୀତି ଓ ଆଭିମୁଖ୍ୟ ଥିବା ବେଳେ ଚୀନ୍ ଆଗରେ ଭାରତ କେବେ ମୁଣ୍ଡ ନୁଆଁଇବ ନାହିଁ ବୋଲି କୂଟନୀତିଜ୍ଞମାନେ କହିଛନ୍ତି । ଏବେ ଭାରତ-ଚୀନ୍ ସୀମା ବିବାଦ ନେଇ ଦୁଇଦେଶ ମୁହାଁମୁହିଁ ସ୍ଥିତିରେ। ଏଭଳି ସମୟରେ ଚୀନ୍ ଭାରତକୁ କାଶ୍ମୀର ପ୍ରସଙ୍ଗରେ ପ୍ରସ୍ତାବ ଦେବା ଅନ୍ତର୍ଜାତୀୟ ମହଲକୁ ବିସ୍ମିତ କରିଛି।

ପୂର୍ବରୁ ପାକିସ୍ତାନକୁ ଦୃଷ୍ଟିରେ ରଖି ଭାରତ ପରମାଣୁ କ୍ଷେପଣାସ୍ତ୍ର କାର୍ଯ୍ୟକ୍ରମ ଏବେ ଚୀନ୍‌କୁ ଦୃଷ୍ଟିରେ ରଖି ସଞ୍ଚାଳିତ ହେଉଛି। ସମଗ୍ର ଚୀନ୍ ଭାରତର କ୍ଷେପଣାସ୍ତ୍ର ରେଞ୍ଜରେ ଆସୁଥିବାରୁ ଚୀନ୍ ପଟୁ ଯେକୌଣସି ବିପଦର ମୁକାବିଲା କରିବା ପାଇଁ ଭାରତ ସକ୍ଷମ ବୋଲି ଆମେରିକାର ପ୍ରତିରକ୍ଷା ବିଶେଷଜ୍ଞମାନେ ମତପ୍ରକାଶ କରିଛନ୍ତି। ଅନ୍‌ଲାଇନ୍ ମାଗାଜିନ୍ 'ଆଫ୍ଟର ମିଡ୍ ନାଇଟ୍' ପତ୍ରିକାରେ ପ୍ରକାଶିତ ପ୍ରବନ୍ଧରେ ବିଶେଷଜ୍ଞମାନେ ଦର୍ଶାଇଛନ୍ତି ଯେ ସମ୍ପ୍ରତି ଭାରତର ପରମାଣୁ ରଣନୀତି ବଦଳି ଯାଇଛି। ଏବେ କେବଳ ଚୀନ୍‌କୁ ଦୃଷ୍ଟିରେ ରଖି ଭାରତ ନିଜକୁ ସୁରକ୍ଷିତ ରଖିବା ପାଇଁ ପରମାଣୁ କ୍ଷେପଣାସ୍ତ୍ର ନିର୍ମାଣ କରୁଛି ଏବଂ ଏହି ପ୍ରକ୍ରିୟାରେ ଭାରତକୁ ଆଶାନୁରୂପ ସଫଳତା ମଧ୍ୟ ମିଳିଛି। ଅଗ୍ନି ରେଞ୍ଜର କ୍ଷେପଣାସ୍ତ୍ର ଗୁଡ଼ିକର ରେଞ୍ଜରେ ସମଗ୍ର ଚୀନ୍ ଆସୁଥିବାରୁ ଭାରତ ତା'ର କ୍ଷେପଣାସ୍ତ୍ର ବ୍ୟବସ୍ଥାକୁ ଆହୁରି ଶକ୍ତିଶାଳୀ କରିବାକୁ ଚାହୁଁଛି। ଭାରତ ପାଖରେ ଏବେ ପାଖାପାଖି ୨୦୦ ପରମାଣୁ ଅସ୍ତ୍ର ନିର୍ମାଣ ପାଇଁ ପର୍ଯ୍ୟାପ୍ତ ପ୍ଲୁଟୋନିୟମ ଗଚ୍ଛିତ ରହିଛି। ଭାରତ ଏବେ ୧୩୦ରୁ ଅଧିକ ପରମାଣୁ ଅସ୍ତ୍ର ନିର୍ମାଣ କରି ନିଜ ପାଖରେ ମହଜୁଦ ରଖିଛି। ଭାରତର ପରମାଣୁ କାର୍ଯ୍ୟକ୍ରମର ଆଧୁନିକୀକରଣ କାର୍ଯ୍ୟକ୍ରମ ଚୀନ୍‌କୁ ଦୃଷ୍ଟିରେ ରଖି ଚାଲିଥିବାରୁ ଏଥିରେ ବିଚଳିତ ହୋଇପଡିଛି ଚୀନ୍। ଚୀନ୍ ସହ ଭାରତର ଦୀର୍ଘକାଳୀନ ସୀମା ବିବାଦ ଏବଂ ଚୀନ୍‌ର ବିସ୍ତାର ଯୋଜନାକୁ ପ୍ରତିହତ କରିବା ଦିଗରେ ଭାରତ ଏବେ ନିଜର ପ୍ରତିରକ୍ଷା ବ୍ୟବସ୍ଥାକୁ ବିଶେଷ ଭାବେ ସୁଦୃଢ଼ କରିବା ଆରମ୍ଭ କରିଛି।

### 'ଦେଶର ନେତା...

ବିଜେଡି ଦଳର ସମସ୍ତ ସାଂସଦ ଓ ବିଧାୟକ ତାଙ୍କୁ ଭୋଟ ଦେବେ ଏବଂ ଦଳରେ କ୍ରସ୍ ଭୋଟିଂର ସମ୍ଭାବନା ନଥିବା କଥା ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ କହିଛନ୍ତି। ଓଡ଼ିଶା ଗସ୍ତରେ ଆସିଥିବା ଶ୍ରୀ କୋବିନ୍ଦଙ୍କୁ ନବୀନ ନିବାସରୁ ବିଦାୟ ଜଣାଇବା ବେଳେ କ୍ରସ ଭୋଟିଂ ସମ୍ପର୍କରେ ଗଣମାଧ୍ୟମ ପ୍ରତିନିଧିଙ୍କ ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ କହିଥିଲେ, ବିଜେଡିରେ ସେମିତି କିଛି ହେବ ବୋଲି ସେ ଭାବୁ ନାହାନ୍ତି। ବିରୋଧୀ ବିଜେଡିରେ କ୍ରସ୍ ଭୋଟିଂ ନେଇ ଯେଉଁ ପ୍ରସଙ୍ଗ ଉଠାଇଛନ୍ତି ତା ଉପରେ ପ୍ରତିକ୍ରିୟା ରଖି ମୁଖ୍ୟମନ୍ତ୍ରୀ ଏହାକୁ ଖଣ୍ଡନ କରିଥିଲେ। ଏହି ଅବସରରେ ସେ କହିଥିଲେ ଯେ ଶ୍ରୀ କୋବିନ୍ଦ ଦଳର ସାଂସଦ ଓ ବିଧାୟକଙ୍କୁ ଭେଟି ତାଙ୍କୁ ଭୋଟ ଦେବାକୁ କହିଛନ୍ତି। ବିଜେଡି ଶ୍ରୀ କୋବିନ୍ଦଙ୍କୁ ସମର୍ଥନ ଘୋଷଣା କରିଥିବାରୁ ଆମ ଦଳର ସମସ୍ତେ ତାଙ୍କୁ ଭୋଟ ଦେବେ ବୋଲି କହିଥିଲେ ନବୀନ।

ଦେଶର ସମ୍ବିଧାନ ସବୁଠୁ ବଡ ଏବଂ ଭାରତରେ ବିଭିନ୍ନ ଜାତି, ଧର୍ମ, ଭାଷା ଓ ଶ୍ରେଣୀର ଲୋକ ରହିଛନ୍ତି। ରାଷ୍ଟ୍ରପତି ପଦ ରାଜନୀତିଠାରୁ ଊର୍ଦ୍ଧ୍ୱରେ, ତେଣୁ ସମ୍ବିଧାନକୁ ଆଖି ଆଗରେ ରଖି ସବୁ ରାଜ୍ୟକୁ ସଙ୍ଘୀୟ ବ୍ୟବସ୍ଥା ଅନୁସାରେ ସାହାଯ୍ୟ ସହଯୋଗ ଯୋଗାଇ ଦେବା ମୋର କର୍ତ୍ତବ୍ୟ ହେବ। ପୂର୍ବ ରାଷ୍ଟ୍ରପତିମାନେ ଯେଉଁ ପରମ୍ପରା ସୃଷ୍ଟି କରିଛନ୍ତି ତାକୁ ବଜାୟ ରଖିବି। ସଙ୍ଘୀୟ ବ୍ୟବସ୍ଥା ଅନୁଯାୟୀ ଓଡ଼ିଶାର ଯାହା ପ୍ରାପ୍ୟ ସେ ସବୁ ପ୍ରଦାନ କ୍ଷେତ୍ରରେ ସହଯୋଗ କରିବା ମୋର କର୍ତ୍ତବ୍ୟ ହେବ ବୋଲି କହିଛନ୍ତି ରାଷ୍ଟ୍ରପତି ପ୍ରାର୍ଥୀ ରାମନାଥ କୋବିନ୍ଦ। ସେ କୌଣସି ନିର୍ଦ୍ଦିଷ୍ଟ ଦଳର ନୁହେଁ, ବରଂ ଦେଶର ନେତା ଭାବେ କାର୍ଯ୍ୟ କରିବେ ବୋଲି କହିଥିଲେ। ଓଡ଼ିଶାର ଇତିହାସ, ପରମ୍ପରା, ସଂସ୍କୃତି, ଆର୍ଥିକ ସ୍ଥିତି, କିଛି ବର୍ଷ ଧରି ରାଜ୍ୟରେ ଦେଖା ଦେଇଥିବା ବନ୍ୟା, ବାତ୍ୟା ସମସ୍ୟା ସମ୍ପର୍କରେ ସରକାରୀ ଦଳ ମୁଖ୍ୟ ସଚେତକ ଅମରପ୍ରସାଦ ଶତପଥୀ ବକ୍ତବ୍ୟ ରଖିଥିଲେ। ପ୍ରାକୃତିକ ବିପର୍ଯ୍ୟୟ ସତ୍ତ୍ୱେ ସବୁ କ୍ଷେତ୍ରରେ ରାଜ୍ୟର ବିକାଶ ହୋଇଥିବା ସେ କହିଥିଲେ। ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ କାର୍ଯ୍ୟ ଦକ୍ଷତା ଏବଂ ନବୀନଙ୍କ ନେତୃତ୍ୱରେ ରାଜ୍ୟର ସାମାଜିକ ଓ ଅର୍ଥନୈତିକ କ୍ଷେତ୍ରରେ ହୋଇଥିବା ବ୍ୟାପକ ପରିବର୍ତ୍ତନ ସମ୍ପର୍କରେ ସାଂସଦ ତଥାଗତ ସତପଥୀ ସୂଚନା ଦେଇଥିଲେ। ସାଂସଦ ଦିଲୀପ ତିର୍କୀ କହିଥିଲେ, ରାଜ୍ୟରେ ଜନସଂଖ୍ୟାର ୪୦% ଅନୁସୂଚିତ ଜନଜାତି ଓ ଜାତି ବର୍ଗର। ସେମାନଙ୍କ କଲ୍ୟାଣ ପାଇଁ ବିଜେଡି ସରକାର ବ୍ୟାପକ ପଦକ୍ଷେପ ନେଇଛି। ସେମାନଙ୍କ ପାଇଁ ଜଙ୍ଗଲ ଜମି ଅଧିକାର ଆଇନ କାର୍ଯ୍ୟକାରୀ କରିବା ଠାରୁ ଆରମ୍ଭ କରି ଏହି ବର୍ଗର ଛାତ୍ରଛାତ୍ରୀଙ୍କ ଶିକ୍ଷା ଗ୍ରହଣ ପର୍ଯ୍ୟନ୍ତ କାର୍ଯ୍ୟକୁ ସରକାର ଗୁରୁତ୍ୱ ଦେଇଛନ୍ତି। ବୈଠକରେ ସାଂସଦ ଭର୍ତ୍ତୃହରି ମହତାବ କେନ୍ଦ୍ର-ରାଜ୍ୟ ସମ୍ପର୍କ, ସାମ୍ବିଧାନିକ ବ୍ୟବସ୍ଥା ଏବଂ ରାଜ୍ୟର ସାମ୍ବିଧାନିକ ଅଧିକାର ସମ୍ପର୍କରେ ତଥ୍ୟ ରଖିଥିଲେ। ଏହାପରେ ନବୀନ ନିବାସକୁ ମଧ୍ୟାହ୍ନ ଭୋଜନ ପାଇଁ ଯାଇଥିଲେ ଶ୍ରୀ କୋବିନ୍ଦ। ରାମନାଥ କୋବିନ୍ଦ ଓ କେନ୍ଦ୍ରମନ୍ତ୍ରୀ ଜେ.ପି. ନଡ୍ଡାଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ନିବାସ ଠାରେ ମଧ୍ୟାହ୍ନ ଭୋଜନରେ ଆପ୍ୟାୟିତ କରିଥିଲେ। ନବୀନ ନିବାସରୁ ବିଦାୟ ନେବା ବେଳେ ଖାଦ୍ୟ ବହୁତ ସ୍ୱାଦିଷ୍ଟ ଥିବା ଶ୍ରୀ କୋବିନ୍ଦ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ଶ୍ରୀ କୋବିନ୍ଦ ନବୀନ ନିବାସରେ ମଧ୍ୟାହ୍ନ ଭୋଜନ କରିବେ ବୋଲି ତାଙ୍କ ଓଡ଼ିଶା ଗସ୍ତ କାର୍ଯ୍ୟସୂଚୀରେ ସ୍ଥାନ ପାଇଥିଲା। ସେଠାରେ ସେ ଦୋସା, ଚଟଣି ପରି ହାଲ୍‌କା ଖାଦ୍ୟ ଖାଇଥିଲେ। ରାଷ୍ଟ୍ରପତି ପ୍ରାର୍ଥୀ ଭାବେ ଲଢୁଥିବା ବିଜେଡ଼ି ତାଙ୍କୁ ପୂର୍ଣ୍ଣ ସମର୍ଥନ ଦେଇଥିବାରୁ ସେ ଦଳର ସାଂସଦ, ବିଧାୟକଙ୍କୁ ଧନ୍ୟବାଦ ଜଣାଇଥିଲେ।

### ୨୪ଟି ସ୍ପର୍ଶକାତର ...

ଏନ୍‌ଏସ୍‌ଜି ପକ୍ଷରୁ ଇନ୍‌ଫୋସିସ୍ ପରିସରରେ ମକ୍ ଡ୍ରିଲ୍ କରାଯାଇଥିଲା। ସେହିପରି ହୋଟେଲ୍ ମେ' ଫେୟାର ଓ ରାଜ୍ୟ ସଚିବାଳୟରେ ଏନ୍‌ଏସ୍‌ଜି କମାଣ୍ଡୋମାନେ ମକ୍ ଡ୍ରିଲ୍ କରିଥିଲେ। ସେମାନଙ୍କୁ ଓଡ଼ିଶା ପୋଲିସର ଏସ୍‌ଓଜି, ଏସ୍‌ଟିୟୁ ଏବଂ ଓଡ଼ିଶା ପୋଲିସର ସ୍ୱତନ୍ତ୍ର ଅଧିକାରୀମାନେ ସହଯୋଗ କରିଥିଲେ। ଏଥିରେ ସହରାଞ୍ଚଳ ଆତଙ୍କବାଦକୁ ପ୍ରତିହତ କରିବା ଲାଗି ଓଡ଼ିଶାର ନିଜସ୍ୱ ବାହିନୀ ଏସ୍‌ଟିୟୁ(ସ୍ପେଶାଲ୍ ଟାକ୍‌ଟିକାଲ୍ ୟୁନିଟ୍) ଏବଂ ମାଓବାଦୀଙ୍କ ବିରୋଧରେ ଘନ ଜଙ୍ଗଲରେ ସଂଘର୍ଷ କରୁଥିବା ଏସ୍‌ଓଜି(ସ୍ପେଶାଲ୍ ଅପରେସନ୍ ଗ୍ରୁପ) ବାହିନୀ ସାମିଲ୍ ହୋଇଥିଲେ। ଏହି ଅପରେସନ ଇଗଲ୍ କ୍ଲଜ୍‌ରେ ୫ଟି ଏସ୍‌ଟିୟୁ ଓ ୩ଟି ଏସ୍‌ଓଜି ସାମିଲ୍ ହୋଇଥିଲେ। ଏନ୍‌ଏସ୍‌ଜିର ହାଇଦ୍ରାବାଦର ଏନ୍‌ଏସ୍‌ଜି ହବ୍‌ର ୧୦ରୁ ଅଧିକ ଅଧିକାରୀ ଏବଂ ୧୩୦ଜଣ କମାଣ୍ଡୋଙ୍କୁ ଏହି ସମରାଭ୍ୟାସରେ ସାମିଲ୍ କରାଯାଇଥିବା ମହାନିର୍ଦ୍ଦେଶକ ଶ୍ରୀ ସିଂହ କହିଛନ୍ତି। ଗତ ୧୧ ଓ ୧୨ ତାରିଖ ଦୁଇ ଦିନ ଧରି ପୁଲିସ ମହାନିର୍ଦ୍ଦେଶକଙ୍କ ସହିତ ଆଲୋଚନା କରିବା ପରେ ଏହି ସମରାଭ୍ୟାସ କରାଯାଇଥିଲା। ଓଡ଼ିଶାରେ ଆତଙ୍କବାଦ ନେଇ ଯଦିଓ କୌଣସି ବଡ଼ଧରଣର ଘଟଣା ଘଟିନାହିଁ ତଥାପି ଗୁଇନ୍ଦା ତଥ୍ୟକୁ ଆଧାର କରି ଗତ ସପ୍ତାହରେ ଅଣ୍ଡରୱାର୍ଲଡ ସମ୍ପୃକ୍ତି ଥିବା ସନ୍ଦେହରେ ବ୍ରହ୍ମପୁର ଅଞ୍ଚଳରୁ ସିମ୍‌ବକ୍ସ ଅପରେଟ୍ କରୁଥିବା ୪ ଜଣ ସ୍ଥାନୀୟ ଯୁବକଙ୍କୁ ଗିରଫ କରାଯିବା, କିଛି ମାସ ତଳେ ଏକ୍ୟୁଆଇଏସ୍ ସମ୍ପୃକ୍ତି କଟକ ଜଗତପୁର ନିକଟ ପଶ୍ଚିମକଚ୍ଛରୁ ଅବ୍‌ଦୁଲ୍ ରେହମାନ୍‌ଙ୍କୁ ଠାବ କରାଯିବା ଭଳି ଘଟଣା ଏବଂ ରାଉରକେଲାରୁ ୫ ଜଣ ସିମି ଆତଙ୍କବାଦୀଙ୍କୁ ଗିରଫ କରାଯିବା ପରେ ଓଡ଼ିଶାରେ ଆତଙ୍କବାଦୀ ପୃଷ୍ଠଭୂମିର ସୁରାକ୍ ମିଳିଛି। ନିକଟରେ ବରିଷ୍ଠ ପୁଲିସ ଅଧିକାରୀଙ୍କ ବୈଠକ ଅମରାନାଥରେ ଆତଙ୍କବାଦୀଙ୍କ ଆକ୍ରମଣ ଘଟଣା ପରେ ୪ଟି ରାଜ୍ୟର ଶୈବପୀଠଗୁଡ଼ିକ ଆତଙ୍କବାଦୀଙ୍କ ନିଶାଣରେ ଥିବା ନେଇ ଗୁଇନ୍ଦା ଖବର ମିଳିବା ଏନ୍‌ଏସ୍‌ଜିର ମକ୍‌ଡ୍ରିଲ୍‌କୁ ଅଧିକ ତ୍ୱରାନ୍ୱିତ କରାଯାଇଛି। ଆତଙ୍କବାଦୀ ଆକ୍ରମଣ ସମୟରେ ଓଡ଼ିଶା ପୁଲିସ ସହିତ ଏନ୍‌ଏସ୍‌ଜି କିପରି ତାଳମେଳ ରଖି ଏହାକୁ ପ୍ରତିରୋଧ କରିବ ମକ୍‌ଡ୍ରିଲ୍‌ର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଜଣେ ଗୁଇନ୍ଦା ଅଧିକାରୀ କହିଛନ୍ତି। ଓଡ଼ିଶାର ପ୍ରମୁଖ ପର୍ଯ୍ୟଟନସ୍ଥଳୀ ଶ୍ରୀମନ୍ଦିର, ଶ୍ରୀଲିଙ୍ଗରାଜ ଏବଂ ରାଜଧାନୀର ସଚିବାଳୟ, ବିମାନବନ୍ଦର, ବିଧାନସଭା ଓ ରାଜଭବନର ସୁରକ୍ଷା ବ୍ୟବସ୍ଥାକୁ ମଧ୍ୟ ଏନ୍‌ଏସ୍‌ଜି ଅଧିକାରୀମାନେ ଅନୁଧ୍ୟାନ କରିଛନ୍ତି। ଏନ୍‌ଏସ୍‌ଜିର ଆଇଜି ଶଶାଙ୍କ ଶେଖର ମିଶ୍ରଙ୍କ ନେତୃତ୍ୱରେ ଆସିଥିବା କମାଣ୍ଡୋଙ୍କୁ ନେଇ ହୋଇଥିବା ମିଳିତ ସମରାଭ୍ୟାସ୍‌କୁ ଗୁଇନ୍ଦା ନିର୍ଦ୍ଦେଶକ ସୁନିଲ୍ ରାୟ, ପୁଲିସ କମିଶନର ଯୋଗେଶ ବାହାଦୂର ଖୁରାନିଆ, ଆଇଜି ଅପରେସନ୍ ଆର୍ ପି କୋଚେ, ଡିସିପି ସତ୍ୟବ୍ରତ ଭୋଇ ଓ ଏସ୍‌ଓଜି କମାଣ୍ଡାଣ୍ଟ ଅନୁପ କ୍ରିଷ୍ଣା ପ୍ରମୁଖ ସହଯୋଗ କରିଥିଲେ।

### ବିଶ୍ୱରେ ...

ଅପ୍ରତ୍ୟକ୍ଷ ଟିକସ ମାମଲାରେ କେନ୍ଦ୍ରୀୟ ତଥା ରାଜ୍ୟ ଟିକସଗୁଡ଼ିକ ଶେଷ କରି ସରକାର ଦ୍ରବ୍ୟ ଓ ସେବା ଟିକସ (ଜିଏସ୍‌ଟି) ଲାଗୁ କରିଛନ୍ତି। ମୋଦି ସରକାରଙ୍କ ଏହା ସର୍ବବୃହତ୍ ସୁଧାରମୂଳକ ପଦକ୍ଷେପ। ଆଇସିଡିର ରିପୋର୍ଟ ଅନୁଯାୟୀ, ଭାରତ ସରକାରଙ୍କ ପରେ କ୍ୟାନାଡା ପ୍ରଧାନମନ୍ତ୍ରୀ ଜଷ୍ଟିସ୍ ଟ୍ରୁଡୋଙ୍କ ସରକାରର ସ୍ଥାନ ରହିଛି। କ୍ୟାନାଡା ସରକାରଙ୍କୁ ଦେଶର ୬୨% ନାଗରିକଙ୍କ ସମର୍ଥନ ମିଳିଛି। ସେହିପରି ୩ୟରେ ଥିବା ତୁର୍କୀର ରସେପେ ତାଇପେ ଏର୍ଡୋଗନ୍‌ଙ୍କ ସରକାରଙ୍କୁ ତାଙ୍କ ଦେଶର ୫୮% ନାଗରିକ ସମର୍ଥନ ଦେଉଛନ୍ତି। ୟୁରୋପୀୟ ସଂଘରୁ ବାହାରିଥିବା ବ୍ରିଟେନରେ ୪୧% ଲୋକ ପ୍ରଧାନମନ୍ତ୍ରୀ ଥେରେସା ମେ'ଙ୍କ ସରକାରଙ୍କ ଉପରେ ବିଶ୍ୱାସ ରହିଥିବା ବେଳେ ଆମେରିକାର ଡୋନାଲ୍ଡ ଟ୍ରମ୍ପଙ୍କ ସରକାର ଉପରେ ୩୦% ଆମେରିକୀୟଙ୍କ ବିଶ୍ୱାସ ରହିଛି। ଲୋକଙ୍କ ବିଶ୍ୱାସ କ୍ଷେତ୍ରରେ ଇଜିପ୍ଟ ସରକାର ତାଲିକାର ଶେଷ ସ୍ଥାନରେ ରହିଛନ୍ତି। ଇଜିପ୍ଟ ସରକାରଙ୍କ ଉପରେ ତାଙ୍କ ଦେଶର କେବଳ ୧୩% ଜନତା ବିଶ୍ୱାସ ରଖିଛନ୍ତି।

### ୨ କୋଟି ଦେଇ ...

ଏଠାରେ ରହିବା ଦିନଠାରୁ ସେ ଭିଆଇପି ଟ୍ରିଟ୍‌ମେଣ୍ଟ ପାଇବା ସହ ସ୍ୱତନ୍ତ୍ର ସୁବିଧା ପାଇଁ ଆବେଦନ କରିଥିଲେ। ଆଇନ୍‌ଗତ ଦୃଷ୍ଟିରୁ ସେ ଏଥିରେ ବଞ୍ଚିତ ହୋଇଥିଲେ। ତେଣୁ ଜେଲ୍ ଅଧିକାରୀଙ୍କୁ ୨ କୋଟି ଟଙ୍କା ଲାଞ୍ଚ ଦେଇ ଏଭଳି ସୁବିଧା ହାସଲ କରିଥିବା ଅଭିଯୋଗ ଆସିଛି। ଜେଲ୍ ବିଭାଗ ପୋଲିସ ଡିଆଇଜି ଡି.ରୂପା ଏ ସଂକ୍ରାନ୍ତରେ ଅଭିଯୋଗ ଆଣି ରିପୋର୍ଟ ପ୍ରଦାନ କରିବା ପରେ ଏଭଳି ତଥ୍ୟ ଲୋକଲୋଚନକୁ ଆସିଛି। ଲାଞ୍ଚ ଦେଇ ଜେଲ୍‌ରେ ବିଳାସମୟ ଜୀବନ ବିତାଉଥିବା ରିପୋର୍ଟରେ ଦର୍ଶାଯିବା ପରେ କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟା ଏହାର ଉଚ୍ଚସ୍ତରୀୟ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଜେଲ୍ ବିଭାଗ ଡିଆଇଜି ଡି.ରୂପାଙ୍କ ରିପୋର୍ଟ ଅନୁଯାୟୀ ଶଶିକଳା ନିଜ ବିଭାଗର ଡିଜି ଏଚ୍‌ଏନ୍‌ଏସ୍ ରାଓଙ୍କ ସମେତ କେତେଜଣ ବରିଷ୍ଠ ଅଧିକାରୀଙ୍କୁ ସ୍ୱତନ୍ତ୍ର ସୁବିଧା ସୁଯୋଗ ହାସଲ ପାଇଁ ୨ କୋଟି ଟଙ୍କା ଲାଞ୍ଚ ଦେଇଛନ୍ତି। ତେବେ ଜେଲ୍ ବିଭାଗ ଡିଜି ସତ୍ୟନାରାୟଣ ରାଓ ଏହି ରିପୋର୍ଟକୁ ଅସ୍ୱୀକାର କରିଛନ୍ତି। ଯେକୌଣସି ତଦନ୍ତର ସମ୍ମୁଖୀନ ହେବାକୁ ସେ ପ୍ରସ୍ତୁତ ବୋଲି ମଧ୍ୟ କହିଛନ୍ତି।

### ହେବ ଫୋନ୍ ...

ଇମେଲ୍ ଟ୍ରାକିଂ କରିବାର ଦାୟିତ୍ୱ ନେଇଛି। ଏନେଇ ଥିବା ଏକ ବିଭାଗୀୟ ପ୍ରସ୍ତାବକୁ ସର୍ବୋଚ୍ଚ ସ୍ତରରେ ମଞ୍ଜୁରୀ ମିଳିସାରିଥିବା ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ତାଙ୍କ ସୂଚନା ଅନୁସାରେ, ସବୁ ସମୟରେ ଲୋକମାନଙ୍କ ଫୋନ୍ ଟ୍ୟାପିଙ୍ଗ୍ କରାଯିବ ନାହିଁ। କେବଳ ସନ୍ଦେହ ସୃଷ୍ଟି ହେଲେ ବା ମଝିରେ ମଝିରେ ଏକ ରୁଟିନ୍ ଢଙ୍ଗରେ ବିଭିନ୍ନ ଲୋକଙ୍କ ଫୋନ୍ ପ୍ରତିଦିନ ତିନି ମିନିଟ୍ ପାଇଁ ଟ୍ୟାପ୍ କରାଯିବ। ତେବେ ଏହି ଟ୍ୟାପିଙ୍ଗ୍ ପାଇଁ କୌଣସି ନିର୍ଦ୍ଦିଷ୍ଟ ସମୟ ରଖାଯାଇନାହିଁ। ଏହା କେତେବେଳେ ବି କରାଯାଇପାରିବ ବୋଲି ସେ କହିଛନ୍ତି। ୨୦୧୧ ଜନଗଣନା ରିପୋର୍ଟ ଅନୁସାରେ ରାଜ୍ୟର ୧,୭୩,୯୦୦ ଜଣ ବ୍ୟକ୍ତି ଲ୍ୟାଣ୍ଡଲାଇନ୍ ଫୋନ୍ ବ୍ୟବାହାର କରୁଥିବା ବେଳେ ୧,୩୫,୨୨୫ ଜଣ ବ୍ୟକ୍ତି ମୋବାଇଲ୍ ଫୋନ୍ ବ୍ୟବହାର କରୁଛନ୍ତି। ସେହିପରି ୨,୩୧,୮୬୬ ଜଣ ବ୍ୟକ୍ତି ଉଭୟ ଫୋନ୍ ବ୍ୟବହାର କରୁଛନ୍ତି। ମାତ୍ର ଜନଗଣନାକୁ ଇତି ମଧ୍ୟରେ ଛଅ ବର୍ଷ ବିତି ଗଲାଣି। ବର୍ତ୍ତମାନ ମୋବାଇଲ୍ ଡାଟା ଶସ୍ତା ହେବା କାରଣରୁ ଅଧିକାଂଶ ଲୋକ ମୋବାଇଲ୍ ଫୋନ୍ ଏବଂ ଇଣ୍ଟରନେଟ୍ ବ୍ୟବହାର କରୁଛନ୍ତି। ତେଣୁ ଜନଗଣନାର ରିପୋର୍ଟରେ ଦିଆଯାଇଥିବା ତଥ୍ୟ ଠାରୁ ଫୋନ୍ ଏବଂ ଇଣ୍ଟରନେଟ୍ ବ୍ୟବହାରକାରୀଙ୍କ ସଂଖ୍ୟା ଯଥେଷ୍ଟ ଅଧିକ ହେବ ବୋଲି ନିଃସନ୍ଦେହରେ କୁହାଯାଇପାରେ। ରାଜ୍ୟରେ ଅପରାଧିକ ଗତିବିଧି ବଢ଼ି ଚାଲିଛି। ବ୍ରହ୍ମପୁର ଠାରୁ ଅଣ୍ଡରୱାର୍ଲ୍ଡ ଲିଙ୍କ୍‌ର ପୁଲିସକୁ ସୁରାକ ମିଳିଛି। କଟକରୁ ଆତଙ୍କବାଦୀଙ୍କ ସହ ଲିଙ୍କ୍ ଅଭିଯୋଗରେ ଅବ୍‌ଦୁର ରେହମାନ ନାମକ ଜଣେ ବ୍ୟକ୍ତିଙ୍କୁ ଗିରଫ କରାଯାଇସାରିଛି। ସେହିପରି ନୂଆନୂଆ କୌଶଳ ଆପଣାଇ ଲୋକମାନେ ଟ୍ୟାକ୍ସ ଫାଙ୍କିବା ପାଇଁ ଯୋଜନା ମଧ୍ୟ ପ୍ରସ୍ତୁତ କରୁଛନ୍ତି। ଏହିସବୁ କାରଣରୁ ଲୋକମାନଙ୍କ ଫୋନ୍ ଟ୍ୟାପ୍ କରିବା ପାଇଁ ପୁଲିସର ଏକ ସ୍ୱତନ୍ତ୍ର ଟିମ୍ କାର୍ଯ୍ୟ କରିବ। ଅତିରିକ୍ତ ଡିଜି କ୍ରାଇମବ୍ରାଞ୍ଚ ଏହି ଦାୟିତ୍ୱରେ ରହିବେ। ଏହି ନୂତନ ଟିମ୍ ଭୁବନେଶ୍ୱର ସ୍ଥିତି କମିଶନରେଟ୍ ବିଲଡିଂରେ କାର୍ଯ୍ୟ କରିବ ବୋଲି ମଧ୍ୟ ସୂଚନା ମିଳିଛି। ପୂର୍ବରୁ ଏହି ବ୍ୟବସ୍ଥା ଦିଲ୍ଲୀ, ମୁମ୍ବାଇ ଏବଂ ଚେନ୍ନାଇରେ କାର୍ଯ୍ୟକାରୀ ହେଉଛି। ସାଧାରଣରେ ଏକଥା ପ୍ରଚାର କରାଯାଉନଥିଲେ ମଧ୍ୟ ସ୍ଥାନୀୟ ପୁଲିସ୍ ଲୋକମାନଙ୍କ କଲ୍ ରେକର୍ଡ କରିଥାନ୍ତି। ପରେ ଏନେଇ ତର୍ଜମା କରି ପୁଲିସ୍ ବିଭିନ୍ନ ମାମଲାର ତଦନ୍ତ କରିଥାଏ। ମାତ୍ର ଏହି ବ୍ୟବସ୍ଥାଟି ପୂର୍ବରୁ ଓଡ଼ିଶାରେ କାର୍ଯ୍ୟକାରୀ କରାଯାଉନଥିଲା। ଯଦି କୌଣସି ଅପରାଧ ସହିତ ସମ୍ପୃକ୍ତ ବ୍ୟକ୍ତିଙ୍କ କଲ୍ ଟ୍ରାକିଙ୍ଗ୍ ବା ଟ୍ୟାପିଙ୍ଗ କରିବା ପାଇଁ ଦରକାର ପଡ଼େ, ତା'ହେଲେ ସ୍ଥାନୀୟ ଏସପିଙ୍କ ଜରିଆରେ ଗୃହ ବିଭାଗର ଅନୁମତି ମଗାଯାଇଥାଏ। ଅନୁମତି ମିଳିବା ପରେ କ୍ରାଇମବ୍ରାଞ୍ଚ ଅତିରିକ୍ତ ଡିଜି ସମ୍ପୃକ୍ତ ସର୍ଭିସ୍ ପ୍ରୋଭାଇଡର୍ କମ୍ପାନୀକୁ ସହଯୋଗ କରିବା ପାଇଁ ଚିଠି ଲେଖିଥାନ୍ତି। କିନ୍ତୁ ବର୍ତ୍ତମାନ ଲାଗୁ କରାଯାଉଥିବା ନୂତନ ବ୍ୟବସ୍ଥା ଅନୁସାରେ ସାରା ରାଜ୍ୟର ଯେକୌଣସି ଲୋକଙ୍କ ଫୋନକୁ ଟ୍ୟାପ୍ କରାଯାଇପାରିବ। ଏଥିପାଇଁ ରାଜ୍ୟରେ କାର୍ଯ୍ୟ କରୁଥିବା ସମସ୍ତ ମୋବାଇଲ୍ ସର୍ଭିସ୍ ପ୍ରୋଭାଇଡର୍ କମ୍ପାନୀଗୁଡ଼ିକୁ ଚିଠି ଲେଖାଯାଇଛି। ଚିଠିରେ ତଥ୍ୟ ଦେବା ଏବଂ ଟ୍ୟାପିଙ୍ଗ୍ କରିବା ପାଇଁ ପୁଲିସକୁ ସହାୟତା କରିବା ପାଇଁ କୁହାଯାଇଛି।

### ପ୍ରତି ଥାନାରେ ...

ଭୁବନେଶ୍ୱରରେ ୨୦୦ଟି ସ୍ଥାନ ଓ କଟକରେ ୧୦୦ଟି ସ୍ଥାନ ଚିହ୍ନଟ କରାଯିବ। ଭୁବନେଶ୍ୱର ସ୍ମାର୍ଟସିଟି ହେବା ପରେ ସହରର ପ୍ରତ୍ୟେକ ଛକରେ ଟ୍ରାଫିକ ସିଗ୍‌ନାଲ୍ ସହିତ ସିସିଟିଭି ଲଗାଯିବା ଲାଗି ବ୍ୟୟ ଅଟକଳ କରାଯାଇଛି। ଏହାବ୍ୟତୀତ ଅନ୍ୟ ସମ୍ବେଦଶୀଳ ସ୍ଥାନ ମଧ୍ୟରେ ଶିକ୍ଷାନୁଷ୍ଠାନ, ସପିଂ ମଲ୍, ଛାତ୍ରୀନିବାସ, ପାର୍କ ଓ ଗୁରୁତ୍ୱପୂର୍ଣ୍ଣ ରାସ୍ତାର ଦୁଇ ପ୍ରମୁଖ ଛକରେ ମଧ୍ୟ ନିର୍ଭୟା ପ୍ରକଳ୍ପରେ ସିସିଟିଭି ଲଗାଯିବ। ପ୍ରତ୍ୟେକ ସ୍ଥାନରେ ୬ରୁ ୧୦ଟି କ୍ୟାମେରା ଲଗାଯିବ ବୋଲି ପୁଲିସ କମିଶନର ଶ୍ରୀ ଖୁରାନିଆ ସୂଚନା ଦେଇଛନ୍ତି। ସେହିପରି ମହିଳା ଓ ଶିଶୁଙ୍କ ଉପରେ ସର୍ବସାଧାରଣ ସ୍ଥାନରେ ଘଟୁଥିବା ଅପରାଧ ସ୍ଥଳରେ ତୁରନ୍ତ ସହାୟତା ଲାଗି ପହଞ୍ଚିବା ଲାଗି ପ୍ରତ୍ୟେକ ଥାନାରେ ଗୋଟିଏ ଲେଖାଏଁ 'ଶକ୍ତି ଟିମ୍' ଗଠନ କରାଯିବ। ଏହି ଶକ୍ତି ଟିମ୍‌ରେ ଅଧିକ ସଂଖ୍ୟାରେ ପ୍ରଶିକ୍ଷଣପ୍ରାପ୍ତ ମହିଳା ପୁଲିସ କର୍ମଚାରୀ ରହିବେ। ପ୍ରତ୍ୟେକ ଥାନାର ଶକ୍ତି ଟିମ୍‌କୁ ସ୍ୱତନ୍ତ୍ର ଭାବେ ଜିପିଏସ୍ ଓ ସିସିଟିଭି କ୍ୟାମେରା ଖଞ୍ଜା ଯାଇଥିବା ବୋଲେରୋ ଗାଡି ପ୍ରଦାନ କରାଯିବ।

### ବିଶ୍ୱ ଐତିହ୍ୟ ...

ସର୍ବଶେଷରେ ପୋଲଣ୍ଡର କାର୍କୋ ବୈଠକ ଭିତରକନିକାର ଭାଗ୍ୟ ସମ୍ପର୍କରେ ନିଷ୍ପତ୍ତି ଗ୍ରହଣ କରିବ ବୋଲି ଜଣାପଡିଥିଲା। ୟୁନିସ୍କୋର ଅନୁଷ୍ଠିତ ଏହି ବୈଠକରେ ଭିତରକନିକା ସମ୍ପର୍କରେ ପ୍ରଦାନ କରାଯାଇଥିବା ତଥ୍ୟ ତ୍ରୁଟିପୂର୍ଣ୍ଣ ଓ ସତ୍ୟରହିତ ବୋଲି ଦର୍ଶାଯାଇଛି। କାରଣ ରାଜ୍ୟ ସରକାର ଭିତରକନିକା ଜାତୀୟ ଉଦ୍ୟାନ ସଂଲଗ୍ନ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟକୁ ବିଶ୍ୱର ସବୁଠୁ ବଡ଼ କଇଁଛ ଅଣ୍ଡାଦାନ ସ୍ଥଳ ବୋଲି ଦର୍ଶାଇଥିଲେ। କିନ୍ତୁ ମେକ୍ସିକୋ ଓ କୋଷ୍ଟାରିକା ବେଳାଭୂମିରେ ଏହାଠାରୁ ଅଧିକ କଇଁଛ ଅଣ୍ଡା ଦେଉଥିବା ବୈଠକରେ ଉପସ୍ଥାପିତ ହୋଇଛି। ସେହିପରି ଭିତରକନିକାରେ ପଶ୍ଚିମବଙ୍ଗ ସୁନ୍ଦରବନଠାରୁ ଅଧିକ ୭୧ ପ୍ରକାର ହେନ୍ତାଳ ଗଛ ରହିଛି ବୋଲି ରାଜ୍ୟ ସରକାର ୟୁନେସ୍କୋକୁ ତଥ୍ୟ ପ୍ରଦାନ କରିଥିବା ବେଳେ କମିଟିର ଅନୁଧ୍ୟାନରୁ ଏହା ସମ୍ପୂର୍ଣ୍ଣ ଅସତ୍ୟ ବୋଲି ଗ୍ରହଣ କରାଯାଇଛି। ରାଜ୍ୟ ସରକାର ପୃଥିବୀର ବୃହତ୍ତମ ହେନ୍ତାଳବଣ ଭିତରକନିକାରେ ରହିଥିବା ଦର୍ଶାଇବା ବେଳେ ସୁନ୍ଦରବନକୁ ପୃଥିବୀର ବୃହତ୍ତମ ହେନ୍ତାଳବଣ ଭାବେ କମିଟି ଗ୍ରହଣ କରିଛି। ଏ ସମସ୍ତ ତଥ୍ୟ ଗତକାଲି ୱାର୍ଲଡ ହେରିଟେଜ୍ ଅଧିବେଶନର ୱେବସାଇଟରେ ପ୍ରକାଶ ପାଇଛି। ଏହା ପରେ ରାଜ୍ୟ ତଥା ଦେଶର ପରିବେଶବିତ୍, ପ୍ରାଣୀ ବିଜ୍ଞାନୀ ଓ ଜଙ୍ଗଲ ବିଭାଗ କର୍ମଚାରୀଙ୍କ ମଧ୍ୟରେ ନୈରାଶ୍ୟ ଖେଳି ଯାଇଛି। ତେବେ ୟୁନିସ୍କୋ ଦ୍ୱାରା ପ୍ରେରିତ ଆଇୟୁସିଏନର ୨ ସଦସ୍ୟ ଭିତରକନିକାର ବିଭିନ୍ନ ଅଞ୍ଚଳ ଗସ୍ତ କରିବା ପରେ ପ୍ରତିକୂଳ ମନ୍ତବ୍ୟ ଦେଇଥିବାରୁ ଏହା ବିଶ୍ୱ ଐତିହ୍ୟ ମାନ୍ୟତାରେ ସାମିଲ ହୋଇପାରିଲା ନାହିଁ ବୋଲି ପରିବେଶବିତ୍‌ମାନେ ସନ୍ଦେହ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ରାଜନଗର ବନଖଣ୍ଡ ଅଧିକାରୀ ବିମଳ ପ୍ରସନ୍ନ ଆଚାର୍ଯ୍ୟଙ୍କୁ ପଚାରିବାରୁ, ସମ୍ପୂର୍ଣ୍ଣ ତଥ୍ୟ ଆମର ହସ୍ତଗତ ହୋଇନାହିଁ। ଭିତରକନିକା ପ୍ରତ୍ୟାଖ୍ୟାତ ହୋଇଥିଲେ ଏହା ଆମ ସମସ୍ତଙ୍କ ପାଇଁ ଦୁଃଖଦାୟକ ଘଟଣା ବୋଲି କହିଛନ୍ତି। ରାଜ୍ୟ ସରକାରଙ୍କ ତ୍ରୁଟିପୂର୍ଣ୍ଣ ତଥ୍ୟ ଏକ କାରଣ ହୋଇଥାଇପାରେ ମାତ୍ର ଅନ୍ୟ କେତେକ କାରଣରୁ ଭିତରକନିକାକୁ ଏହି ମାନ୍ୟତା ମିଳନଥାଇପାରେ ବୋଲି ପରିବେଶବିତ୍ ତଥା ଓଡ଼ିଶା ୱାଇଲ୍ଡ ଲାଇଫ୍ ସୋସାଇଟିର ସେକ୍ରେଟାରୀ ଡ. ବିଶ୍ୱଜିତ ମହାନ୍ତି କହିଛନ୍ତି। ସେ କହିଛନ୍ତି ୟୁନେସ୍କୋ ଯେତେବେଳେ ବିଶ୍ୱଐତିହ୍ୟର ମାନ୍ୟତା କୌଣସି ସ୍ଥାନକୁ ଦେଇଥାଏ ସେତେବେଳେ ସମ୍ପୃକ୍ତ ସଂସ୍ଥା ବର୍ତ୍ତମାନର ସ୍ଥିତି ନୁହେଁ ବରଂ ଆଗକୁ ପାଞ୍ଚ ଦଶ ବର୍ଷ ମଧ୍ୟରେ ସମ୍ପୃକ୍ତ ଅଞ୍ଚଳର କ'ଣ ସ୍ଥିତି ରହିବ ତାକୁ ମଧ୍ୟ ବିଚାରକୁ ନେଇଥାଏ। ଏହି ଅଭୟାରଣ୍ୟ ନିକଟରେ ରହିଥିବା ଧାମରା ବନ୍ଦର, ପାରାଦୀପ ବନ୍ଦରର ସଂପ୍ରସାରଣ ଏବଂ ରେଙ୍ଗାଲୀ କେନାଲର ନିର୍ମାଣ କାରଣରୁ ଭିତରକନିକା ଅଭୟାରଣ୍ୟର ପ୍ରଭୂତ କ୍ଷତି ଘଟିବ। ସେଥିପାଇଁ ଏହାକୁ ବିଶ୍ୱ ଐତିହ୍ୟର ମାନ୍ୟତା ଦିଆଯାଇନଥାଇ ପାରେ ବୋଲି ସେ କହିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ ଧାମରା ବନ୍ଦରର ତୈଳ ବିଚ୍ଛୁରଣ ଏବଂ ରେଙ୍ଗାଲି କେନାଲ ନିର୍ମାଣ ହେଲେ ଅତ୍ୟଧିକ ଲୁଣା ପାଣି କାରଣରୁ ଭିତରକନିକା ଅଭୟାରଣ୍ୟରେ ଥିବା ହେନ୍ତାଳ ପ୍ରଜାତି ନଷ୍ଟ ହୋଇଯିବାର ଆଶଙ୍କା ରହିଛି। ଏହି ସବୁ କାରଣ ମଧ୍ୟ ୟୁନେସ୍କୋ ବିଚାରକୁ ନେଇଥାଇ ପାରେ ବୋଲି ସେ କହିଛନ୍ତି।

ଏକମାତ୍ର
ଅନୁସନ୍ଧାନ ପରେ ଖବର
Bhubaneswar, 17th - 23rd July, 2017
ଭୁବନେଶ୍ୱର, ୧୭ - ୨୩ ଜୁଲାଇ, ୨୦୧୭





# ‘ଓଲି’ ପଛର ଯୁବକଙ୍କୁ ସମ୍ମାନିତ କଲେ ମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର :** କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ଏସୀୟ ଦୌଡକୁଦ ପ୍ରତିଯୋଗିତାରେ ଆକର୍ଷଣ ସାଜିଥିବା ମାସ୍କଟ ଓଲିକୁ ସମ୍ମାନିତ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ସଚିବାଳୟରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ଓଲି ଦାୟିତ୍ୱ ତୁଲାଇଥିବା ୩ଜଣ ଯୁବକ ଦିନେଶ ରାଉତରାୟ, ଉପେନ୍ଦ୍ର ଜେନା ଓ ସତ୍ୟନାରାୟଣ ଶ୍ରୀଚନ୍ଦନଙ୍କୁ ମୁଖ୍ୟମନ୍ତ୍ରୀ ଆର୍ଥିକ ପୁରସ୍କାର ପ୍ରଦାନ କରିବା ସହିତ ସହିତ ସମ୍ମାନିତ କରିଥିଲେ। ପ୍ରତ୍ୟେକଙ୍କୁ ୨୫ ହଜାର ଟଙ୍କା ଲେଖାଏଁ ୩ ଜଣଙ୍କୁ ମୋଟ ୭୫ ହଜାର ଟଙ୍କା ପ୍ରଦାନ କରିଥିଲେ। ଏହି ପ୍ରତିଯୋଗିତାରେ ମାସ୍କଟ ଓଲି ଭୂମିକା ଗ୍ରହଣ କରିଥିବା ଯୁବକମାନେ ପ୍ରତିଯୋଗିତାକୁ ଲୋକପ୍ରିୟତା କରାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ଏଥିପାଇଁ ବେଶ୍ ଚର୍ଚ୍ଚାରେ ଥିଲା ଓଲି। ତେଣୁ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ଏହି ଯୁବକମାନଙ୍କୁ ମଧ୍ୟ ଧନ୍ୟବାଦ ଜଣାଇଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ କ୍ରୀଡା ଓ ଯୁବ ସେବା ବିଭାଗ ମନ୍ତ୍ରୀ ଚନ୍ଦ୍ରସାରଥି ବେହେରା ସ୍ୱାଗତଭାଷଣ ପ୍ରଦାନ କରିବା ସହିତ ଓଲିମାନଙ୍କୁ ଦାୟିତ୍ୱ ସଠିକ ଭାବେ ପରିଚାଳନା କରିଥିବାରୁ ଶୁଭେଚ୍ଛା ଜଣାଇଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢୀଙ୍କ ସମେତ ବିଭିନ୍ନ ବିଭାଗର ପ୍ରମୁଖ ସଚିବ ଓ ସଚିବମାନେ ଉପସ୍ଥିତ ଥିଲେ। କ୍ରୀଡା ସଚିବ ବିଶାଲ ଦେବ ଓଲି ଭୂମିକା ଗ୍ରହଣ କରିଥିବା ଯୁବକମାନଙ୍କ ସଂକ୍ଷିପ୍ତ ପରିଚୟ ପ୍ରଦାନ କରିଥିଲେ। ଓଲି ଭୂମିକା ତୁଲାଇଥିବା ଉପେନ୍ଦ୍ର ଜେନା ଅଭିଜ୍ଞତା ବର୍ଣ୍ଣନା କରି କହିଥିଲେ ଯେ, ଓଲି ଭାବରେ କାର୍ଯ୍ୟ କରିବା କଷ୍ଟଦାୟକ। କିନ୍ତୁ ବହୁତ ଆନନ୍ଦ ମିଳିଛି। ଲୋକମାନଙ୍କ ଭଲ ପାଇବା , ସ୍ନେହ, ଶ୍ରଦ୍ଧା ଓ ଉତ୍ସାହରେ ସବୁ କଷ୍ଟ ଭୁଲି ଯାଇଥିଲି ବୋଲି କହିଛନ୍ତି। ସେହିପରି ଦିନେଶ ରାଉତରାୟ କୁହନ୍ତି, ସୋସିଆଲ ମିଡିଆରେ ଓଲିର ଚିତ୍ର ବହୁଳ ଭାବେ ପ୍ରସାରିତ ହୋଇଥିବାରୁ ବହୁତ ଆନନ୍ଦିତ । ଲୋକଙ୍କ ଭଲ ପାଇବା ସବୁ କଷ୍ଟକୁ ଦୂର କରିଦେଇଥିଲା ବୋଲି କହିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଦୃଢ ନେତୃତ୍ୱରେ ଓଡିଶା ଏଭଳି ଏକ ବିଶ୍ୱସ୍ତରୀୟ ପ୍ରତିଯୋଗିତା ସଫଳ ଭାବରେ ଆୟୋଜନ କରିପାରିଥିବାରୁ ଓଲି ଭୂମିକା ତୁଲାଇଥିବା ଯୁବକମାନେ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଥିଲେ। ସୂଚନାଯୋଗ୍ୟ ଯେ,ଏସୀୟ ଦୌଡକୁଦ ପ୍ରତିଯୋଗିତା ଲାଗି ଅଲିଭ ରିଡ୍‌ଲେ (ଓଲି)କୁ ମାସ୍କଟ ଭାବେ ଗ୍ରହଣ କରାଯାଇଥିଲା।

# ଓଡ଼ିଆ ଖେଳାଳିଙ୍କୁ ସମ୍ବର୍ଦ୍ଧିତ କଲେ ଡ. ସାମନ୍ତ



**ଭୁବନେଶ୍ୱର :** ରାଜ୍ୟରେ ପ୍ରଥମଥର ଲାଗି ଏସୀୟ ଦୌଡକୁଦ ପ୍ରତିଯୋଗିତାରେ ପଦକ ହାସଲ କରିଥିବା ଓଡିଆ ଆଥଲେଟଙ୍କୁ କିଟ୍ ଓ କିସ୍ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇ ଆର୍ଥିକ ପୁରସ୍କାର ପ୍ରଦାନ କରାଯାଇଛି । ଏହି ପ୍ରତିଯୋଗିତାରେ ଭାରତୀୟ ଦଳ ଚାମ୍ପିଅନ୍ ହୋଇଥିବା ବେଳେ ଖେଳାଳିମାନେ ରେକର୍ଡ଼ ସଂଖ୍ୟକ ପଦକ ହାସଲ କରିପାରିଛନ୍ତି। ସୂଚନାଯୋଗ୍ୟ ଯେ ଏସିଆନ୍ ଆଥ୍ଲେଟିକ୍ ଚାମ୍ପିଅନ୍‌ସିପ୍‌ରେ ଯେଉଁ ଓଡ଼ିଆ ଖେଳାଳିମାନେ ପଦକ ହାସଲ କରିବେ ସେମାନଙ୍କୁ ସମ୍ବର୍ଦ୍ଧିତ କରିବା ସହ ଅର୍ଥରାଶି ପୁରସ୍କାର ପ୍ରଦାନ କରାଯିବ ବୋଲି ପୂର୍ବରୁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ ଘୋଷଣା କରିଥିଲେ। ଏହି ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ଖେଳାଳିଙ୍କୁ ୩ଲକ୍ଷ, ରୌପ୍ୟ ପଦକ ବିଜେତାଙ୍କୁ ୨ଲକ୍ଷ ଏବଂ ବ୍ରୋଞ୍ଜ ପଦକ ବିଜେତାଙ୍କୁ ୧ଲକ୍ଷ ୫୦ହଜାର ଟଙ୍କା ଅର୍ଥରାଶି ପୁରସ୍କାର ଆକାରରେ ପ୍ରଦାନ କରାଯିବା ପାଇଁ ଏକ ଉତ୍ସବର ଆୟୋଜନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ପଦକ ବିଜେତା ଓଡ଼ିଆ ଖେଳାଳିଙ୍କୁ ବୁଧବାର ସମ୍ବର୍ଦ୍ଧିତ କରାଯିବା ସହ ଅର୍ଥରାଶି ପୁରସ୍କାର ପ୍ରଦାନ କରାଯାଇଥିଲା। ସମ୍ବର୍ଦ୍ଧିତ ଖେଳାଳିଙ୍କ ମଧ୍ୟରେ ଦୂତୀ ଚାନ୍ଦ ଉଭୟ ୪ ଗୁଣା ୧୦୦ମିଟର ରିଲେ ରେସ୍ ଓ ୧୦୦ ମିଟର ଦୌଡ଼ରେ ବ୍ରୋଞ୍ଜ ପାଇଥିବାରୁ ତାଙ୍କୁ ୩ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିବା ବେଳେ ଶ୍ରାବଣୀ ନନ୍ଦ ୪ ଗୁଣା ୧୦୦ମିଟର ରିଲେ ରେସ୍‌ରେ ବ୍ରୋଞ୍ଜ ପାଇଥିବାରୁ ତାଙ୍କୁ ଦେଢ଼ ଲକ୍ଷ ଓ ପୂର୍ଣ୍ଣିମା ହେମ୍ବ୍ରମ୍ ହେପ୍ଟାଥଲନ୍‌ରେ ବ୍ରୋଞ୍ଜ ପାଇଥିବାରୁ ତାଙ୍କୁ ମଧ୍ୟ ଦେଢ଼ଲକ୍ଷ ଟଙ୍କା ଆର୍ଥିକ ପୁରସ୍କାର ସହ ସମ୍ବର୍ଦ୍ଧିତ କରାଯାଇଥିଲା। ଏହା ବ୍ୟତୀତ ନିକଟରେ ଦିଲ୍ଲୀଠାରେ ଅନୁଷ୍ଠିତ ରାଜ୍ୟଗୋଷ୍ଠୀ ଚେସ୍ ଚାମ୍ପିଅନ୍‌ସିପ୍ ୧୪ବର୍ଷରୁ କମ୍ ବର୍ଗରେ ସ୍ୱର୍ଣ୍ଣପଦକ ଲାଭ କରିଥିବା ସାଇନା ସାଲୋନିକା, ଦୂତୀ ଚାନ୍ଦଙ୍କ କୋଚ୍ ଏନ୍. ରମେଶ, ଶ୍ରାବଣୀଙ୍କ କୋଚ୍ ନୀଳମାଧବ ଦେଓ, ଧାବକ ଅମୀୟ ମଲ୍ଲିକ୍, ଜଉନା ମୁର୍ମୁ, ପୂର୍ଣ୍ଣିମାଙ୍କ କୋଚ୍ ସଞ୍ଜୟ ଗଡ଼ନାୟକଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଅଲମ୍ପିଆନ ଅନୁରାଧା ବିଶ୍ୱାଳ, ଫୁଟବଲ୍ କୋଚ୍ ଶ୍ରଦ୍ଧାଞ୍ଜଳି ସାମନ୍ତରାୟ, କ୍ରିକେଟର୍ ଶିବ ସୁନ୍ଦର ଦାସ, ଦେବାଶିଷ ମହାନ୍ତି, ସିଆର୍‌ପିଏଫ୍ ଆଇଜି କମଳକାନ୍ତ ଶର୍ମା ପ୍ରମୁଖ ଉପସ୍ଥିତ ରହି ପଦକ ବିଜେତାଙ୍କୁ ସମ୍ବର୍ଦ୍ଧିତ କରିବା ସହ ଅର୍ଥରାଶି ପୁରସ୍କାର ପ୍ରଦାନ କରିଥିଲେ।

# ଏସୀୟ ଦୌଡ଼କୁଦ ପରେ ଏବେ ବିଶ୍ୱ ହକି ଲିଗ୍ ଚିନ୍ତା

**ଭୁବନେଶ୍ୱର :** ବିଶ୍ୱ କ୍ରୀଡାରେ ସ୍ୱତନ୍ତ୍ର ସ୍ଥାନ ହାସଲ କରିପାରିଥିବା କଳିଙ୍ଗ ଷ୍ଟାଡିୟମ ଏସୀୟ ଦୌଡକୁଦ ପ୍ରତିଯୋଗିତା ସଫଳତାର ସହିତ ପରିଚାଳନା ପରେ ଏବେ ଆଉ ଏକ ବିଶ୍ୱସ୍ତରୀୟ ପ୍ରତିଯୋଗିତା ଉପରେ ନଜର କେନ୍ଦ୍ରିଭୂତ କରିଛି। ଆସନ୍ତା ନଭେମ୍ବରରେ ହେବାକୁ ଥିବା ବିଶ୍ୱ ହକି ଲିଗ୍ ଫାଇନାଲ ଉପରେ ନଜର ରହିଛି। ନଭେମ୍ବରରେ ୬ ଗୋଟି ରାଷ୍ଟ୍ରକୁ ନେଇ କଳିଙ୍ଗ ଷ୍ଟାଡିୟମରେ ବିଶ୍ୱ ହକି ଲିଗ୍ ଫାଇନାଲ ଖେଳାଯିବ। ଉକ୍ତ ପ୍ରତିଯୋଗିତାକୁ ଆୟୋଜନ ନେଇ ଓଡିଶାକୁ ଦାୟିତ୍ୱ ମିଳିବା ପରେ ସରକାର ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି। କଳିଙ୍ଗ ଷ୍ଟାଡିୟମରେ ବର୍ତ୍ତମାନ ଦର୍ଶକ କ୍ଷମତା ୫ ହଜାର ରହିଥିବାବେଳେ ଏହାକୁ ୧୫ ହଜାରକୁ ବୃଦ୍ଧି କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଏଥିଲାଗି ଷ୍ଟାଡିୟମ ଗ୍ୟାଲେରୀ ବୃଦ୍ଧି ଓ ଖେଳାଳି ଡ୍ରେସିଂ ରୁମକୁ ଅତ୍ୟାଧୁନିକ ଢାଞ୍ଚାରେ ଗଢିତୋଳିବା ଲାଗି ମଧ୍ୟ ନିଷ୍ପତ୍ତି ହୋଇଛି।ଏହଛଡା ଏ ସମ୍ପର୍କରେ କ୍ରୀଡା ଓ ଯୁବ ସେବା ବିଭାଗ ସଚିବ ବିଶାଲ ଦେବ କୁହନ୍ତି, ଆସନ୍ତା ନଭେମ୍ବରରେ ବିଶ୍ୱ ହକି ଲିଗ୍ ଫାଇନାଲ ଓ ୨୦୧୮ ଡିସେମ୍ବରରେ ହେବାକୁ ଥିବା ପୁରୁଷ ବିଶ୍ୱକପ ହକି ପ୍ରତିଯୋଗିତା ଲାଗି ପ୍ରସ୍ତୁତି ଆରମ୍ଭ ହୋଇଛି। ଏଥିପାଇଁ ସ୍ୱତନ୍ତ୍ର ଆର୍ଥିକ ବ୍ୟୟବରାଦ ହେବା ସହିତ କାର୍ଯ୍ୟ ଆରମ୍ଭ ହୋଇଛି। ପ୍ରଥମେ ବିଶ୍ୱ ହକି ଲିଗ୍ ପରିଚାଳନା ନେଇ ସବୁ ପ୍ରକାର ପ୍ରସ୍ତୁତି କାର୍ଯ୍ୟ ଆରମ୍ଭ ହେବ ବୋଲି କହିଛନ୍ତି। ପୂର୍ବରୁ କଳିଙ୍ଗ ଷ୍ଟାଡିୟମରେ ଚମ୍ପିଆନ୍ସ ଟ୍ରଫି ହକି , ହକି ଇଣ୍ଡିଆ ଲିଗ୍ ସଫଳତାର ସହିତ ପରିଚାଳିତ ହୋଇଥିବାରୁ ବିଶ୍ୱ ହକି ଲିଗ୍‌ରେ କୌଣସି ସମସ୍ୟା ସୃଷ୍ଟି ହେବାର ସମ୍ଭାବନା ନାହିଁ।




## ଅସମାହିତ ରହସ୍ୟ ଓ ରୋମାଞ୍ଚିତ ପ୍ରେମ

# ଲାଷ୍ଟ୍ ସମର




**ଭୁବନେଶ୍ୱର :** ଜୀବନ ଓ ମୃତ୍ୟୁ; ଦୁଇଟି ବାସ୍ତବ କଥା। କିନ୍ତୁ ପ୍ରେମର ମୃତ୍ୟୁ ହୋଇ ନ ଥାଏ; ଏହା ଚିରନ୍ତନ ଓ ଅମର। ଏଭଳି ଏକ ବଳିଷ୍ଠ କାହାଣୀକୁ ରିଲ୍‌ସ୍ ଆଣ୍ଡ ରିଲ୍‌ସ ଏଂଟରଟେନ୍‌ମେ ବ୍ୟାନରରେ ପ୍ରସ୍ତୁତ ଭିଡିଓ ଆଲବମ୍ ଏବେ କମାଲ୍ କରିଛି ୟୁ-ଟ୍ୟୁବ୍‌ରେ। ସ୍ମିତ ପଟ୍ଟନାୟକ ପ୍ରଯୋଜିତ ଓ ଆଝାର ଅଲ୍ଲୀ ନିର୍ଦ୍ଦେଶିତ ଏହି ଆଲବମ୍‌ରେ ମୁଖ୍ୟ ଭୂମିକାରେ ଅଛନ୍ତି ଜ୍ୟୋତି ପ୍ରକାଶ ପଣ୍ଡା ଓ ନବାଗତା ପ୍ରତ୍ୟୁଷା ରାୟ। ଆଲ୍‌ବମ୍‌ରେ ଦୁହିଁଙ୍କ ଅଭିନୟ ଓ ଲଭ୍ କେମେଷ୍ଟ୍ରୀକୁ ୟ୍ୟୁଟ୍ୟୁବରେ ଦୁଇ ଦିନରେ ୫୦ ହଜାରରୁ ଅଧିକ ଦର୍ଶକଙ୍କ ଦ୍ୱାରା ଆଦୃତ ହୋଇ ସାଉଁଟିଛି ଢେର ସାରା ପ୍ରଶଂସା। ପ୍ରଥମ କରି ଅଭିନୟରେ ପାଦ ଥାପି ନିଜ ଅଭିନୟର ଜଲୱା ଦେଖାଇଛନ୍ତି ପ୍ରତ୍ୟୁଷା। ଆଲବମ୍‌ରେ ତାଙ୍କ ଦମ୍‌ଦାର ଅଭିନୟ ଓ ପ୍ରଥମ କରି ନିର୍ଦ୍ଦେଶନା ଦେଇଥିବା ଆଝାରଙ୍କ କଳାତ୍ମକ ରୂପରେଖ ଦର୍ଶକଙ୍କୁ କରିଛି ବିଭୋର। ପ୍ରଯୋଜନା ଓ ଗୀତ ରଚନାର ଦ୍ୱୈତ ଭୂମିକା ନିର୍ବାହ କରିଛନ୍ତି ସ୍ମିତ ପଟ୍ଟନାୟକ ଏବଂ ସଂଗୀତ ନିର୍ଦ୍ଦେଶନା ଦେଇଛନ୍ତି ଅର୍ସଦ ନିଜାମ୍। ଆଲବମ୍‌ରେ ସତ୍ୟଜିତ୍‌ଙ୍କ ମ୍ୟାଜିକାଲ୍ ଭଏସ୍ ସହିତ ଶେଷ ପର୍ଯ୍ୟନ୍ତ ଦୁହିଁଙ୍କ ଭିତରେ ଥିବା ପ୍ରେମ ଓ ରୋମାଞ୍ଚକୁ ଦର୍ଶକଙ୍କୁ ଭରପୁର ମନୋରଞ୍ଜନ ଦେଇଛି। ଆମ୍‌ରା ମ୍ୟୁଜିକ୍ ପକ୍ଷରୁ ପ୍ରସ୍ତୁତ ଏହି ଭିଡିଓ ଆଲବମ୍ ଆଗକୁ ଓଡିଆ ଦର୍ଶକଙ୍କୁ ଅଧିକରୁ ଅଧିକ ଓଡିଆ ଆଲବମ୍ ପ୍ରସ୍ତୁତ କରିବ ବୋଲି ପ୍ରଯୋଜକ ଶ୍ରୀ ପଟ୍ଟନାୟକ ସୂଚନା ଦେଇଛନ୍ତି।



ସ୍ମାର୍ଟସିଟି ଭୁବନେଶ୍ୱର : ଚକେଇସିଆଣି ମୁଖ୍ୟରାସ୍ତାରେ କୁଢ଼କୁଢ଼ ଅଳିଆ

## କଳିଙ୍ଗ ହସ୍ପିଟାଲ ସୂଚନାଫଳକରେ ଭାଷାକୁ ଅବଜ୍ଞା

# ବଙ୍ଗଳା ଅଛି, ଓଡ଼ିଆ ନାହିଁ




**ଭୁବନେଶ୍ୱର :** ଶାସ୍ତ୍ରୀୟ ମାନ୍ୟତା ଲାଭ କରିଥିବା ଓଡ଼ିଆ ଭାଷାର ପ୍ରଚାର ପ୍ରସାର ପାଇଁ ରାଜ୍ୟ ସରକାରଙ୍କ ସହିତ ବିଭିନ୍ନ ଅନୁଷ୍ଠାନ ଅଣ୍ଟା ଭିଡ଼ିଥିଲା ବେଳେ ଏହାକୁ ଖୋଲା ଉଲ୍ଲଂଘନ କରୁଛି ରାଜ୍ୟର ପ୍ରତିଷ୍ଠିତ ଚିକିତ୍ସାଳୟ କଳିଙ୍ଗ ହସ୍ପିଟାଲ। ଏହି ହସ୍ପିଟାଲର ଅଭ୍ୟର୍ଥନା ପ୍ରକୋଷ୍ଠରେ ଲାଗିଥିବା ଫଳକକୁ ଦେଖିଲେ ସହଜରେ ଅନୁମେୟ ଯେ ହସ୍ପିଟାଲ କର୍ତ୍ତୃପକ୍ଷ କିଭଳି ଭାବେ ଓଡ଼ିଆ ଭାଷାକୁ ହତାଦର କରି ଇଂରାଜୀ, ହିନ୍ଦୀ ଓ ବଙ୍ଗଳା ଭାଷାରେ ସୂଚନା ଫଳକ ଲଗାଇଛନ୍ତି। ଯେ କୌଣସି ଓଡ଼ିଆଙ୍କୁ ଏହା ନିଶ୍ଚୟ ବ୍ୟଥିତ କରିବ। ହେଲେ ଖୋଦ୍ ରାଜଧାନୀରେ ଥିବା ଏହି ହସ୍ପିଟାଲ ଓଡ଼ିଆ ଭାଷାକୁ ଅବହେଳା କରି ଅନ୍ୟ ଭାଷାରେ ସୂଚନା ପ୍ରଦାନ କରିବାର କାରଣ କ'ଣ ତାହା ସହଜରେ ବୁଝିହେଉନାହିଁ। ଏଣୁ ଭାଷା ଆଇନର କାର୍ଯ୍ୟକାରିତାରେ ଦମ୍ ନ ଥିବା ଜଣାପଡୁଛି। ଓଡ଼ିଆ ଭାଷାକୁ ସରକାରୀସ୍ତରରେ କାର୍ଯ୍ୟକାରୀ କରାଯାଉଛି ବୋଲି ସରକାର ଡିଣ୍ଡିମ ପିଟୁଥିବା ବେଳେ ସରକାରଙ୍କଠାରୁ ଜମି ନେଇ ହସ୍ପିଟାଲ ପ୍ରତିଷ୍ଠା କରିଥିବା କଳିଙ୍ଗ ହସ୍ପିଟାଲ କର୍ତ୍ତୃପକ୍ଷ କେଉଁ ସାହସରେ ଓଡ଼ିଆ ଭାଷାକୁ ଉପେକ୍ଷା କରୁଛନ୍ତି, ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ବିଭାଗୀୟ କର୍ତ୍ତୃପକ୍ଷ ତୁରନ୍ତ ଏ ଦିଗରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଦାବି ହେଉଛି।

Printed, Published and Owned by **Rasmita Patra**, Published at Flat-003, Mahadev Orchid, Cosmopolis Road, Dumduma, Bhubaneswar-19, Dist- Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● Editorial Office : HIG-137, Dharma Vihar, Khandagiri, Bhubaneswar, Odisha, PIN-751030, Phone : 7008340389 (Editorial), Email : ekamaatra@gmail.com

Chief Editor : **Bibhuti Bhusan Patra**
ମୁଖ୍ୟ ସମ୍ପାଦକ : ବିଭୁତି ଭୂଷଣ ପାତ୍ର

Managing Editor : **Laxmipriya Dash**
ପରିଚାଳନା ସମ୍ପାଦିକା : ଲକ୍ଷ୍ମୀପ୍ରିୟା ଦାଶ

Editor : **Tarak Mohanty**
ସମ୍ପାଦକ : ତାରକ ମହାନ୍ତି